

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୨୯ ଜୁନ୍ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 29 June 2024

Vol.No. 35 ■ No.173 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ବୁଡ଼ାଇଲା, ଭସାଇଲା: ୮୮ ବର୍ଷର ରେକର୍ଡ ଭାଙ୍ଗିଲା

### ■ଭୁଶୁଡ଼ିଲା ଏୟାରପୋର୍ଟର ଟର୍ମିନାଲ-୧ର ଛାତ: ଜଣେ ମୃତ, ୬ ଗୁରୁତର
### ■ମୃତକଙ୍କ ପରିବାରକୁ ୨୦ ଲକ୍ଷ ଓ ଆହତଙ୍କୁ ୩ ଲକ୍ଷ ଟଙ୍କା ଘୋଷଣା





ନୂଆଦିଲ୍ଲୀ, ୨୮/୬ : ଗୁରୁବାର ଠାରୁ ଦିଲ୍ଲୀ-ଏନସିଆରରେ ଆରମ୍ଭ ହୋଇଥିବା ଅବିଶ୍ରାନ୍ତ ବର୍ଷା ରାଜଧାନୀରେ ଭୟଙ୍କର ସ୍ଥିତି ସୃଷ୍ଟି କରିଛି। କୃତ୍ରିମ ବନ୍ୟାରେ ଉବୁଟୁବୁ ହୋଇଛି ଦିଲ୍ଲୀ। ସାଂସଦ ଓ ମନ୍ତ୍ରୀଙ୍କ ଘରେ ପଶିଛି ପାଣି। ଲଗାଣ ବର୍ଷା ଯୋଗୁ ରାସ୍ତାରେ ପାଣି ସୁଅ ମାରିଛି। ଟ୍ରାଫିକ ଜାମ ସାଂଘାତିକ ସ୍ଥିତି ସୃଷ୍ଟି କରିଛି। କେବଳ ତଳିଆ ଅଞ୍ଚଳ ନୁହେଁ, ଗୁରୁତ୍ୱପୂର୍ଣ୍ଣ ରାସ୍ତା ଗୁଡ଼ିକରେ ପାଣି ଜମି ରହିବାରୁ ସାଧାରଣ ଲୋକ ହନ୍ତସନ୍ତ ହୋଇଛନ୍ତି। ଦିଲ୍ଲୀକୁ ବୁଡ଼ାଇଥିବା ଓ ଭସାଇଥିବା ଲଗାଣ ବର୍ଷା ୮୮ ବର୍ଷର ରେକର୍ଡ ଭାଙ୍ଗିଛି। ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଗୁରୁବାର ସକାଳ ୮.୩୦ରୁ ଶୁକ୍ରବାର ସକାଳ ୮.୩୦ ଅର୍ଥାତ ୨୪ ଘଣ୍ଟା ମଧ୍ୟରେ ଦିଲ୍ଲୀରେ ୨୨୮ ମିମି ବର୍ଷା ରେକର୍ଡ କରାଯାଇଛି। ୧୯୩୬ ପରେ ଦିଲ୍ଲୀରେ କେବେ ବି ଏଭଳି ସ୍ଥିତି ଦେଖିବାକୁ ମିଳି ନଥିଲା। ୧୯୩୬ ମସିହା ଜୁନ ମାସରେ ଦିଲ୍ଲୀରେ ସର୍ବାଧିକ ୨୩୫.୫ ମିମି ବର୍ଷା ରେକର୍ଡ କରାଯାଇଥିଲା। ଜୁନ ମାସରେ ସାଧାରଣତଃ ଦିଲ୍ଲୀରେ ୮୦.୬ ମିମି ବର୍ଷା ହୋଇଥାଏ। କିନ୍ତୁ ୨୪ ଘଣ୍ଟାରେ ୨୨୮ ମିମି ବର୍ଷା ହୋଇଛି। ଲଗାଣ ବର୍ଷା ଦିଲ୍ଲୀ-ଏନସିଆବାସୀଙ୍କୁ ଗଭୀର ଭାବେ ପ୍ରଭାବିତ କରିଛି। ସାଧାରଣ ଲୋକମାନେ ପାଣି ଜମି ରହିବା ସମସ୍ୟା ସହ ଭୟଙ୍କର ଟ୍ରାଫିକ ଜାମରେ ପଡ଼ିଥିଲେ। ଅନ୍ୟପକ୍ଷରେ ଦିଲ୍ଲୀବାସୀ ଦୀର୍ଘ ୨ ମାସ ହେଲା ଭୋଗୁଥିବା ଅସହ୍ୟ ଗ୍ରୀଷ୍ମ ପ୍ରବାହରୁ ଲଗାଣ ବର୍ଷା ଯୋଗୁ ଆଶ୍ୱସ୍ତି ପାଇଛନ୍ତି। ଦିଲ୍ଲୀରେ ଆଜି ତାପମାତ୍ରା ୨୪.୭ ଡିଗ୍ରୀ ରେକର୍ଡ କରାଯାଇଛି, ଯାହା ସ୍ୱାଭାବିକ ତାପମାତ୍ରା ଠାରୁ ୩.୨ ଡିଗ୍ରୀ କମ। ପ୍ରବଳ ବର୍ଷା ଯୋଗୁ ଭୁଶୁଡ଼ି ପଡ଼ିଛି ଦିଲ୍ଲୀ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରର ଟର୍ମିନାଲ-୧ର ଛାତ। ଅଘଟଣରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୬ ଜଣ ଗୁରୁତର ▶▶ପୃଷ୍ଠା ୭

## ଜୁନ ୩୦ରେ ଅବସର ନେବେ ପ୍ରଦୀପ ଜେନା, ମୁଖ୍ୟ ଶାସନ ସଚିବ ହେଲେ ମନୋଜ ଆହୁଜା



ଭୁବନେଶ୍ୱର, ୨୮/୬ (ନି.ପ୍ର): ମନୋଜ ଆହୁଜା ଆଜି ରାଜ୍ୟର ନୂଆ ମୁଖ୍ୟ ଶାସନ ସଚିବ ଭାବେ ନିଯୁକ୍ତି ପାଇଛନ୍ତି। ମନୋଜ ଆହୁଜାଙ୍କ ନିଯୁକ୍ତି ନେଇ ସାଧାରଣ ପ୍ରଶାସନ (ଜିଏ) ଓ ସାଧାରଣ ଅଭିଯୋଗ (ପିଜି) ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୧୯୯୦ ବ୍ୟାଚ୍‌ର ବରିଷ୍ଠ ଆଇଏଏସ୍ ମନୋଜ ଆହୁଜା ନିକଟରେ କେନ୍ଦ୍ରୀୟ ଡେପୁଟେସନରୁ ଫେରିଥିଲେ। ସେ କେନ୍ଦ୍ର କୃଷି ଓ କୃଷକ ସଶକ୍ତୀକରଣ ସଚିବ ଥିଲେ। ବର୍ତ୍ତମାନର ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଜୁନ୍ ୩୦ ତାରିଖରେ ଅବସର ନେବେ। ସେ ଅବସର ଗ୍ରହଣ କରିବା ପରେ ମନୋଜ ଆହୁଜା ନୂଆ ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିବେ। ମୁଖ୍ୟ ଶାସନ ସଚିବ ସହିତ ମନୋଜ ଆହୁଜା ସାଧାରଣ ପ୍ରଶାସନ (ଜିଏ) ଓ ସାଧାରଣ ଅଭିଯୋଗ (ପିଜି)ର ସଚିବ ଭାବେ ମଧ୍ୟ ଦାୟିତ୍ୱ ଗ୍ରହଣ କରିବେ। ଶ୍ରୀ ଆହୁଜା ଚଳିତ ବର୍ଷ ଡିସେମ୍ବରରେ ସରକାରୀ ଚାକିରିରୁ ଅବସର ନେବେ। ଅବଶ୍ୟ ତାଙ୍କର କାର୍ଯ୍ୟକାଳକୁ ରାଜ୍ୟ ସରକାର ପରବର୍ତ୍ତୀ ସମୟରେ ବୃଦ୍ଧି କରିପାରନ୍ତି। ନୂଆ ମୁଖ୍ୟ ଶାସନ ସଚିବ ନିଯୁକ୍ତି ଶେଷ ହୋଇଯାଇଥିବାରୁ ଏବେ ରାଜ୍ୟରେ ପ୍ରଶାସନିକ କ୍ଷେତ୍ରରେ ବଡ଼ ଧରଣର ଅଦଳବଦଳ ହେବା ଏକ ପ୍ରକାର ନିଶ୍ଚିତ। ଏମିତିକି ଉନ୍ନୟନ କମିଶନରଙ୍କଠୁ ଆରମ୍ଭ କରି ସମସ୍ତ ବିଭାଗର ସଚିବଙ୍କୁ ମଧ୍ୟ ନୂଆ ଦାୟିତ୍ୱ ମିଳିପାରେ। କେନ୍ଦ୍ରୀୟ ଡେପୁଟେସନରେ ଥିବା ମନୋଜ ଆହୁଜାଙ୍କୁ ଓଡ଼ିଶା ଫେରାଇବା ପାଇଁ ରାଜ୍ୟର ପ୍ରଥମ ବିଜେପି ସରକାର କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲେ। କେନ୍ଦ୍ର ସରକାର ଶ୍ରୀ ଆହୁଜାଙ୍କ ଗୃହ କ୍ୟାଡରକୁ ଫେରିଯିବାକୁ ଅନୁମତି ଦେଇଥିଲେ। ତେଣୁ ଆଶା କରାଯାଉଥିଲା ତାଙ୍କୁ ମୁଖ୍ୟ ଶାସନ ସଚିବ କରିବା ପାଇଁ ରାଜ୍ୟ ସରକାର ମନସ୍ଥ କରିଛନ୍ତି। ମୁଖ୍ୟ ଶାସନ ସଚିବ ଭାବେ ନିଯୁକ୍ତି ପାଇବା ପରେ ମନୋଜ ଆହୁଜା କହିଛନ୍ତି ଯେ ସେ ଓଡ଼ିଶା ଫେରିବାକୁ ନେଇ ଖୁସି ଅଛନ୍ତି। ସେ ସପ୍ତାହକ ଭିତରେ ଓଡ଼ିଶା ଫେରିବେ।

## ରଥଯାତ୍ରାରେ ଚାଲିବ ୩୧୫ ସ୍ୱତନ୍ତ୍ର ଟ୍ରେନ୍



ଭୁବନେଶ୍ୱର, ୨୮/୬ (ନି.ପ୍ର): ରଥଯାତ୍ରାରେ ଚାଲିବ ୩୧୫ ସ୍ୱତନ୍ତ୍ର ଟ୍ରେନ୍। ଗତ ବର୍ଷ ଅପେକ୍ଷା ଏଥର ଅଧିକ ଟ୍ରେନ୍ ଚାଲିବ। ଆଜି ଏନେଇ ସୂଚନା ଦେଇଛନ୍ତି ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସମେତ ଦୁଇ ଉପମୁଖ୍ୟମନ୍ତ୍ରୀ ରେଳ ମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପରେ ରେଳ ମନ୍ତ୍ରୀ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ନେଇ ସୂଚନା ଦେଇଛନ୍ତି। ତାସହ ଏଥର ରଥଯାତ୍ରାରେ ଅଧିକ ବ୍ୟବସ୍ଥା ହେବ। ୧୫ ହଜାର ଯାତ୍ରୀ ପୁରୀ ଷ୍ଟେସନରେ ରହଣୀ ନେଇ ବି ବ୍ୟବସ୍ଥା ହେବ ବୋଲି ସେ ଦୋହରାଇଛନ୍ତି।

## ବିଜେଡି ନେତ୍ରୀଙ୍କ ଦ୍ୱାରା ପରିଚାଳିତ ଢାବାରେ ଲାଗିଲା ଲଟ୍‌କା




ଭୁବନେଶ୍ୱର, ୨୮/୬ (ନି.ପ୍ର): ବିଜେଡିର ଜଣେ ଆଗଧାଡ଼ିର ନେତ୍ରୀଙ୍କ ଦ୍ୱାରା ପରିଚାଳିତ ବଲ୍ଲେ ବଲ୍ଲେ ଢାବାରେ ଲାଗିଲା ଲଟ୍‌କା। ବିଡିଓଙ୍କ ନିର୍ଦ୍ଦେଶରେ ଲଟକା ଲଗାଇଛନ୍ତି ବ୍ଲକ୍ ପଞ୍ଚାୟତ ଅଧିକାରୀ। ଏହାକୁ ନେଇ ଯାଜପୁର ରାଜନୀତିରେ ହଇଚଇ ସୃଷ୍ଟି ହୋଇଛି। ଏହା ପରେ ବିଜେଡି ବିଧାୟକଙ୍କ ହାତବାରିସୀ ସାଜିଥିବା ଅଧିକାରୀ ଓ କର୍ମଚାରୀଙ୍କ ଭିତରେ ଛନକା ପଶିଛି। ନେଉଳପୁରରେ ରହିଛି ଧର୍ମଶାଳା ଭବନ। ସରକାରୀ, ବିଧାୟକ ଓ ସାଂସଦ ପାଣ୍ଠିରେ ଏହି ଭବନ ତିଆରି କରାଯାଇଥିଲା। ରାଜସ୍ୱ ବଢ଼ାଇବା ପାଇଁ ପ୍ରଶାସନ ପକ୍ଷରୁ ଏହି ଭବନ ନିର୍ମାଣ କରାଯାଇଥିଲା। ହେଲେ ଏହାର ରକ୍ଷାବେକ୍ଷଣା ଦାୟିତ୍ୱ କାହା ପାଖରେ ରହିଛି, ସେ ସମ୍ପର୍କରେ ବ୍ଲକ ପ୍ରଶାସନ ପାଖରେ ଖବର ନଥିଲା। ଏପରିକି ଧର୍ମଶାଳା ଭବନ ପରିସରରେ ଥିବା ବେଆଇନ ଢ଼ାବାକୁ ଜଣେ ବିଜେଡି ନେତ୍ରୀଙ୍କ ହାତକୁ ଟେକି ଦିଆଯାଇଥିଲା। ସେଠାରେ ହାଇଫାଇ ଢାବା ଚାଲିଥିଲା। ଆଜି ସେହି ରଙ୍ଗୀଲା ଢାବାରେ ଲାଗିଛି ଲଟ୍‌କା। ଧର୍ମଶାଳା ବିଡିଓଙ୍କ ନିର୍ଦ୍ଦେଶରେ ଲଟ୍‌କା ଲଗାଇଛି ପ୍ରଶାସନ। ସେହି ସମୟରେ ଢାବାରେ କୌଣସି କର୍ମଚାରୀ ନଥିବା ଦେଖିବାକୁ ମିଳିଛି। ସୂଚନାରୁ ପ୍ରକାଶ, ୨୪ ତାରିଖରେ ଧର୍ମଶାଳା ବିଧାୟକରେ ସମୀକ୍ଷା ବୈଠକ ବସିଥିଲା। ବୈଠକରେ ନବନିର୍ବାଚିତ ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇଥିଲେ। ଏଥିରେ ବିଡିଓ ଓ ଅନ୍ୟ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ▶▶ପୃଷ୍ଠା ୭

## ବଚସା ନେଲା ଉଗ୍ରରୂପ: ଛାତ୍ରଙ୍କୁ ଛୁରୀ ଭୁସିଲେ ଛାତ୍ର

ଗଞ୍ଜାମ, ୨୮/୬ (ନି.ପ୍ର): ସାମାନ୍ୟ ବଚସା ନେଲା ଉଗ୍ର ରୂପ। ଜଣେ ଛାତ୍ରଙ୍କୁ ଛୁରୀ ଭୁସିଲେ ଅନ୍ୟ ଜଣେ ଛାତ୍ର। ଘଟଣା ଘଟିଛି ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ରଘୁନାଥ ହାଇସ୍କୁଲରେ ଏହି ଘଟଣା ଘଟିଛି। ଆହତ ଛାତ୍ରଙ୍କୁ ବ୍ରହ୍ମପୁର ଏମକେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଉଭୟ ଛାତ୍ର ନବମ ଶ୍ରେଣୀର। ଆଜି ସକାଳେ କୌଣସି କଥାକୁ ନେଇ ଦୁଇ ଛାତ୍ରଙ୍କ ମଧ୍ୟରେ କଥାକଟାକଟି ହୋଇଥିଲା। ପରେ ଜଣେ ଛାତ୍ର ଉତ୍‌କ୍ଷିପ୍ତ ହୋଇ ଅନ୍ୟ ଜଣେ ଛାତ୍ରଙ୍କୁ ଛୁରୀ ଭୁସି ଦେଇଥିବା ଅଭିଯୋଗ ହୋଇଛି। ଆହତ ଛାତ୍ରଙ୍କୁ ପ୍ରଥମେ ଶେରଗଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ପରେ ଅବସ୍ଥା ସଂକଟାପନ ହେବାରୁ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ଏମକେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଛାତ୍ରଙ୍କ ଛାତିରେ ଆଘାତ ଲାଗିଛି। ପୁଲିସ ଅନ୍ୟ ଜଣେ ଛାତ୍ରଙ୍କୁ ଅଟକ ରଖି ପଚରାଉଚରା କରୁଛି। ପୂର୍ବରୁ ମଧ୍ୟ ଟ୍ୟୁସନରେ ଦୁଇ ଛାତ୍ରଙ୍କ ମଧ୍ୟରେ କଥାକଟି ହୋଇଥିବା ଜଣାଯାଇଛି।

## ଆଜି ୩ ଜିଲ୍ଲାରେ ପ୍ରବଳ ବର୍ଷିବ: ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର, ୨୮/୬ (ନି.ପ୍ର): ବଙ୍ଗୋପସାଗରରେ ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟରେ ଜାରି ରହିଛି ବର୍ଷା। ଆହୁରି ୩ ଦିନ ରାଜ୍ୟରେ ବର୍ଷା ଜାରି ରହିବ। ଆଜି ୩ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ, ଆଜି ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। କିଛି ସ୍ଥାନରେ ମୂଷଳଧାରରେ ବର୍ଷା ହେବ। ଆଜି ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ୩ ଜିଲ୍ଲା ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ଭଦ୍ରକକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏସବୁ ଜିଲ୍ଲାର କିଛି ସ୍ଥାନରେ ୧୨ରୁ ୨୦ ସେଣ୍ଟିମିଟର ଯାଏ ବର୍ଷା ହୋଇପାରେ। ସେହିପରି ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, ଢେଙ୍କାନାଳ, ଅନୁଗୋଳ, କଟକ, ପୁରୀ ଓ ଖୋର୍ଦ୍ଧା ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ▶▶ପୃଷ୍ଠା ୭

## ପାଣି ଟାଙ୍କି କାନ୍ଥ ଭୁଶୁଡ଼ି ଛାତ୍ର ମୃତ

ବାଲେଶ୍ୱର, ୨୮/୬ (ନି.ପ୍ର): ପାଣି ଟାଙ୍କି କାନ୍ଥ ଭୁଶୁଡ଼ି ଜଣେ ଛାତ୍ରଙ୍କର ମୃତ୍ୟୁ ଘଟିଛି। ଏଭଳି ଦୁଃଖଦ ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ସାରଗାଁ ପଦ୍ମପୁରସ୍ଥିତ ଘରୋଇ ଇଂରାଜୀ ମିଡିୟମ୍ ସ୍କୁଲରେ। ମୃତକ ହେଲେ ୧୦ ବର୍ଷର ଛାତ୍ର ନାରାୟଣ ଟୁଡୁ। ନାରାୟଣ ସ୍କୁଲ ହଷ୍ଟେଲରେ ରୁହନ୍ତି। ଆଜି ସକାଳେ ଜଳଖିଆ ଖାଇ ସାରି ହାତ ଧୋଇବାକୁ ପାଣି ଟାଙ୍କି ନିକଟରେ ଥିବା ଟ୍ୟାପ ପାଖକୁ ଯାଇଥିଲେ। ଏହି ସମୟରେ ପାଣି ଟାଙ୍କିର କାନ୍ଥଟି ପିଲାଟି ଉପରେ ଭୁଶୁଡ଼ି ପଡ଼ିଥିଲା। ପିଲାଟି ତା' ତଳେ ଚାପି ହୋଇଯାଇଥିଲା। ପରେ ନାରାୟଣଙ୍କୁ ଉଦ୍ଧାର କରି ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନାରାୟଣଙ୍କ ମୃତ୍ୟୁ ପରେ ପରିବାରରେ ଶୋକର ଛାୟା ଖେଳିଯାଇଛି। ପୁଲିସ ଘଟଣାର ଛାନ୍‌ଭିନ୍ କରୁଛି।

## ୧୨,୫୦୦ ମାଗିଥିଲେ, ପ୍ରଥମ କିସ୍ତିରେ ୩ ହଜାର ନେବା ବେଳେ ଧରିଲା ଭିଜିଲାନ୍ସ

କଟକ, ୨୮/୬ (ନି.ପ୍ର): ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି କଟକ ଜିଲ୍ଲା ଡମପଡ଼ା ତହସିଲର ସିନିୟର ରେଭିନ୍ୟୁ ଆସିଷ୍ଟାଣ୍ଟ (ଏସ୍‌ଆରଏ) ପ୍ରଶାନ୍ତ କୁମାର ରାଉତ। ତାଙ୍କଠାରୁ ୩ ହଜାର ଟଙ୍କା ଜବତ କରାଯାଇଛି। ଏକ ଘର ପଟ୍ଟାର ଅବିକଳ ନକଲ ଦେବା ପାଇଁ କୁଶପଙ୍ଗି ଗାଁର ଗଣେଶ ବେଉରାଙ୍କୁ ୧୨,୫୦୦ ଟଙ୍କା ମାଗିଥିଲେ ପ୍ରଶାନ୍ତ କୁମାର ରାଉତ। ସେଥିରୁ ପ୍ରଥମ କିସ୍ତିରେ ସେ ଆଜି ୩ ହଜାର ଟଙ୍କା ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ। ଲାଞ୍ଚ ନେଇ ଧରାପଡ଼ିବା ପରେ ପ୍ରଶାନ୍ତ କୁମାର ରାଉତଙ୍କ ଦୁଇଟି ଠିକଣାରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ସେ ଆୟ ବହିର୍ଭୂତ ସଂପତ୍ତି ରଖିଥିବା ସନ୍ଦେହରେ ଏହି ଚଢ଼ାଉ କରାଯାଇଥିଲା। ପ୍ରଶାନ୍ତଙ୍କ ନାଁରେ ପୂର୍ବରୁ ଏହିଭଳି ଅନେକ ଅଭିଯୋଗ ହୋଇଥିଲା। ଆଉ ଆଜି ସେ ଭିଜିଲାନ୍ସ ଜାଲରେ ପଡ଼ିଗଲେ।

## ଟ୍ରକକୁ ପିଟିଲା ତୀର୍ଥଯାତ୍ରୀ ବସ୍: ୧୩ ମୃତ

କର୍ଣ୍ଣାଟକ, ୨୮/୬ (ନି.ପ୍ର): ଆଜି ସକାଳେ କର୍ଣ୍ଣାଟକରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ୧୩ ଜଣ ଯାତ୍ରୀଙ୍କର ମୃତ୍ୟୁ ଘଟିଥିବା ବେଳେ ଏକାଧିକ ଆହତ ହୋଇଛନ୍ତି। ଆହତମାନଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଥିବାବେଳେ ସେମାନଙ୍କ ଅବସ୍ଥା ଗୁରୁତର ରହିଛି। ସୂଚନା ଅନୁସାରେ, ପୁଣେ-ବାଙ୍ଗାଲୁରୁ ରାଜପଥ ନିକଟ ରାସ୍ତା ପାଖରେ ଏକାଧିକ ଟ୍ରକ୍ ପାର୍କିଂ କରି ଛିଡ଼ା ହୋଇଥିଲେ। ଏହି ସମୟରେ ଏକ ଯାତ୍ରୀବାହୀ ମିନି ବସ୍ ଟ୍ରକକୁ ଧକ୍କା ଦେଇଥିଲେ। ଏଥିରେ ଘଟଣାସ୍ଥଳରେ ୧୧ ଜଣଙ୍କର ଜୀବନ ଚାଲିଯାଇଛି। ଆହତମାନଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଥିବାବେଳେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ▶▶ପୃଷ୍ଠା ୭

## ଜାମିନ ପରେ ଜେଲରୁ ବାହାରିଲେ ହେମନ୍ତ ସୋରେନ୍



ନୂଆଦିଲ୍ଲୀ, ୨୮/୬ : ଜେଲରୁ ବାହାରିଛନ୍ତି ଝାରଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ। ଆଜି ହାଇକୋର୍ଟ ତାଙ୍କୁ ଜମି ଦୁର୍ନୀତି ମାମଲାରେ ଜାମିନ ପ୍ରଦାନ କରିଥିଲେ। ଜାମିନ ମିଳିବା ପରେ ହେମନ୍ତ ସୋରେନ ବିର୍ସା ମୁଣ୍ଡା ଜେଲରୁ ବାହାରିଛନ୍ତି। ତାଙ୍କୁ ସ୍ୱାଗତ କରିବା ପାଇଁ ଜେଲ ପାଖରେ ପତ୍ନୀ କଳ୍ପନା ସୋରେନ ପହଞ୍ଚିଥିଲେ। ଏଥିସହ ଜେଏମଏମର ଅନେକ ନେତା ଓ କର୍ମୀ ମଧ୍ୟ ଜେଲ ବାହାରେ ଉପସ୍ଥିତ ରହି ଶ୍ରୀ ସୋରେନଙ୍କୁ ସ୍ୱାଗତ କରିଛନ୍ତି। ସୋରେନ ଜେଲରୁ ବାହାରିବା କ୍ଷଣି ସେମାନେ ନାରାବାଜୀ କରି ସ୍ୱାଗତ କରିଥିଲେ। ସେ ମଧ୍ୟ ହାତ ହଲାଇ କର୍ମୀ ଓ ନେତାଙ୍କ ଅଭିବାଦନ ଗ୍ରହଣ କରିଥିଲେ। ଜେଲରୁ ବାହାରିବା ପରେ ହେମନ୍ତ ସୋରେନ ସିଧା ବାପା ଶିବୁ ସୋରେନଙ୍କ ପାଖରେ ପହଞ୍ଚିଥିଲେ। ସେଠାରେ ସେ ତାଙ୍କ ସହ କିଛି ସମୟ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଜମି ଦୁର୍ନୀତି ମାମଲାରେ ଇଡି ହେମନ୍ତ ସୋରେନଙ୍କୁ ଜାନୁଆରୀ ୩୧ରେ ଗିରଫ କରିଥିଲା। ପୂର୍ବରୁ ତାଙ୍କୁ ତଦନ୍ତକାରୀ ସଂସ୍ଥା ୯ ଥର ସମନ ପଠାଇବା ପରେ ଶେଷରେ ତାଙ୍କୁ ଗିରଫ କରିଥିଲା। ଗିରଫର କିଛି ସେକେଣ୍ଡ ପୂର୍ବରୁ ସୋରେନ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଏହି ଘଟଣାରେ ସୋରେନଙ୍କ ସମେତ ୨୫ ଜଣଙ୍କୁ ଇଡି ଗିରଫ କରିଥିଲା। ଗିରଫ ସମୟରେ ସୋରେନ ତାଙ୍କ ବିରୋଧରେ ଆସିଥିବା ଜମି ହଡ଼ପ ଅଭିଯୋଗକୁ ଦୃଢ଼ ଭାବେ ଖଣ୍ଡନ କରିଥିଲେ। ବିଜେପି ନେତୃତ୍ୱାଧୀନ ଏନଡିଏ ସରକାର ରାଜନୀତିକ ଉଦ୍ଦେଶ୍ୟ ରଖି ତାଙ୍କୁ ଗିରଫ କରିଥିବା ସେ କହିଥିଲେ। ଆଜି ହାଇକୋର୍ଟ ହେମନ୍ତ ସୋରେନଙ୍କୁ ଜାମିନ ଦେବା ବେଳେ ଇଡି ଜୋରଦାର ବିରୋଧ କରିଥିଲା। କିନ୍ତୁ ହାଇକୋର୍ଟଙ୍କ ଉପରେ ଏହାର କୌଣସି ପ୍ରଭାବ ପଡ଼ି ନଥିଲା। ହାଇକୋର୍ଟ ହେମନ୍ତ ସୋରେନଙ୍କୁ ଜାମିନ ଦେଇଥିଲେ। ଜାମିନ ମିଳିବା ପରେ ରାଞ୍ଚି ସ୍ଥିତ ତାଙ୍କ ବାସଭବନରେ ମିଣ୍ଠା ବଣ୍ଟା ଯାଇଥିଲା। ସେହିପରି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ସୋରେନ ମଧ୍ୟ ହାଇକୋର୍ଟଙ୍କ ରାୟକୁ ସ୍ୱାଗତ କରିଥିଲେ। ସେ କହିଥିଲେ, "ହେମନ୍ତ ସୋରେନ ଜଣେ ଗୁରୁତ୍ୱପୂର୍ଣ୍ଣ ଆଦିବାସୀ ନେତା। ସେ ଗୋଟିଏ ମାମଲା ପାଇଁ ଝାରଖଣ୍ଡର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। କିନ୍ତୁ ଆଜି ହାଇକୋର୍ଟରୁ ସେ ଜାମିନ ପାଇଛନ୍ତି। ମୁଁ ବହୁତ ଖୁସି। ମୋର ଆଶା ସେ ତୁରନ୍ତ ସର୍ବସାଧାରଣ କାର୍ଯ୍ୟକ୍ରମ ଆରମ୍ଭ କରିବେ।"

## ଲୋକସଭାରେ ନିଟ୍ ପ୍ରସଙ୍ଗ ଉଠାଇବାରୁ ବନ୍ଦ ହୋଇଗଲା ରାହୁଲ ଗାନ୍ଧିଙ୍କ ମାଇକ୍



ନୂଆଦିଲ୍ଲୀ, ୨୮/୬ : ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଆଜି ନିଟ୍ ପେପର ଲିକ୍ ପ୍ରସଙ୍ଗ ଉଠାଇଛନ୍ତି। ତେବେ ସେ ନିଟ୍ ଉପରେ କିଛି କହୁଥିବା ବେଳେ ତାଙ୍କ ମାଇକ୍‌କୁ ବନ୍ଦ କରି ଦିଆଯାଇଥିବା ଆଜି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। କଂଗ୍ରେସ ପକ୍ଷରୁ ଏକ୍ସରେ ଗୋଟିଏ ଭିଡିଓ ଶେୟାର କରାଯାଇଛି। ଏଥିରେ ରାହୁଲ ଗାନ୍ଧି ଲୋକସଭା ବାଚସ୍ପତି ଓମ ବିର୍ଲାଙ୍କୁ ସିଟରେ ଲାଗିଥିବା ମାଇକ୍ରୋଫୋନ ସଚଳ କରିବାକୁ କହୁଛନ୍ତି। ରାହୁଲ ନିଟ୍ ବିବାଦ ଉପରେ ବିତର୍କ ପାଇଁ ଦାବି କରିବା ସହ ସରକାର ବିବୃତି ରଖନ୍ତୁ ବୋଲି କହିଛନ୍ତି। ଏହା ଉପରେ ସ୍ପଷ୍ଟୀକରଣ ଦେଇ ବାଚସ୍ପତି ଓମ ବିର୍ଲା କହିଛନ୍ତି ▶▶ପୃଷ୍ଠା ୭

# ନିଶାକୁ ନା ଜୀବନକୁ ହଁ : ଜିଲ୍ଲାପାଳ

କେନ୍ଦ୍ରାପଡ଼ା, ୨୮/୬ (ନି.ପ୍ର): ନିଶା ଏକ ସାମାଜିକ ବ୍ୟାଧି। ଏହି ବ୍ୟାଧିରୁ ମୁକ୍ତ ହୋଇ ସୁସ୍ଥ ଓ ଆନନ୍ଦପ୍ରଦ ଜୀବନ ଜୀଇଁବା ସହ ଏକ ନିଶାମୁକ୍ତ ସମାଜ ଗଠନ ପାଇଁ ଆହ୍ୱାନ ଜଣାଇଛନ୍ତି ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ। 'ଆନ୍ତର୍ଜାତିକ ନିଶା ନିବାରଣ ଓ ଅନୈତିକ ଚାଲାଣ ଦିବସ' ପାଳନ ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଆୟୋଜିତ ସାଧାରଣସଭାରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଜିଲ୍ଲାପାଳ କହିଛନ୍ତି "ଜୀବନରେ ନିଶାକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବାକୁ ହେବ। ଏଥିପାଇଁ ପରିବାରଠୁ ଆରମ୍ଭ କରିବାକୁ ହେବ ସଚେତନତା ଆନ୍ଦୋଳନ।" ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ପୀତାମ୍ବର ସାମଲ, ଏଡିଏମ୍‌ଓ ନୃପେନ୍ ଶତପଥି, ଅବକାରୀ ନିରୀକ୍ଷକ ବିପ୍ର ଚରଣ ମଣ୍ଡଳ, ଭାରପ୍ରାପ୍ତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରୂପାଲି ପ୍ରିୟଦର୍ଶିନୀ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଆଲୋକ କୁମାର ମହାନ୍ତି, ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ ଅଶୋକ ବଳିଆରସିଂହ, ପ୍ରୋଜେକ୍ଟ ସ୍ୱରାଜର ମ୍ୟାନେଜର ପୁଷ୍ପା ଜୀ ଓ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ମାନସିକ ଅନଗ୍ରସର ବିଦ୍ୟାଳୟର ଅଧ୍ୟକ୍ଷ ସ୍ୱପ୍ନାଂଶୁ ଦାସ।ଏହି ଅବସରରେ ଆଜି ସକାଳସାଢେ ୮ଟା ସମୟରେ ଜିଲ୍ଲା କାର୍ଯ୍ୟାଳୟରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ପୁରୁଣା ବସଷ୍ଟାଣ୍ଡ, ବଡ଼ହାଟ, କାକଟଛକ, ବାଲାବାବା ମଠ ଦେଇ ପୁଣି ଥରେ ଜିଲ୍ଲା କାର୍ଯ୍ୟାଳୟକୁ ପ୍ରତ୍ୟାବର୍ତ୍ତନ କରିଥିଲା। ଏହି ସଚେତନତା ଶୋଭାଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର ଏବଂ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ପୀତାମ୍ବର ସାମଲ। ଏହି ଅବସରରେ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏବଂ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଦୁଇଟି ସଚେତନତା ରଥ ସହର ପରିକ୍ରମା କରି ଡାକବାଜି ଯନ୍ତ୍ର ଯୋଗେ ସଚେତନତା ବାର୍ତ୍ତା ପ୍ରଚାର କରିଥିଲା। ଏହି ଶୋଭାଯାତ୍ରାରେ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ, ବାରିମୂଳ ନିଶାମୁକ୍ତି କେନ୍ଦ୍ର, ବିଭିନ୍ନ ସାମାଜିକ ଅନୁଷ୍ଠାନ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା ଓ ସଦସ୍ୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସୂଚନାଯୋଗ୍ୟ ପ୍ରତ୍ୟେକବର୍ଷ ଜୁନ୍ ୨୬ ତାରିଖରେ ପାଳନ ହୋଇଆସୁଛି 'ଆନ୍ତର୍ଜାତିକ ନିଶା ନିବାରଣ ଓ ଅନୈତିକ ଚାଲାଣ ଦିବସ।' ଚଳିତବର୍ଷର ଥିମ୍ ରହିଛି "ପ୍ରମାଣ ସ୍ପଷ୍ଟ, ନିବାରଣରେ କର ନିବେଶ। ଅର୍ଥାତ୍ ନିଶା ଯୋଗୁଁ ଶାରୀରିକ ଓ ମାନିସିକ କ୍ଷତିର ଗଦାଗଦା ପ୍ରମାଣ ରହିଛି। ରୋଗ ପ୍ରତିରୋଧକ ଶକ୍ତି କମିବା ସହ ପରିବାରରେ ନାନା ଅଶାନ୍ତି ଓ ସମାଜରେ ହିଂସାର ପ୍ରମୁଖ କାରଣ ହେଉଛି ଏହି ନିଶା। ତେଣୁ ଏଥିରୁ ନିବୃତ ରହିବା ସହ ଏକ ନିଶାମୁକ୍ତ ସମାଜ ଗଠନ ପାଇଁ ନିମନ୍ତ୍ରିତ ଅତିଥିମାନେ ଆହ୍ୱାନ ଦେଇଥିଲେ।

# ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରଥମ ୧୦୦ ଦିନ ଭିତରେ କାର୍ଯ୍ୟାନ୍ୱୟନ ପ୍ରକଳ୍ପ ଗୁଡ଼ିକର ସମୀକ୍ଷା

ଭୁବନେଶ୍ୱର, ୨୮/୬ (ନି.ପ୍ର): ଗ୍ରାମ୍ୟ ଉନ୍ନୟନ ବିଭାଗର ମାସିକ ସମୀକ୍ଷା ବୈଠକଗୁରୁବାର ଦିନ ବିଭାଗୀୟ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗର ଓସ୍ୱାନ୍ ହଲ୍ ରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଶ୍ରୀ ସିଂହ ରାଜ୍ୟର ସମସ୍ତ ଗ୍ରାମ୍ୟ ଉନ୍ନୟନ ଡିଭିଜନ୍ ର କାର୍ଯ୍ୟର ସମୀକ୍ଷା କରିଥିଲେ । ସମସ୍ତ ସର୍କଲ ଓ ଡିଭିଜନ୍ ର ବିଭାଗୀୟ ଅଧିକାରୀମାନେ ଆଭାସି ମାଧ୍ୟମରେ ଏହି ସମୀକ୍ଷା ବୈଠକରେ ସାମିଲ ହୋଇ ନିର୍ମାଣାଧିନ ଥିବା ସମସ୍ତ ପ୍ରକଳ୍ପର ସ୍ଥିତି ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଦିଗଗୁଡ଼ିକ ବିଷୟରେ ପ୍ରମୁଖ ଶାସନ ସଚିବଙ୍କୁ ଅବଗତ କରାଇଥିଲେ । ସମୀକ୍ଷା ବୈଠକରେ ପ୍ରାରମ୍ଭରେ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂହ ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ୧୦୦ ଦିନ ମଧ୍ୟରେ କାର୍ଯ୍ୟାନ୍ୱୟନ ପ୍ରକଳ୍ପର ସମୀକ୍ଷା କରିଥିଲେ। ଉକ୍ତ ପ୍ରକଳ୍ପଗୁଡ଼ିକର ସ୍ଥିତି ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଦିଗଗୁଡ଼ିକର ସମୀକ୍ଷା କରାଯାଇଥିଲା । ଏହା ପାରେ ଆଗାମୀ ୧୦୦ ଦିନ ମଧ୍ୟରେ କେଉଁ ସମସ୍ତ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ହେବ ସେ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଉକ୍ତ ପ୍ରକଳ୍ପଗୁଡ଼ିକର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଶ୍ରୀ ସିଂହ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରତିଟି ପ୍ରକଳ୍ପକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବା ସହ ନିର୍ମାଣର ଗୁଣବତା ଉପରେ ଗୁରୁତ୍ୱ ଦେବା ପାଇଁ ଶ୍ରୀ ସିଂହ ନିର୍ଦ୍ଦେଶ ଦେଇଥିଲେ । ଏ ଥ ସହିତ ଶତପ୍ରତିଶତ ପ୍ରଶାସନିକ ଅନୁମୋଦନ ସହ ବାକି ରହିଥିବା ଟେଣ୍ଡର ପ୍ରକ୍ରିୟା ଯଦି କିଛି ରହିଥାଏ ତା'କୁ ଶେଷ କରିବାକୁ କହିଥିଲେ । ସେହିପରି ବିଜୁ ସେତୁ ଯୋଜନା ଅଧିନରେ ବିଭିନ୍ନ ଜିଲ୍ଲାରେ ଚାଲୁ ରହିଥିବା ପ୍ରକଳ୍ପଗୁଡିକର ଅଗ୍ରଗତି ସମ୍ବନ୍ଧରେ ପଚାରି ବୁଝିବା ସହ ଆପ୍ରୋଚ ରୋଡଗୁଡିକୁ ଯଥା ସମୟରେ ସାରିବାକୁ ବୈଠକରେ ବିଭାଗୀୟ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦିଆ ଯାଇଥିଲା । ନିର୍ବାହୀ ଯନ୍ତ୍ରୀମାନେ ପ୍ରକଳ୍ପର ଫିଜିବିଲିଟି ରିପୋର୍ଟ ପ୍ରଦାନ କରିବା ସମୟରେ କେଉଁ ଯୋଜନା ଏବଂ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହେଇପାରୁଛି ସେଗୁଡିକୁ ଅନୁଧାନପୂର୍ବକ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ୨୦୨୧-୨୨ ଆର୍ଥିକ ବର୍ଷ ପୂର୍ବରୁ ବାକି ରହିଥିବା ପ୍ରକଳ୍ପଗୁଡିକର ଅଗ୍ରଗତି ସମ୍ବନ୍ଧରେ ବୁଝିବା ସହ ୨୦୨୨-୨୩ ଓ ୨୦୨୩-୨୪ ଆର୍ଥିକ ବର୍ଷରେ ହାତକୁ ନିଆ ଯାଇଥିବା ସମସ୍ତ ପ୍ରକଳ୍ପଗୁଡିକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦିଆଗଲା । ମୁଖ୍ୟମନ୍ତ୍ରୀ ସଡକ ଯୋଜନା ଅଧିନରେ ଚାଲୁ ରହିଥିବା ପ୍ରକଳ୍ପଗୁଡିକୁ ଅଗ୍ରାଧିକାର ଭିତ୍ତିରେ ସାରିବା ସହିତ ୨୦୨୧-୨୨ ପୂର୍ବରୁ ଚାଲୁ ରହିଥିବା ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ଜରୁରୀ ବୋଲି ଶ୍ରୀ ସିଂହ କହିଥିଲେ । ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ଅଧିନରେ ସମ୍ପୂର୍ଣ୍ଣ ହୋଇଥିବା ରାସ୍ତାଗୁଡିକର ନିୟମିତ ଓ ସାମୟିକ ରକ୍ଷଣାବେକ୍ଷଣ ନିମନ୍ତେ ସମ୍ପୃକ୍ତ ସଂସ୍ଥାଗୁଡିକ ସହିତ ବୁଝାମଣା କରି କାର୍ଯ୍ୟ ଆଗେଇ ନେବାକୁ ପରାମର୍ଶ ଦେଇଥିଲେ ।

# ପ୍ରତିଦ୍ୱନ୍ଦ୍ୱିତା କରିଥିବା ପ୍ରର୍ଥିମାନେ ଆସନ୍ତା ୪ତାରିଖରେ ଦେବେ ନିର୍ବାଚନୀ ଖର୍ଚ୍ଚର ହିସାବ

କନ୍ଧମାଳ, ୨୮/୬ (ନି.ପ୍ର): ୧୩-କନ୍ଧମାଳ ସଂସଦୀୟ କ୍ଷେତ୍ର ସମେତ ୮୨-ବାଲିଗୁଡ଼ା(ସଂ), ୮୩-ଘୁ.ଉଦୟଗିରି(ସଂ) ଏବଂ ୮୪-ଫୁଲବାଣୀ(ସଂ) ବିଧାନସଭା ନିର୍ବାଚନ ମଣ୍ଡଳୀରୁ ପ୍ରତିଦ୍ୱନ୍ଦିତା କରିଥିବା ସମସ୍ତ ପ୍ରାଥୀ ଓ ପ୍ରାର୍ଥୀନୀ ମାନଙ୍କ ଅବଗତି ନିମନ୍ତେ ଜିଲ୍ଲା ନିର୍ବାଚନ ଅଧିକାରୀ -ତଥା- ଜିଲ୍ଲାପାଳ, କନ୍ଧମାଳଙ୍କ ନୋଟିସ ସଂଖ୍ୟା-୨୬୩୨ ତାରିଖ- ୦୩.୦୬.୨୦୨୪ ରେ ଜଣାଇ ଦିଆ ଯାଇଥିଲା ଯେ, ସେମାନେ ସେମାନଙ୍କର ନିର୍ବାଚନ ଖର୍ଚ୍ଚର ହିସାବ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ନିକଟରେ ନିର୍ବାଚନ ଫଳାଫଳ ଘୋଷଣା ହେବାର ୩୦ ଦିନ ମଧ୍ୟରେ ଦାଖଲ କରିବାକୁ ପଡ଼ିବ। ଏଥି ସହିତ ଚୁଡ଼ାନ୍ତ ଆକାଉଣ୍ଟ ସମନ୍ୱୟ ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଭାବନା ସଭାଗୃହରେ ଅନୁଷ୍ଠିତ ହେବ ଯେଉଁଠାରେକି ନିଜେ ପ୍ରାଥୀ ଓ ପ୍ରାର୍ଥୀନୀ କିମ୍ବା ତାଙ୍କର ନିର୍ବାଚନ ଖର୍ଚ୍ଚ ଏଜେଂଟ ଉପସ୍ଥିତ ରହିବେ ଏବଂ ସେହି ସଭାବନା ସଭାଗୃହ/ ଖର୍ଚ୍ଚ ମନିଟରିଂ ସେଲ୍ରେ ତା.୦୪.୦୭.୨୦୨୪ ରିଖ ସୁଦ୍ଧା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ନିକଟରେ ନିର୍ବାଚନ ଖର୍ଚ୍ଚର ହିସାବ ଦାଖଲ କରିବେ। ନିର୍ବାଚନ ଖର୍ଚ୍ଚର ହିସାବ ଦାଖଲ କରିବା ସମୟରେ କେବଳ ପ୍ରାର୍ଥୀ ଓ ପ୍ରାର୍ଥୀନୀ ଉପସ୍ଥିତ ରହିବେ। ଏହି କ୍ରମରେ, ଏତଦ୍ୱାରା ପ୍ରତିଦ୍ୱନ୍ଦିତା କରିଥିବା ସମସ୍ତ ପ୍ରାଥୀ ଓ ପ୍ରାର୍ଥୀନୀ ମାନଙ୍କ ଅବଗତି ନିମନ୍ତେ ପୁନର୍ବାର ଜଣାଇ ଦିଆଯାଇଛି କି ଚଳିତ ମାସ ତା.୩୦.୦୬.୨୦୨୪ ରିଖ ଦିନ ପୂର୍ବାହ୍ନ ଘ.୧୦.୦୦ମି. ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଭାବନା ସଭାଗୃହରେ ଚୁଡ଼ାନ୍ତ ଆକାଉଣ୍ଟ ସମନ୍ୱୟ ବୈଠକ ଅନୁଷ୍ଠିତ ହେବ। ଏହି ବୈଠକରେ ନିଜେ ପ୍ରାଥୀ ଓ ପ୍ରାର୍ଥୀନୀ କିମ୍ବା ତାଙ୍କର ନିର୍ବାଚନ ଖର୍ଚ୍ଚ ଏଜେଣ୍ଟ ଉପସ୍ଥିତ ରହିବେ। ସେହି ସଭାବନା ସଭାଗୃହ/ ଖର୍ଚ୍ଚ ମନିଟରିଂ ସେଲ୍ରେ ତା.୦୪.୦୭.୨୦୨୪ ରିଖ ସୁଦ୍ଧା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ନିକଟରେ ନିର୍ବାଚନ ଖର୍ଚ୍ଚର ହିସାବ ଦାଖଲ କରିବେ। ନିର୍ବାଚନ ଖର୍ଚ୍ଚର ହିସାବ ଦାଖଲ କରିବା ସମୟରେ କେବଳ ପ୍ରାର୍ଥୀ ଓ ପ୍ରର୍ଥୀନୀ ଉପସ୍ଥିତ ରହିବେ। ଯଦି ନିର୍ବାଚନ ଖର୍ଚ୍ଚର ହିସାବ ଠିକ୍ ସମୟରେ ଓ ଆବଶ୍ୟକ ଉପାୟରେ ଦାଖଲ କରାନଯାଏ ତେବେ, ଆ଼ର୍.ପି. ଆକ୍ଟ ୧୯୫୧ର ଧାରା ୧୦ ଏ ଅନୁଯାୟୀ ଅଯୋଗ୍ୟ ଘୋଷଣା ପାଇଁ ଆୟୋଗ ପକ୍ଷରୁ ନୋଟିସ୍ ଜାରି କରାଯାଇଛି।

# ଶ୍ରୀଶ୍ରୀ ସିଦ୍ଧ ବଳଦେବ ଜୀଉଙ୍କ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, ୨୮/୬ (ନି.ପ୍ର): ଶ୍ରୀଶ୍ରୀ ସିଦ୍ଧ ବଳଦେବ ଜୀଉଙ୍କ ରଥଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ମୁନିସିପାଲିଟି ଟାଉନ୍‌ହଲ୍‌ଠାରେ ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ାର ବିଧାୟକ ଶ୍ରୀ ଗଣେଶ୍ୱର ବେହେରା, ରାଜନଗରର ବିଧାୟକ ଶ୍ରୀ ଧ୍ରୁବଚରଣ ସାହୁ, ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟ୍ଟାରିଆ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବାଶିଷ ଧଳ, ଉପଜିଲ୍ଲାପାଳ ତଥା ଟ୍ରଷ୍ଟ ବୋର୍ଡ଼ର ଅଧକ୍ଷ ରବୀନ୍ଦ୍ର କୁମାର ପ୍ରଧାନ, ଏସ୍‌ଡିପିଓ ଦେବେନ୍ଦ୍ର କୁମାର ମଲ୍ଲିକ, କେନ୍ଦ୍ରାପଡ଼ା ପୌର ପରିଷଦର ଅଧକ୍ଷା ସରିତା ସାହୁ, କେନ୍ଦ୍ରାପଡ଼ା ତହସିଲଦାର ତାପସ କୁମାର ଦେହୁରୀ, ଜିଲ୍ଲା ବିଜେପି ସଭାପତି କିଶୋର ପଣ୍ଡା, ଦେବୋତର ବିଭାଗର କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ପ୍ରମୁଖ ଯୋଗ ଦେଇଥିଲେ। ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବା ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। କେନ୍ଦ୍ରାପଡ଼ାର ଆରାଧ୍ୟ ଦେବ ଶ୍ରୀ ସିଦ୍ଧ ବଳଦେବ ଜୀଉଙ୍କ ରଥଯାତ୍ରାକୁ ସୁଚାରୁରୂପେ ପରିଚାଳନା ପାଇଁ ଜିଲ୍ଲାର ସମସ୍ତ ବୁଦ୍ଧିଜୀବୀ, ଟ୍ରଷ୍ଟ ବୋର୍ଡ଼ କର୍ମକର୍ତ୍ତା, ସେବାୟତ, ଶାନ୍ତି କମିଟିର ସଦସ୍ୟ, ଜନସାଧାରଣ ତଥା ବିଭିନ୍ନ ବିଭାଗର ସହଯୋଗ କାମନା କରିଥିଲେ ଜିଲ୍ଲାପାଳ। ଆସନ୍ତା ଜୁଲାଇ ୭ ତାରିଖରେ ଅନୁଷ୍ଠିତ ହେବ ପବିତ୍ର ରଥଯାତ୍ରା। ଜୁଲାଇ ୧୫ ତାରିଖରେ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହେବାକୁ କାର୍ଯ୍ୟସୂଚୀ ଚୂଡ଼ାନ୍ତ ହୋଇଥିବା ବେଳେ ୧୮ ତାରିଖରେ ଅନୁଷ୍ଠିତ ହେବ ନିଳାଦ୍ରୀ ବିଜେ। ବର୍ଷାଜଳର ସୁନିଷ୍କାସନ ବ୍ୟବସ୍ଥା, ବଡ଼ଦାଣ୍ଡରେ ପରିଚ୍ଛନ୍ନତା, ରାସ୍ତା ଉପରେ ଥିବା ବିଦ୍ୟୁତ୍ ଖୁଂଟିର ଅପସାରଣ, ରଥ ନିର୍ମାଣ, ରାସ୍ତାଘାଟ ମରାମତି, ଆଲୋକ ବ୍ୟବସ୍ଥା, ପାନୀୟ ଜଳଯୋଗାଣ, ନିଶା ନିବାରଣ, ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମନ୍ଦିର ଓ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ଜଳଯୋଗାଣ, ପ୍ରାଥମିକ ସ୍ୱାସ୍ଥ୍ୟ ବ୍ୟବସ୍ଥା, ଆଇନ ଶୃଙ୍ଖଳା, ସାଂସ୍କୃତିକ କାର୍ଯ୍ୟକ୍ରମ, ୱାନ୍ ୱେ ଟ୍ରାଫିକ୍ ବ୍ୟବସ୍ଥା, ସୂଚନା କେନ୍ଦ୍ର ପ୍ରମୁଖ ବିଷୟ ଉପରେ ବିଷଦ୍ ଆଲୋଚନା କରାଯାଇଥିଲା। ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ସ୍କାଉଟ୍ ଗାଇଡ୍, ଏନ୍‌ସିସିକୁ ବିଭିନ୍ନ ଲୋକହିତକର କାର୍ଯ୍ୟରେ ବିନିଯୋଗ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ରଥଯାତ୍ରା ପୂର୍ବରୁ ରାସ୍ତାଘାଟ ମରାମତି ପାଇଁ ରାସ୍ତା ଓ କୋଠାବାଡ଼ି ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ରଥଗଡ଼ା କାର୍ଯ୍ୟ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ଶେଷ ହେବ ବୋଲି କହିଥିଲେ ଟ୍ରଷ୍ଟ ବୋର୍ଡ଼ର ଅଧକ୍ଷ। ରଥଦାଣ୍ଡ ଓ ସହରର ରାସ୍ତା ସଫେଇ, ରଥଦାଣ୍ଡର ନାଳ ନର୍ଦ୍ଦମା ସଫା ସହ ବ୍ଲିଚିଙ୍ଗ୍ ପାଉଡର୍ ପକାଇବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ବାସି ଖାଦ୍ୟ ପଦାର୍ଥ ଯାଂଚ କରିବା, ଇଛାପୁରଠାରେ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲିବା ସହ ଆମ୍ବୁଲାନ୍ସ ସେବା ଯୋଗାଇଦେବା, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଓ ବିଦ୍ୟୁତ୍‌କାଟ ସମୟରେ ଜେନେରେଟର ଦ୍ୱାରା ଆଲୋକ ବ୍ୟବସ୍ଥା, ବଳଦେବ ଜୀଉ ମନ୍ଦିର ଓ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ଯାତ୍ରୀମାନଙ୍କ ମନୋରଞ୍ଜନ ନିମନ୍ତେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ, ରୌଦ୍ରତାପ ସମୟରେ ଜଳ ସିଂଚନ ବ୍ୟବସ୍ଥା କରିବାକୁ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅସମାଜିକ ତତ୍ୱଙ୍କ ପ୍ରତି ଜନସାଧାରଣ ସଚେତନ ହେବା ସହ ଚୋରୀ, ଡକାୟତିକୁ ନିୟନ୍ତ୍ରଣ କରିବା ଓ ଟ୍ରାଫିକ୍ ନିୟନ୍ତ୍ରଣ କରିବା ପାଇଁ ବ୍ୟାପକ ପୁଲିସ ମୁତୟନ କରାଯିବ ବୋଲି ଆରକ୍ଷୀ ଅଧୀକ୍ଷକ ସୂଚନା ପ୍ରଦାନ କରିଥିଲେ। ରଥାରୁଢ଼ ଶ୍ରୀଜୀଉଙ୍କ ସମ୍ମୁଖରେ ସେବାୟତମାନେ ଦଣ୍ଡାୟମାନ ନହେବାକୁ ବୈଠକରେ ଅନୁରୋଧ କରାଯାଇଥିଲା। ଶ୍ରୀଜୀଉଙ୍କ ଦର୍ଶନ ପାଇଁ ବ୍ୟାପକ ଆଲୋକ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ୨୦୨୨ ମସିହାର ରଥଟଣା ସମୟରେ ଘଟିଥିବା ଦୁଃଖଦ ସ୍ମୃତିର ପୁନରାବୃତି ଯେପରି ନହେବ ସେଥି ପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି ଜିଲ୍ଲାପାଳ। ବଡ଼ଦାଣ୍ଡରେ ସିସିଟିଭି ମୁତୟନ ପାଇଁ ଉପସ୍ଥିତ ସଦସ୍ୟମାନେ ପ୍ରସ୍ତାବ ରଖିଥିଲେ। ରଥଯାତ୍ରାକୁ ଦୃଷ୍ଟିରେ ରଖି ଜୁଲାଇ ୭, ୮, ୧୬, ୧୭ ତାରିଖରେ ଜିଲ୍ଲାରେ ସମସ୍ତ ମଦ ଦୋକାନ ଓ ବାର୍ ବନ୍ଦ ରହିବ।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଗ୍ରାମ୍ୟ ଉନ୍ନୟନ ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ନିର୍ବାହୀ ଯନ୍ତ୍ରୀ, ଅବକାରୀ ଅଧୀକ୍ଷକ, ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ଯନ୍ତ୍ରୀ, କେନ୍ଦ୍ରାପଡ଼ା ମୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିସିଓଡିଏଲର ଅଧିକାରୀ, ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ, ସଂସ୍କୃତି ଅଧିକାରୀ, ଟାଉନ୍ ଥାନା ଅଧିକାରୀ, ସହକାରୀ ଅଗ୍ନିସମ ଅଧିକାରୀ, ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ଟ୍ରଷ୍ଟ ବୋର୍ଡ଼ କର୍ମକର୍ତ୍ତା, ଶାନ୍ତି କମିଟି ସଦସ୍ୟ, କାଉନ୍‌ସିଲର, ସେବାୟତ, ବୁଦ୍ଧିଜୀବୀ ଏବଂ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

# ସବୁ ମେଡିକାଲ କଲେଜରେ ପିଜି ପାଠ୍ୟକ୍ରମ ଖୋଲିବ : ସ୍ୱାସ୍ଥ୍ୟ ମନ୍ତ୍ରୀ

ବଲାଙ୍ଗୀର, ୨୮/୬ (ନି.ପ୍ର): ସବୁ ମେଡିକାଲ କଲେଜରେ ପି ଜି ପାଠ୍‌ୟକ୍ରମ ଖୋଲିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି ଓ ଏବେ ରାଜ୍‌ୟରେ ୧୧ ଗୋଟି ମେଡିକାଲ କଲେଜ ଚାଲିଥିବାବେଳେ ଆଉ ତିନିଟି ମେଡିକାଲ କଲେଜ ପାଇପ୍ ଲାଇନରେ ଅଛି। ରାଜ୍‌ୟରେ ନିଅଣ୍ଟିଆ ହେଉଥିବା ଡାକ୍ତର ପଦବୀ ଭରଣା ପାଇଁ ସବୁ ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ଆମେ ଆଗାମୀ ଦିନରେ କାର୍ଯ୍ୟ ଖସଡା ପ୍ରସ୍ତୁତ ସମ୍ପର୍କରେ ଉଦ୍ୟମ ଆରମ୍ଭ ହୋଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି। ଆଜି ବଲାଙ୍ଗିର ସ୍ଥିତ ଭୀମଭୋଇ ମେଡିକାଲ କଲେଜର ବାର୍ଷିକ ଉତ୍ସବରେ ଯୋଗଦେଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡାକ୍ତର ମୁକେଶ ମହାଲିଙ୍ଗ କହିଲେ ଯେ ଡାକ୍ତର ପଛୁଆ ବଲାଙ୍ଗୀର ଭଳି ସ୍ଥାନରେ ମେଡିକାଲ କଲେଜ ହେବ ଏହା ବରିଷ୍ଠ ନାଗରିକମାନଙ୍କ ଚିନ୍ତା ବାହାରେ ଥିଲା। ଯେଉଁ ମହାମନୀଷୀ ଭୀମଭୋଇ ଙ୍କ ନାମରେ ନାମିତ ହୋଇଛି ତାଙ୍କର ଉକ୍ତି "ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କିବା ସହୁ, ଏ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ"। ଡାକ୍ତର ଭଳି ପେସାରେ ଆପଣମାନେ ବାହାରିବେ ଲୋକଙ୍କ ସେବାରେ ନିଜକୁ ଆପଣ ମାନେ ନିୟୋଜିତ କରନ୍ତୁ। ମୁଁ କଟକ ମେଡିକାଲ କଲେଜରେ "ମୁନ୍ନାଭାଇ ଏମ୍ ବି ବି ଏସ"ର ଉଦାହରଣ ଦେଇଥିଲି ତାର କହିବା ମାନେ ଥିଲା ରୋଗୀକୁ ଉତମ ବ୍ୟବହାର ତାର ଅଧା ରୋଗକୁ ଭଲ କରିଥାଏ ବୋଲି ମୁଁ ଏହା କହିଥିଲି। ସମ୍ମାନିତ ଅତିଥିଭାବେ ବଲାଙ୍ଗିର ଜିଲ୍ଲାପାଳ ଗୌରବ ଶିବାଜୀ ଇଶଲୱାର, ଆରକ୍ଷୀ ଅଧିକ୍ଷକ ଖିଲାଡ଼ି ହୃଷୀକେଶ ଦ୍ୟାନଦେଓ ଯୋଗଦେଇ ଉଦବୋଧନ ଦେଇ ବଲାଙ୍ଗିର ଭଳି ସ୍ଥାନରେ ଏହି ମେଡିକାଲ କଲେଜ ଛାତ୍ର ମାନେ ଉତମ ନାମ କରିବା ଯୋଗୁଁ ସନ୍ତୋଷ ବ୍ୟକ୍ତ କରିଥିଲେ ଓ ବଲାଙ୍ଗିର ଭଳି ଆକାଂକ୍ଷୀ ଜିଲ୍ଲାରେ ଅନେକ ସୁଯୋଗ ଥିବା କହିଥିଲେ। କଲେଜ ଛାତ୍ର ସଭାପତି ପ୍ରୀୟାଂସୁ ପଣ୍ଡା ପ୍ରେସିଡେଂଟ,ଜେନେରାଲ ସେକ୍ରେଟେରି ସରୋଜ ଚନ୍ଦ୍ର ବେହେରା, ମେଡିକାଲ କଲେଜ ଡିନ ଡାକ୍ତର ସ୍ୱୟମପ୍ରଭା ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ଉପ ସଭାପତି ଇସାନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଚାଷୀ ମୁଣ୍ଡରେ ଚଡ଼କ : ନିଅଂଟିଆ ବର୍ଷା ପାଇଁ ଚାଷ କାର୍ଯ୍ୟ ପ୍ରଭାବିତ

ଚମ୍ପୁଆ, ୨୮/୬ (ନି.ପ୍ର): ଜୁନ ମାସ ସରିବାକୁ ବସିଲାଣି କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକରେ ଏ ଯାଏଁ ବର୍ଷାର ଦେଖା ନାହିଁ। ମୌସୁମୀ ସତେ ଯେମିତି ବାଟ ଭୁଲି ଯାଇଛି। ଯାହାରି ପାଇଁ ଏଠାରେ ଚାଷ କାର୍ଯ୍ୟ ଏକ ପ୍ରକାର ଅଟକି ଯାଇଛି। ଧାନ ବୁଣା ଠାରୁ ନେଇ ତଳି ପକା କୌଣସି କାର୍ଯ୍ୟ ଏପର୍ଯ୍ୟନ୍ତ ହୋଇ ପାରି ନ ଥିବାରୁ ଚଳିତ ବର୍ଷର ଚାଷ କୁ ନେଇ ଅନିଶ୍ଚିତତା ଭିତରେ ରହିଛନ୍ତି ଚାଷୀ। ଯାହାକୁ ନେଇ ଚମ୍ପୁଆ ଉପଖଣ୍ଡର ଚାଷୀ ମୁଣ୍ଡ ରେ ଚଡକ ପଡିଛି। ଚମ୍ପୁଆ ଉପଖଣ୍ଡ ପ୍ରାୟତଃ ପାହାଡିଆ ଅଂଚଳ ହୋଇ ଥିବାରୁ ଏଠାକାର ଚାଷୀ ବର୍ଷାଜଳ ଉପରେ ହିଁ ନିର୍ଭର କରିଥାନ୍ତି। ଗତବର୍ଷ ଏହି ସମୟରେ ଚାଷୀ ବୁଣା ବୁଣି ସାରି ଧାନ ତଳି ଦେଇ ଅର୍ଦ୍ଧାଧିକ ଚାଷ କାର୍ଯ୍ୟ ସାରି ଦେଇଥିବା ବେଳେ ଚଳିତ ବର୍ଷ ଜୁନ ପହିଲାରୁ ଅଦ୍ୟାବଧି ନିଅଂଟିଆ ବର୍ଷା ତଥା ବର୍ଷାର କାର୍ପଣ୍ୟତା ପାଇଁ ଏ ଯାଏଁ ଚାଷୀ ଚାଷ କାର୍ଯ୍ୟ ଆରମ୍ଭ କରି ପାରି ନାହିଁ। ଚମ୍ପୁଆ ପାଣିପାଗ ବିଭାଗର ଆକଳନ ଅନୁସାରେ ଆଜିଯାଏଁ ମାତ୍ର ୪୬ ମିଲିମିଟର ବର୍ଷା ହୋଇଥିବା ବେଳେ ଯାହା କି ସାଧାରଣ ବର୍ଷା ଠାରୁ ପ୍ରାୟ ୧୦୦ ମିଲିମିଟର ଠାରୁ କମ୍ ବର୍ଷା। ଫଳରେ ଏ ଯାଏଁ ଚାଷକାର୍ଯ୍ୟ ଆରମ୍ଭ ହୋଇ ପାରି ନାହିଁ।

# ସାରା ରାଜ୍ୟରେ ଚାଷୀ ସମାବେଶ କରାଯିବ : ମହେଶ୍ୱର ସାହୁ

ଭୁବନେଶ୍ୱର, ୨୮/୬ (ନି.ପ୍ର): ଓଡିଶାର ଚାଷୀମାନଙ୍କୁ ସମୃଦ୍ଧ କରିବା ସହିତ ସମସ୍ତ ବ୍ଲକରେ ଶୀତଳଭଣ୍ଡାର ପ୍ରତିଷ୍ଠା କରିବା, ଚାଷ ଜମିକୁ ଜଳସେଚିତ କରିବା ଓ ଧାନ କ୍ୱିଂଟାଲ ପ୍ରତି ୩୧ଶହ ଟଙ୍କା ଚାଷୀଙ୍କୁ ଦେବାକୁ ନେଇ ବିଜେପି କୃଷକମୋର୍ଚ୍ଚା ତରଫରୁ ସାରା ରାଜ୍ୟରେ ବ୍ୟାପକଭାବେ ଚାଷୀ ସମାବେଶ କରାଯାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଧନ୍ୟବାଦ ଦିଆଯିବ। ଏହାର ଶୁଭାରମ୍ଭ ଆସନ୍ତା ଜୁନ୍ ୩୦ତାରିଖ କେନ୍ଦୁଝର ଜିଲ୍ଲାର ପ୍ରଖ୍ୟାତ ପର୍ଯ୍ୟଟନସ୍ଥଳୀ ଆନନ୍ଦପୁର ସବ୍‌ଡିଭିଜନ ଅନ୍ତର୍ଗତ ଶାଳନ୍ଦୀ ଡ୍ୟାମ ହଦଗଡଠାରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ୩୬ଟି ସାଂଗଠନିକ ଜିଲ୍ଲାରୁ ଦୁଇ ଶହ ଚାଷୀ ନେତାମାନେ ଯୋଗଦାନ କରିବେ ବୋଲି ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବରିଷ୍ଠ ଚାଷୀ ନେତାମାନେ ଯୋଗ ଦେବେ। ଏହି କାର୍ଯ୍ୟକ୍ରମ ପରେ ଓଡ଼ିଶାର ସମସ୍ତ ଜିଲ୍ଲା, ବ୍ଲକ ଓ ପଂଚାୟତମାନଙ୍କରେ ପ୍ରଧାନମନ୍ତ୍ରୀ ମୋଦି, ମୁଖ୍ୟମନ୍ତ୍ରୀ ମୋହନ ମାଝୀ "ଧନ୍ୟବାଦ କାର୍ଯ୍ୟକ୍ରମ"କୁ ବ୍ୟାପକଭାବେ କରାଯିବ ବୋଲି କୃଷକମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ସୂଚନା ଦେଇଛନ୍ତି।

# ପାନୀୟ ଜଳ ସମ୍ପର୍କରେ ସମୀକ୍ଷା

ଭୁବନେଶ୍ୱର, ୨୮/୬ (ନି.ପ୍ର): ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ତଥା ରାଷ୍ଟ୍ରାୟତ ଉଦ୍ୟୋଗ ମନ୍ତ୍ରୀ ଡାଃ କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଗୁରୁବାର ବାସୁଆଘାଇ ସ୍ଥିତ ଓଡ଼ିଶା ଅର୍ବାନ ଆକାଡ଼େମୀ ପରିସରରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ବୈଠକରେ ଓଡ଼ିଶାରେ ପାନୀୟ ଜଳ ଏବଂ ବର୍ଜ୍ୟ ଜଳ ନିଷ୍କାସନର ସ୍ଥିତି ଏବଂ ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ଅତିରିକ୍ତ ଶାସନ ସଚିବ ଜି ମାଥୀ ଭାଥନନ୍ ଓଡ଼ିଶାରେ ଜଳର ଯାତ୍ରା ସମ୍ପର୍କିତ ଏକ ଉପସ୍ଥାପନା ପ୍ରସ୍ତୁତ କରିଥିଲେ। ଏତଦବ୍ୟତୀତ ୱାଟକୋର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଇଂ ପ୍ରଦୀପ୍ତ କୁମାର ସ୍ୱାଇଁ ଡ୍ରିଂକ ଫ୍ରମ୍ ଟ୍ୟାପ୍ ପ୍ରକଳ୍ପର ଅଗ୍ରଗତି ସମ୍ପର୍କିତ ଏକ ଉପସ୍ଥାପନା ପ୍ରସ୍ତୁତ କରିଥିଲେ। ବୈଠକ ପରେ ମନ୍ତ୍ରୀ ଦୈନିକ ନିର୍ଗତ ତରଳ ବର୍ଜ୍ୟ ପରିଚାଳନା ଏବଂ ବିଶୁଦ୍ଧିକରଣ ପାଇଁ ବାସୁଆଘାଇ ଠାରେ ଥିବା ଫିକଲ ସ୍ଲଜ ଟ୍ରିଟମେଂଟ ପ୍ଲାଂଟ (ଏଫଏସଟିପି) ଏବଂ ସ୍ୱେରେଜ ଟ୍ରିଟମେଂଟ ପ୍ଲାଂଟ (ଏସଟିପି) ପରିଦର୍ଶନ କରିଥିଲେ। ଏହି ଅବସରରେ ମନ୍ତ୍ରୀଙ୍କୁ ଏଫଏସଟିପିରେ ନିୟୋଜିତ ହୋଇଥିବା କିନ୍ନର ସ୍ୱୟଂ ସହାୟିକା ଗୋଷ୍ଠୀ ଏଫଏସଟିପିର ପରିଚାଳନା ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ । କିନ୍ନର ସମାଜକୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ନିଆଯାଇଥିବା ଏହି ପଦକ୍ଷେପ ପାଇଁ ଅତିରିକ୍ତ ଶାସନ ସଚିବଙ୍କୁ ପ୍ରସଂଶା କରିବା ସହ ଧନ୍ୟବାଦ ଜଣାଇଛନ୍ତି । ଉକ୍ତ ବୈଠକରେ ଅତିରିକ୍ତ ଶାସନ ସଚିବ ସାରଦା ପ୍ରସାଦ ପଣ୍ଡା, ଅର୍ବାନ ଏକାଡେମୀର ନିର୍ଦ୍ଦେଶକ ଶାନ୍ତନୁ ରଥଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

# ପୋକ୍ସୋ ଆଇନ ସଂପର୍କରେ ସଚେତନତା ଶିବିର

କେନ୍ଦ୍ରାପଡ଼ା, ୨୮/୬ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ପୋକ୍ସୋ ଆଇନ ସଂପର୍କରେ ଏକ ସଚେତନତା ଶିବିର ସ୍ଥାନୀୟ ବଳଦେବ ହାଇସ୍କୁଲ ରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୋକ୍ସୋ ଆଇନ ଓ ଜେ.ଜେ(ସିପିସି) ଆଇନ ଓ ପିଡୀତାଙ୍କୁ ନ୍ୟାୟ ସମନିତ ଉପରେ ଆଲୋଚନା କରା ଯାଇଥିଲା । ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସୁମିତ୍ରା ସାହୁଙ୍କ ଅଧକ୍ଷତା ରେ ଆୟୋଜିତ ଏହି ସଚେତନତା ଶିବିର ରେ ଊପସ୍ଥିତ ଥିବା ଶତାଧିକ ଛାତ୍ରଛାତ୍ରୀଙ୍କୁ କିପରି ପୋକ୍ସୋ ଆଇନ ଓ କିଶୋର ବୟସରେ ଅପରାଧରୁ ଦୂରେଇ ରହିବା ଓ ଯୌନ ଉପୀଡନ ନିରୋଧ ଆଇନ ସଂପର୍କରେ ଛାତ୍ରଛାତ୍ରୀ ମାନଙ୍କୁ ଉପଦେଶ ଦେଇଥିଲେ । ଏଥି ସହିତ ଛାତ୍ରଛାତ୍ରୀ ମାନେ କିପରି ନିଜର ପାଠପଢା ପ୍ରତି ଯତ୍ନବାନ ଓ ମାନସିକ ଓ ଶାରୀରିକ ଭାବେ ଜଣେ ଜଣେ ଭଲ ନାଗରିକ ହୋଇ ପାରିବେ ସେ ସଂପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ରୁବିନା ପ୍ରଧାନଙ୍କ ସହ ତପନ କୁମାର ଦାସ, ଶୀକାନ୍ତ କୁମାର ସ୍ୱାଇଁ, ସାନ୍ତନୁ ବଳ, ପ୍ରସନ୍ନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ଶିକ୍ଷାନୁଷ୍ଠାନ, ମହାବିଦ୍ୟାଳୟ ଓ ମିଶନ ଶକ୍ତି ପରିସରଭୁକ୍ତ କରାଯିବ: ମନ୍ତ୍ରୀ

ଭୁବନେଶ୍ୱର, ୨୮/୬ (ନି.ପ୍ର): ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ନିର୍ଦ୍ଦିଷ୍ଟ କେତେକ ଟ୍ରେନି ଛାତ୍ରଛାତ୍ରୀ ମଧ୍ୟରେ ସୀମିତ ନରଖି ଏହାକୁ ଶିକ୍ଷାନୁଷ୍ଠାନ,ମହାବିଦ୍ୟାଳୟ ଓ ମିଶନଶକ୍ତି ପରିସରଭୁକ୍ତ କରାଯିବା ଉପରେ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଗୁରୁତ୍ୱାରୋପ କରିଛନ୍ତି। ଗୁରୁବାର ପୂର୍ବାହ୍ନରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସମ୍ବନ୍ଧରେ ପୁଂଖାନୁପୁଂଖ ସମୀକ୍ଷା କରିବା ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ କମ୍ପାନୀଗୁଡ଼ିକରେ ଓଡ଼ିଆ ଛାତ୍ରଛାତ୍ରୀଙ୍କ ଯୋଗଦାନ ପୂର୍ବରୁ ସେମାନଙ୍କୁ ସୁଦକ୍ଷ କରିବା ଆବଶ୍ୟକ । କମ୍ପାନୀ ଓ ଶିକ୍ଷାନୁଷ୍ଠାନ ବୁଝାମଣାପତ୍ରରେ ଓଡ଼ିଆ ଯୁବକ ଯୁବତୀଙ୍କୁ ସେମାନଙ୍କ ଅନୁଷ୍ଠାନଗୁଡ଼ିକରେ ନିଯୁକ୍ତି ସୁଯୋଗ ପାଇଁ ଚୁକ୍ତିବଦ୍ଧ ହେଉଥିବାବେଳେ ଯୋଗ୍ୟ ପ୍ରାର୍ଥୀମାନେ କୁଶଳୀ ହେବା ନିହାତି ଜରୁରୀ । ସେଥିପାଇଁ ସେହି ପ୍ରାର୍ଥୀମାନଙ୍କୁ ଦକ୍ଷତା ବିକାଶ ପ୍ରଶିକ୍ଷଣ ଦିଆଯିବା ଆବଶ୍ୟକ। ସ୍ଥଳବିଶେଷରେ କମ୍ପାନୀ ଓ ଶିକ୍ଷାନୁଷ୍ଠାନଗୁଡ଼ିକୁ ମଧ୍ୟ ଉପଯୁକ୍ତ ଟ୍ରେନର ଓ ଭିତିଭୂମି ଯୋଗାଇ ଦେବା ପାଇଁ ଚୁକ୍ତି କରାଯାଇପାରିବ। ଯେଉଁ ଅଂଚଳରେ ଦକ୍ଷତା ବିକାଶ ଯେତେ ଉନ୍ନତ ସେ ଅଂଚଳର ଶିକ୍ଷାନୁଷ୍ଠାନ ଓ କମ୍ପାନୀଗୁଡ଼ିକ ସେତିକି ଦକ୍ଷ। ଏଥିପାଇଁ ଭିଏତ୍‌ନାମ, ସୁଇଜରଲାଣ୍ଡ ଓ ସିଙ୍ଗାପୁର ଇତ୍ୟାଦି ଅଞ୍ଚଳରେ ଉତ୍ପାଦିକତା ମଧ୍ୟ ତୁଳନାତ୍ମକ ଭାବେ ଅଗ୍ରଣୀ ଭୂମିକା ନେଇପାରିଛି । ତେଣୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ବ୍ୟାପକ କରି ଶିକ୍ଷାନୁଷ୍ଠାନ, ମହାବିଦ୍ୟାଳୟ ଓ ମିଶନ ଶକ୍ତି ସହ ଯୋଡ଼ିବା ଆବଶ୍ୟକ। ମହାବିଦ୍ୟାଳୟ ସ୍ତରରେ ମଧ୍ୟ ମହାବିଦ୍ୟାଳୟ ଗୁଡ଼ିକରେ ପାଠପଢ଼ା ସମୟରେ ଏହାର ଛାତ୍ରଛାତ୍ରୀ ଓ ପାଠପଢ଼ା ସମୟ ବାହାରେ ଯୁବକ ଯୁବତୀଙ୍କୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ସାମିଲ କରାଯାଇପାରିବ । ସେହିପରି ମିଶନଶକ୍ତି ଓ ଆପ୍ରେଂଟିସିପ୍ ସହ ଦକ୍ଷତା ବିକାଶ ଟ୍ରେନିଂକୁ ଯୋଡ଼ିବାର ଢେର ଆବଶ୍ୟକତା ଅଛି ବୋଲି ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି । ସମୀକ୍ଷା ମୁତାବକ ୩୦ ଗୋଟି ଜିଲ୍ଲାର ଉଚ୍ଚଶିକ୍ଷା ଅନୁଷ୍ଠାନରେ ୩୦ ଗୋଟି ସ୍କିଲ୍-ହବ ପରିଚାଳନା କରାଯିବ । ଏଥିରେ ଉଚ୍ଚଶିକ୍ଷା ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ସମ୍ପର୍କରେ ସଚେତନତା କରାଯିବା ସହ ପ୍ରଶିକ୍ଷଣ ଦିଆଯିବ । ଜୁଲାଇ ୧୫ ତାରିଖରେ "ବିଶ୍ୱ ଯୁବ ଦକ୍ଷତା ଦିବସ'' ଅବସରରେ କୌଶଳ ରଥ ଦୁଇଗୋଟି ବସ୍ ଦ୍ୱାରା ୩୦ଟି ଜିଲ୍ଲାକୁ ଅତିକ୍ରମ କରିବ । ବିଭିନ୍ନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଓ ଯୋଜନା ସମ୍ପର୍କରେ ଯୁବପିଢ଼ିଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ କୌଶଳରଥ ଆରମ୍ଭ କରିବାକୁ ପ୍ରସ୍ତାବ ଅଛି ଯେଉଁଥିରେ ହାଇସ୍କୁଲ, ଆଶ୍ରମ ବିଦ୍ୟାଳୟ, ଶିଶୁ ଯନି ଅନୁଷ୍ଠାନ, ପିଭିଟିଜି (ପ୍ରାଚୀନ ଜନଜାତି) ଅଞ୍ଚଳରେ (ବଣ୍ଡା ଓ ମାଙ୍କଡ଼ିଆ ଇତ୍ୟାଦି) ଏବଂ ଆଇଟିଆଇ ଓ ପଲିଟେକ୍‌ନିକ୍ ଉଚ୍ଚଶିକ୍ଷା ଅନୁଷ୍ଠାନ ଉପରେ ଗୁରୁତ୍ୱ ଦିଆଯିବ । ୭ ଗୋଟି ଦକ୍ଷତା ଉପରେ ସଚେତନତା ପାଇଁ ସରକାରଙ୍କ ବିଭିନ୍ନ ବିବରଣୀ, ରୋଲ ମଡେଲ୍ ଓ ଉଚ୍ଚଶିକ୍ଷା ସ୍କିମ୍ ଏହି କୌଶଳ ଅନ୍ ହୁଇଲ୍ ରେ ଫୋକସ୍ ହେବ। ସ୍ଥାନୀୟ ଜନପ୍ରତିନିଧି, ଅଭିଭାବକ, ଛାତ୍ରଛାତ୍ର, ପୂର୍ବତନ ଛାତ୍ରଛାତ୍ରୀଙ୍କୁ ଏଥିରେ ସାମିଲ ହେବା ପାଇଁ ନିମନ୍ତ୍ରଣ କରାଯିବ । ଏହା ବ୍ୟତୀତ ସ୍ୱଳ୍ପ ଅବଧି ଭିତ୍ତିକ ଦକ୍ଷତା କାର୍ଯ୍ୟକ୍ରମ, ଆଇ.ଟି.ଆଇ ଏବଂ ପଲିଟେକ୍‌ନିକ୍, ବିଶ୍ୱ ଦକ୍ଷତା କେନ୍ଦ୍ର ଓ ଉଚ୍ଚତର ବୈଷୟିକ ଶିକ୍ଷା ସଂସ୍ଥାନଗୁଡ଼ିକରେ ଦିଆଯାଉଥିବା କାର୍ଯ୍ୟକ୍ରମମାନ ଦୃଶ୍ୟ-ଶ୍ରାବ ଯନ୍ତ୍ର ମାଧ୍ୟମରେ ପ୍ରଚାର କରାଯିବ । ସ୍କିଲ୍-ଅନ୍-ହ୍ୱିଲ୍ ବା କୌଶଳ ରଥରେ ବିଭିନ୍ନ ପ୍ରକାର ପରିଯୋଜନା ଯଥା ବାଳିକାମାନଙ୍କ ପାଇଁ ସୁଦକ୍ଷା, ଅନାଥ ପିଲାଙ୍କ ପାଇ ଗ୍ରୀନ୍-ପ୍ୟାସେଜ୍ ସ୍କିମ୍ ଓ ନୂଆ-ଓ ଏବଂ ପିଏଲ୍‌ଟିପି ଯୋଜନା ସଂପର୍କରେ ସୂଚନା ଦିଆଯିବ । ଏହି କୌଶଳ ରଥ ଅଭିଯାନ ପାଇଁ ମୁଖ୍ୟମନ୍ତ୍ରୀଙ୍କଠାରୁ ସ୍ୱୀକୃତି ଅଣାଯିବ । ଏତଦ୍‌ବ୍ୟତୀତ ଯୁବକମାନଙ୍କୁ ଆତିଥେୟତା ପ୍ରଶିକ୍ଷଣ ପାଇଁ ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ ପ୍ରଥମ ପର୍ଯ୍ୟାୟରେ ପ୍ରଥମ କୌଶଳ ଭବନ ନିର୍ମାଣ କରାଯାଉଛି । ନିର୍ମାଣ ହେବାକୁ ଥିବା ୧୦ ଗୋଟି କୌଶଳ ଭବନ ମଧ୍ୟରୁ ପ୍ରଥମେ ଗୋଟିଏ ନିର୍ମାଣ ହେବ ।

# ଅନ୍ୟ ଚର୍ବି ଜାତୀୟ ଖାଦ୍ୟଠାରୁ ଅଧିକ ସ୍ୱାସ୍ଥ୍ୟକର ଗାଈଘିଅ, ରଖେ ନିରୋଗ ଓ ଦୀର୍ଘାୟୁ

ଆମ ସଂସ୍କୃତିରେ ଗୋଘୃତ ବା ଗାଈଘିଅର ଏକ ବିଶେଷ ଭୂମିକା ରହିଛି। ପୂଜା, ହୋମ ଆଦି ମାଙ୍ଗଳିକ କାର୍ଯ୍ୟରେ ଏହାର ବ୍ୟବହାର ସମ୍ବନ୍ଧରେ ଆମ୍ଭେମାନେ ଅଳ୍ପେ ବହୁତେ ଅବଗତ। ସ୍ୱାସ୍ଥ୍ୟରକ୍ଷା ଓ ଚିକିତ୍ସା ଦୃଷ୍ଟିରୁ ମଧ୍ୟ ଏହାର ବିଶେଷ ଭୂମିକା ରହିଛି। ଆୟୁର୍ବେଦ ମତରେ, ଗୋଘୃତ ହେଉଛି ସମସ୍ତ ପ୍ରକାରର ସ୍ନେହ ବା ଚର୍ବିଜାତୀୟ ଖାଦ୍ୟ ମଧ୍ୟରେ ଶ୍ରେଷ୍ଠ। ଏଥିରେ ଅଧିକ ପରିମାଣରେ ପରିପୃକ୍ତ ସ୍ନେହସାର ବା ଚର୍ବି ରହିଥିଲେ ମଧ୍ୟ, ଏଥିରେ ଥିବା ବସା ଅମ୍ଳ ବା 'ଫ୍ୟାଟି ଏସିଡ୍'ର ସ୍ୱଳ୍ପ ଶୃଙ୍ଖଳ ଏବଂ ଅତ୍ୟାବଶ୍ୟକ ବସାଅମ୍ଳ ବା 'ଏସେନ୍ସିଆଲ ଫ୍ୟାଟି ଏସିଡ୍'ର ଉପସ୍ଥିତି ଯୋଗୁଁ, ଏହା ଅନ୍ୟାନ୍ୟ ସ୍ନେହସାର ବା ଚର୍ବି ଜାତୀୟ ଖାଦ୍ୟଠାରୁ ଅଧିକ ସ୍ୱାସ୍ଥ୍ୟକର। ସେଥିପାଇଁ, ଅତି ପ୍ରାଚୀନକାଳରୁ, ସ୍ୱାସ୍ଥ୍ୟରକ୍ଷାକୁ ଲକ୍ଷ୍ୟରେ ରଖି ଆମ ଦୈନନ୍ଦିନ ଆହାରରେ ଗୋଘୃତର ପ୍ରୟୋଗ କରାଯାଇଛି। ଆୟୁର୍ବେଦ ମତରେ, ଗୋଘୃତ ନିତ୍ୟ ସେବନ କରିବା ଦ୍ୱାରା ଆମର ଧାରଣଶକ୍ତି, ସ୍ମୃତିଶକ୍ତି, ମେଧା, ଅଗ୍ନି, ବଳ, ଓଜନ ଓ ଆୟୁ ବୃଦ୍ଧି ହୋଇଥାଏ। ଏହା ଆମର ଶୁକ୍ରଧାତୁ, ସ୍ୱର ତଥା ନେତ୍ର ପାଇଁ ହିତକାରୀ। ଏହା ବାତ ଓ ପିତ୍ତର ବିକାର, ଉନ୍ମାଦ, ଅପସ୍ମାର ଓ ଜ୍ୱର ଜନିତ ପ୍ରଦାହକୁ ମଧ୍ୟ ନଷ୍ଟ କରିଥାଏ। ଶରୀରର ଓଜ ଓ ତେଜ ଏହାଦ୍ୱାରା ବୃଦ୍ଧି ହୋଇଥାଏ। ମୁଖଗହ୍ୱରରେ ଘା' ହେଲେ ଏବଂ ଶୀତ ଋତୁରେ ଓଠ ଓ ପାଦତଳ ଫାଟିଲେ, ଗୋଘୃତ ଲଗାଇବା ଦ୍ୱାରା ଉପଶମ ମିଳିଥାଏ। ନିୟମିତ ଗୋଦୁଗ୍ଧ ଓ ଗୋଘୃତକୁ ଏକତ୍ର ସେବନ କଲେ ଏହା ବାର୍ଦ୍ଧକ୍ୟକୁ ବିଳମ୍ବିତ କରିଥାଏ। ଗୋଘୃତ ସାଧାରଣତଃ ପ୍ରାତଃଭୋଜନ ପୂର୍ବରୁ କିମ୍ବା ପ୍ରାତଃଭୋଜନ ସହିତ ସେବନୀୟ। ଏହାର ମାତ୍ରା- ଅଗ୍ନିର ବଳ ତଥା କୋଷ୍ଠ ଅନୁଯାୟୀ ନିର୍ଦ୍ଧାରିତ ହୋଇଥାଏ। ତେବେ ଏହାକୁ ଆମେ ସାଧାରଣତଃ ଅଧଚାମଚ ମାତ୍ରାରେ ସେବନ କରିପାରିବା। ଗୋଘୃତ ସେବନ ପରେ ଉଷୁମପାଣି ପିଇବା ବିଧେୟ।



# ଛତୁରେ ରହିଛି ଔଷଧୀୟ ଗୁଣ

## ଡ଼ିପ୍ରେସନ ଦୂର୍ କରିବା ସହ ମନୋବଳକୁ କରେ ଦୃଢ଼



ଅନେକ ଲୋକ ଛତୁ ଖାଇବାକୁ ପସନ୍ଦ କରନ୍ତି । ଏହା କେବଳ ସ୍ୱାଦରେ ଭଲ ନୁହେଁ, ବରଂ ଏହା ଉଦାସୀନତା, ଚିନ୍ତା ଓ ମନୋବଳ ପରିବର୍ତ୍ତନ ଭଳି ମାନସିକ ସମସ୍ୟାକୁ ମଧ୍ୟ ଚିକିତ୍ସା କରିପାରିବ। ଏହି ଯାଦୁକାରୀ ଛତୁରେ ହାଲୁସିନୋଜେନିକ୍ ନାମକ ଏକ ପଦାର୍ଥ ରହିଥାଏ ଯାହା ଆମ ମସ୍ତିଷ୍କକୁ ହାଇପରକନେକ୍ଟେଡ୍ ମସ୍ତିଷ୍କ କରିବା ପାଇଁ କାମ କରେ। ନିକଟରେ ହୋଇଥିବା ଏକ କ୍ଲିନିକାଲ୍ ପରୀକ୍ଷା ଅନୁଯାୟୀ, ଛତୁରେ ମିଳିଥିବା ହାଲୁସିନୋଜେନିକ୍ ପଦାର୍ଥ ଆମ ମସ୍ତିଷ୍କକୁ ସ୍ଥାପିତ ଗଉଇ ସୁଇଚ୍ ସହିତ ବଦଳାଇପାରେ। ମନରେ ଏକ ନକାରାତ୍ମକ ଚିନ୍ତାଧାରା ଆସିବା ମାତ୍ରେ, ଏହି ସୁଇଚ୍ ସକ୍ରିୟ ହୋଇ ମନରେ ଆସୁଥିବା ଖରାପ ଚିନ୍ତାଧାରାର ପ୍ରବାହକୁ ବନ୍ଦ କରିବା କାର୍ଯ୍ୟ ଆରମ୍ଭ କରେ। ଏହି ଅଧ୍ୟୟନ କିଛି ଦିନ ପୂର୍ବରୁ ନେଚର ଚିକିତ୍ସାରେ ପ୍ରକାଶିତ ହୋଇଥିଲା। ଏଥିରେ, କ୍ଲିନିକାଲ୍ ପରୀକ୍ଷଣର ଧାଡ଼ିରେ, ଏହା କୁହାଯାଇଥିଲା ଯେ ଆମକୁ ଡିପ୍ରେସନ୍, ଚିନ୍ତା ଓ ମନୋବୃତ୍ତିର ସମସ୍ୟାରୁ ରକ୍ଷା କରିବା ପାଇଁ କ୍ତ୍ୱଃସକ୍ଷକ୍ଷ୍ମଚ୍ଛଉସଭ ଭଳି ସାଇକେଡେଲିକ୍ ପଦାର୍ଥ କିପରି କାମ କରେ। ଏହାର ପ୍ରଭାବ ବୁଝିବା ପାଇଁ ବିଶେଷଜ୍ଞଙ୍କ ଦ୍ୱାରା ବରୋଗୀଙ୍କୁ କ୍ଲିନିକାଲ୍ ପରୀକ୍ଷଣରେ ଅନ୍ତର୍ଭୁକ୍ତ କରାଯାଇଥିଲା। ଏଥିରେ ଉଭୟ ସୁସ୍ଥ ଏବଂ ଅସ୍ୱାସ୍ଥ୍ୟକର ବ୍ୟକ୍ତି ଅନ୍ତର୍ଭୁକ୍ତ ଥିଲେ। ଏହି କ୍ଲିନିକାଲ୍ ଟ୍ରାଏଲରେ, ବିଶେଷଜ୍ଞମାନେ ଦେଖିଲେ ଯେ ଛତୁରେଥିବା ସିଲୋସିବିନ୍ ନେବା ପରେ, ଅଂଶଗ୍ରହଣକାରୀଙ୍କ ମସ୍ତିଷ୍କର ତାର ଅଧିକ ସକ୍ରିୟ ହୋଇଗଲା। ସୁସ୍ଥ ପଦାର୍ଥର ମସ୍ତିଷ୍କ ଏହି ପଦାର୍ଥ ସହିତ ହାଇପରାକ୍ଟିଭ୍ ହୋଇଗଲା। ଯେଉଁମାନେ ଉଦାସୀନତା, ଚିନ୍ତା କିମ୍ବା ମନୋବଳ ପରିବର୍ତ୍ତନରେ ପୀଡିତ ଥିଲେ ସେମାନେ ଆରାମ ପାଇଲେ। ନକାରାତ୍ମକ ଚିନ୍ତାଧାରା କିମ୍ବା ଖରାପ ଚିନ୍ତାଧାରା ହଠାତ୍ ତାଙ୍କ ମନରେ ଅଟକି ଗଲା। ଏହି ବିଷୟରେ, ମେଡିସିନ୍ ?ର ୟୁସି ସାନ ଡିଏଗୋରେ ସାଇକ୍ରେଟିକ ବିଭାଗର ଡ଼ା. ହେଭା ଆର୍ଟିନ୍ କହିଛନ୍ତି ଯେ କ୍ଲିନିକାଲ୍ ପରୀକ୍ଷଣରେ ପ୍ରକାଶ ପାଇଥିବା ତଥ୍ୟ ଏହା ସ୍ପଷ୍ଟ କରେ ଯେ ଛତୁ ଉଦାସୀନତା କିମ୍ବା ମୁଡ୍ ସୁଇଙ୍ଗ୍ ଭଳି ସମସ୍ୟାର ଚିକିତ୍ସା କରିପାରିବ। ତଥାପି, ଏହା ଏପର୍ଯ୍ୟନ୍ତ ଅଧିକ ଅଧ୍ୟୟନ ଆବଶ୍ୟକ କରେ।

# ଘରେ୍ ଝଟାପଟ ପ୍ରସ୍ତୁତ କରନ୍ତୁ ଚିକେନ ପିଆଜ କଷା



ଆବଶ୍ୟକ ସାମଗ୍ରୀ: ଚିକେନ, କଟା ପିଆଜ, ହଳଦୀ ଗୁଣ୍ଡ, ଲୁଣ, ଲଙ୍କାଗୁଣ୍ଡ, କଟା ଟମାଟୋ, ତେଲ, ଗରମ ମସଲା ଓ କଞ୍ଚା ଲଙ୍କା ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ବଜାରରୁ କିଛି ଚିକେନ ଆଣନ୍ତୁ। ତାକୁ ଭଲ ଭାବେ ଧୋଇ ଏକ ପାତ୍ରରେ ରଖନ୍ତୁ। ପରେ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେବା ପରେ ସେଥିରେ କଟା ପିଆଜ ପକାନ୍ତୁ। ପିଆଜ ଭଲଭାବରେ ଭାଜି ହେବା ପରେ କଟା କଞ୍ଚା ଲଙ୍କା ଓ ଚିକେନ ପକାଇ କଷନ୍ତୁ। ଏହାପରେ ହଳଦୀ ଗୁଣ୍ଡ, ସ୍ୱାଦ ଅନୁସାରେ ଲୁଣ, ଲଙ୍କାଗୁଣ୍ଡ, କଟା ଟମାଟୋ ପକାଇ ଭଲ ଭାବେ ଗୋଳାନ୍ତୁ। ଚିକେନ ଭଲ ଭାବରେ କଷି ହୋଇଗଲା ପରେ ସେଥିରେ ଅଳ୍ପ ପାଣି ଦେଇ ତାକୁ ଘୋଡ଼ାଇ ଦିଅନ୍ତୁ। ଚିକେନରୁ ପାଣି ମରିଗଲା ପରେ ଗରମ ମସଲା ପକାଇ ତାକୁ ଓଲ୍ଲାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଚିକେନ ପିଆଜ କଷା।

# ପରିସ୍ରାର ରଙ୍ଗ ବଦଳିବା ହୋଇପାରେ HIVର ଲକ୍ଷଣ: ପୁରୁଷମାନେ କରନ୍ତୁ ନାହିଁ ଅଣଦେଖା

ଏଚ୍.ଆଇ.ଭି ଅର୍ଥାତ୍ ହ୍ୟୁମାନ୍ ଇମ୍ୟୁନୋଡେଫିସିଏନ୍ସି ଭାଇରସ୍ ଚିକିତ୍ସା କରାନଗଲେ ଏହା ଶରୀରରେ ସଂକ୍ରମଣ ବଢ଼ାଇ ଏଡସକୁ ଜନ୍ମ ଦେଇଥାଏ। ବର୍ତ୍ତମାନ ଏଡସର ଚିକିତ୍ସା ସମ୍ଭବ ନୁହେଁ, କିନ୍ତୁ ଏଚ୍.ଆଇ.ଭି ଚିହ୍ନଟ ହେବା ମାତ୍ରେ ମେଡିସିନ୍ ଏବଂ ସୁସ୍ଥ ଜୀବନଶୈଳୀ ଗ୍ରହଣ କରି ଏଡସ୍ ଷ୍ଟେଜ୍ ପର୍ଯ୍ୟନ୍ତ ପହଞ୍ଚିବାରୁ ଆପଣ ରକ୍ଷାପାଇପାରିବେ । ଏଡସକୁ ଏଡାଇବା ପାଇଁ ଏଚଆଇଭିର ଲକ୍ଷଣ ବୁଝିବା ଅତ୍ୟନ୍ତ ଜରୁରୀ । କିନ୍ତୁ କିଛି ଲକ୍ଷଣ ଅଛି ଯାହା କେବଳ ପୁରୁଷମାନଙ୍କଠାରେ ଏଚଆଇଭି ହେଲେ ଦେଖାଦେଇଥାଏ, ଯାହାକୁ ଭୁଲରେ ବି ଅଣଦେଖା କରିବା ଉଚିତ୍ ନୁହେଁ । ଏପରି ପରିସ୍ଥିତିରେ ଆସନ୍ତୁ ଜାଣିବା ପୁରୁଷମାନଙ୍କୁ କେଉଁ ଲକ୍ଷଣ ଅଣଦେଖା କରିବା ଉଚିତ୍ ନୁହେଁ...

*ପରିସ୍ରା ରଙ୍ଗରେ ପରିବର୍ତ୍ତନ :-* ଯଦି କୌଣସି ପୁରୁଷଙ୍କୁ ଏଚ୍.ଆଇ.ଭି ହୁଏ, ତେବେ ପରିସ୍ରା ଯିବା ସମୟରେ ଯନ୍ତ୍ରଣା ହୋଇପାରେ । ଏହା ବ୍ୟତୀତ ଆପଣଙ୍କୁ ବାରମ୍ବାର ଶୌଚାଳୟ ବ୍ୟବହାର କରିବାକୁ ପଡିପାରେ । ଏହି ସମୟରେ ପରିସ୍ରା ସହିତ ରକ୍ତ ବାହାରିପାରେ । ବ୍ଲେଡର କିମ୍ବା ରେକ୍ଟମ୍ ଅଞ୍ଚଳରେ ଯନ୍ତ୍ରଣା ହୋଇପାରେ । ସେହି ସମୟରେ ତଳ ପେଟରେ ଯନ୍ତ୍ରଣା ଅନୁଭବ ହୋଇଥାଏ ।

*ପୁରୁଷମାନଙ୍କଠାରେ ଏଚ୍.ଆଇ.ଭି. ର ପ୍ରାରମ୍ଭିକ ଲକ୍ଷଣ:-* ଟେଷ୍ଟିକଲ୍ସରେ ଯନ୍ତ୍ରଣା ଅନୁଭବ କରିବା, ରକ୍ଟମ୍ ଏବଂ ଅଣ୍ଡାକୋଷରେ ଯନ୍ତ୍ରଣା, ପ୍ରୋଷ୍ଟେଟ୍ ଗ୍ରନ୍ଥି ଫୁଲିବା, ପୁରୁଷମାନଙ୍କ ମଧ୍ୟରେ ଇନଫର୍ଟିଲିଟିର ସମସ୍ୟା, ହାଇପୋଗୋନାଡିଜିମର ଲକ୍ଷଣ, ଇରେକ୍ଟାଇଲ୍ ଡିସଫଙ୍କସନ ।

*ଜ୍ୱର ମଧ୍ୟ ଏଚ୍.ଆଇ.ଭି. ର ଲକ୍ଷଣ ହୋଇପାରେ :-* ଆପଣଙ୍କୁ ଜ୍ୱରକୁ ଏଚ୍.ଆଇ.ଭି.ର ପ୍ରଥମ ଲକ୍ଷଣ ଭାବରେ ବିବେଚନା କରାଯାଇପାରେ । କାରଣ ଏଚ.ଆଇ.ଭି ଭାଇରସ୍ ଆପଣଙ୍କ ଶରୀରରେ ପ୍ରବେଶ କରିବା ମାତ୍ରେ ଏହା ରକ୍ତ ମାଧ୍ୟମରେ ବଢ଼ିବାକୁ ଲାଗେ, ଯେଉଁ କାରଣରୁ ଇମ୍ୟୁନିଟି ପ୍ରଭାବିତ ହେବା ସହ ଜ୍ୱର ଆସେ । ଏହା ସହ ଜ୍ୱର ହେବା ମାତ୍ରେ ଝାଳ ବୋହିବା, ଥଣ୍ଡା ଅନୁଭବ ହେବା, ଥକା ଲାଗିବା ଓ ଗଳାରେ ଯନ୍ତ୍ରଣା ହେବା ଆଦି ଲକ୍ଷଣ ନଜର ଆସିପାରେ । ଏହା ଛଡ଼ା ବାରମ୍ବାର ପିଲାମାନଙ୍କ ଉପରେ ଶାରୀରିକ ଅତ୍ୟାଚାର ଦ୍ୱାରା ସେମାନେ ଏହା ବିରୋଧରେ କଥା କହିବାକୁ ଲାଗିଥାନ୍ତି । ଆର୍ଥାତ୍ ସେମାନେ ନିଜର ପିତାମାତାଙ୍କ କଥାକୁ ମଧ୍ୟ ଶୁଣି ନଥାନ୍ତି । ଅଭିଭାବକଙ୍କ ପ୍ରତ୍ୟେକ କଥାରେ ସିଏ ରାଗ ଜରଜର ହୋଇଥାନ୍ତି ।



# ପ୍ରଦୂଷଣରେ ଶକ୍ତି ଯୋଗାଇବ ଏସବୁ ପରିବା ଓ ଫଳ



କେବଳ ଯେ ଜୀନରେ ବାୟୁ ପ୍ରଦୂଷଣ ସର୍ବାଧିକ ସ୍ତରରେ, ତା ନୁହେଁ । ଆମ ରାଜଧାନୀ ଦିଲ୍ଲୀ ମଧ୍ୟ ସେ ତାଲିକାରେ ସାମିଲ ହୋଇଛି । ଭାରତର ପ୍ରତ୍ୟେକ ପ୍ରାନ୍ତରେ ଲୋକେ ବେଳହୁଁ ସଚେତନ ହୋଇଯିବା ଦରକା। ବିଶେଷଜ୍ଞ ମତରେ, ଏକମାତ୍ର ମାଧ୍ୟମ ହେଲା ଖାଦ୍ୟ ଓ ପାନୀୟ। ଉତ୍ତମ ଖାଦ୍ୟ ଖାଇଲେ ହିଁ ପ୍ରଦୂଷଣ ସହ ଲଢ଼ିବା ନିମନ୍ତେ ଶରୀରକୁ ଶକ୍ତି ମିଳିବ ।

ବ୍ରୋକୋଲି: ଆଣ୍ଟିଅକ୍ସିଡାଣ୍ଟ ଓ ପୋଷକତତ୍ତ୍ୱ ଭରପୂର ବ୍ରୋକୋଲି ପ୍ରତ୍ୟହ ଖାଇବା ଉଚିତ । ସାଲଶଡ୍ ଭାବେ ନଚେତ ହାଲକା ସିଝାଇ ବ୍ରୋକୋଲି ଖଶଇବା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଭଲ । ଏଇ ପରିବାରେ ଭିଟାମିନ୍ ଏ, ବି-୬, ସି, ମ୍ୟାଗ୍ନେସିୟମ, ସୋଡିୟମ, ଲୌହଥିବାରୁ ତାହା ବିଭିନ୍ନ ରୋଗ ପ୍ରତିରୋଧକ ଭାବେ ଶରୀରକୁ ଶକ୍ତି ଯୋଗାଇଥାଏ । ଭିଟାମିନ୍ ସି'ଯୁକ୍ତ ଫଳ ଓ ପରିବା ଖଶଇବା ମଧ୍ୟ ପ୍ରଦୂଷଣ ସହ ଲଢ଼ିବା ନିମନ୍ତେ ଶକ୍ତି ଯୋଗାଇଥାଏ । କମଳା, ଷ୍ଟ୍ରବେରୀ, ତରଭୁଜ ଇତ୍ୟାଦି ଫଳ ନିୟମିତ ଖାଇଲେ କିମ୍ବା ସେମାନଙ୍କ ରସ ପିଇବା ଉଚିତ । ବାୟୁ ପ୍ରଦୂଷଣର ହାନିକାରକ ପ୍ରାଭାବରୁ ହିଁ ଏହି ଭିଟାମିନ୍ ସି' ଶରୀରକୁ ରକ୍ଷା କରେ । ଏଣୁ ଦୈନିକ ଟମାଟୋ ସାଲାଡ୍ ଖାଇବା ମଧ୍ୟ ଭଲ । ପ୍ରାଚୀନ କାଳରେ ଆମ ଭାରତୀୟମାନେ ଦୀର୍ଘାୟୁ ହେବାର ମୁଖ୍ୟ କାରଣ ଥିଲା ସେମାନେ କଞ୍ଚା ହଳଦୀ ଖାଦ୍ୟରେ ବ୍ୟବହାର କରିବା ସହ ଏହାକୁ ତ୍ୱଚାରେ ମଧ୍ୟ ପ୍ରୟୋଗ କରୁଥିଲେ । ଏବେ କିନ୍ତୁ ବଜାରରେ ଅପମିଶ୍ରିତ ହଳଦୀ ବିଭିନ୍ନ ବ୍ୟଞ୍ଜନରେ ଉପଯୋଗ କଲେ ତାହା ମଧ୍ୟ ଶରୀରର ଶକ୍ତି ବୃଦ୍ଧି କରୁଥିବାର ବିଶେଷଜ୍ଞଙ୍କ ମତ ।

ଡ୍ରାଏଫ୍ରୁଟସ୍, ଏଗୁଡ଼ିକ ସାମାନ୍ୟ ମହଙ୍ଗା, କିନ୍ତୁ ଶରୀର ପାଇଁ ଖୁବ୍ ହିତକର। ସକାଳବେଳା ଅଳ୍ପଅଳ୍ପ ଡ୍ରାଏଫ୍ରୁଟସ୍ ସପରିବାର ଖାଇବା ଉଚିତ ।

# ଶିଶୁର କିଛି ପ୍ରଶ୍ନ....

ଶିଶୁର କିଛି ପ୍ରଶ୍ନକୁ ଅଣଦେଖା କରନ୍ତୁନି । ସବୁ ପ୍ରଶ୍ନର ଉତ୍ତର ନଦେଇ ପାରିଲେ ବି ତା'ର କିଛି ପ୍ରଶ୍ନର ଉତ୍ତର ଆପଣ ଦେବା ଦରକାର । ସେହି ପ୍ରଶ୍ନ ଗୁଡ଼ିକ ହେଉଛି -

କାହିଁକି ତୁମେ ପାପାଙ୍କ ସହ ଝଗଡ଼ା କରୁଛ ? ତୁମେ କ'ଣ ତାଙ୍କୁ ଭଲପାଅନି ? : ଯେତେବେଳେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କଳହ ହୋଇଥାଏ ସେ ସମୟରେ ପିଲାମାନେ ମାନସିକ ସ୍ତରରେ ପ୍ରଭାବିତ ହୁଅନ୍ତି । ସେମାନେ ମଧ୍ୟ ବେଳେବେଳେ ଏଥିପାଇଁ ଦୋଷୀ ଅନୁଭବ କରିଥାନ୍ତି । ତେଣୁ ସେମାନଙ୍କୁ ବୁଝାଇଦେବା ଦରକାର ଯେ, ଏହା ତାଙ୍କ ଭୁଲ ନୁହେଁ । ତାଙ୍କୁ କୁହନ୍ତୁ ଯେ, ଭୁଲ ବୁଝାମଣା ପାଇଁ ଲୋକମାନଙ୍କ ମଧ୍ୟରେ ଯୁକ୍ତି ତର୍କ ହୋଇଥାଏ । କିନ୍ତୁ କିଛି ସମୟ ରାଗ ପରେ ସବୁ ଠିକ୍ ହୋଇଯାଏ । ଲୋକମାନେ କାହିଁକି ? ମରିଯାଆନ୍ତି ?

- ମୃତ୍ୟୁ ବିଷୟରେ ମିଛ କୁହନ୍ତୁନି । ସେମାନଙ୍କୁ କୁହନ୍ତୁ ଯେ, ପ୍ରତ୍ୟେକ ବ୍ୟକ୍ତି ଦିନେ ନା ଦିନେ ମରିବେ । ମଣିଷ ଅପେକ୍ଷା କୁକୁର ଖୁବ୍ ଶୀଘ୍ର ମରିଯାଏ । ସମସ୍ତେ ଏକ ନିର୍ଦ୍ଦିଷ୍ଟ ସମୟରେ ମରିଯାନ୍ତି। ତେଣୁ ମଣିଷ ବି ବୃଦ୍ଧ ହୋଇଗଲେ ମରିଯାଏ ।

- କାହିଁକି ତୁମେ ମୋତେ ଘରେ ଛାଡ଼ି ଅଫିସକୁ ଯାଉଛ ?

ଶିଶୁକୁ ଭଲ ଭାବେ ବୁଝାଇ ଦିଅନ୍ତୁ ଯେ, ଚାକିରି ଗୁରୁତ୍ୱପୂର୍ଣ୍ଣ । ତାକୁ ତାକୁ ଏକଥା ବି କୁହନ୍ତୁ, ତାକୁ ଘରେ ଛାଡ଼ି ଯିବା ପାଇଁ ଆପଣଙ୍କୁ ବି ଭଲ ଲାଗୁନି । କିନ୍ତୁ କାମ ହିଁ ଗୁରୁତ୍ୱପୂର୍ଣ୍ଣ । ବୁଝାଇଦିଅନ୍ତୁ, ଅଫିସରୁ ଫେରିଲେ ଦୁହେଁ ଏକାଠି ମିଶି ଅନେକ ସମୟ ଅତିବାହିତ କରିବେ ।

- ମୋତେ ଭୂତକୁ ଭୟ ଲାଗୁଛି !

ଶିଶୁର ଭୟକୁ ଅଣଦେଖା କରନ୍ତୁନି। ଜାଣିବାକୁ ଚେଷ୍ଟା କରନ୍ତୁ କ'ଣ ପାଇଁ ତାକୁ ଭୟ ଲାଗୁଛି । କୌଣସି ଛାଇ କିମ୍ବା ଶବ୍ଦକୁ ଶୁଣି ଯଦି ସେ ଭୟ କରୁଥାଏ ତେବେ ତାକୁ ଏ ବିଷୟରେ ଭଲରେ ବୁଝାଇ ଦିଅନ୍ତୁ ।

ମୁଁ ଚିକିତ୍ସକଙ୍କ ପାଖକୁ ଯିବାକୁ ଚାହେଁନା:

ଆପଣଙ୍କ ଶିଶୁ ଜାଣିବା ଉଚିତ ଯେ, ସେ ଚିକିତ୍ସକଙ୍କୁ ଭୟ କରିବା ଠିକ୍ ନୁହେଁ । ଯେତେବେଳେ ସେ ଅସୁସ୍ଥ ହୋଇ ପଡୁଛି ସେ ସମୟରେ ସେ ଚିକିତ୍ସାରେ ରହିଲେ ତାକୁ କଷ୍ଟରୁ ମୁକ୍ତି ମିଳିବ ଏବଂ ସେ ବହୁତ ଆରାମ ଅନୁଭବ କରିବ ବୋଲି ଜାଣିବା ଦରକାର।

କାହିଁକି ସେ ଲୋକଟି ଏତେ ମୋଟା:-

ଆପଣଙ୍କ ଶିଶୁ ପବ୍ଲିକ୍ ସ୍ଥାନରେ କୌଣସି ବ୍ୟକ୍ତିଙ୍କୁ ଅଙ୍ଗୁଳି ଦେଖାଇ କିଛି କହିବା ଠିକ୍ ନୁହେଁ । ତାକୁ କୁହନ୍ତୁ ଯେ, ସମସ୍ତେ ଭିନ୍ନ ଭାବେ ଗଢ଼ା ହୋଇଛନ୍ତି । ସମସ୍ତଙ୍କ ଶରୀରର ଆକାର ଏବଂ ତ୍ୱଚାର ରଙ୍ଗ ଭିନ୍ନ । କୌଣସି ବ୍ୟକ୍ତିକୁ ଅଙ୍ଗୁଳି ଦେଖାଇ କିଛି କହିଲେ ଏହା ତାଙ୍କୁ ଆଘାତ ଦେବ। ତୁମେ ମୋତେ ତାଙ୍କ ଅନୁପସ୍ଥିତିରେ କିଛି କହିପାରିବ କିନ୍ତୁ ସମ୍ମୁଖରେ କିଛି କହିବନି।

ତୁମେ କ'ଣ ଭାଇକୁ ମୋ ଅପେକ୍ଷା ଅଧିକ ଭଲପାଅ:-

ଭାଇ ଭଉଣୀ ଝଗଡ଼ା ହେବା ସାଧାରଣ କଥା । ତେଣୁ ସେମାନଙ୍କ ଭିତରେ କେବେ ତୁଳନା କରନ୍ତୁନି । ଅପଣଙ୍କ ପିଲାକୁ ଜଣାଇ ଦିଅନ୍ତୁ ଯେ, ଆପଣ ଉଭୟଙ୍କୁ ବହୁତ ଭଲପାଆନ୍ତି ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୯ ଜୁନ୍ ୨୦୨୪, ଶନିବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସହମତିର ସନ୍ଧାନ...

ଅଷ୍ଟାଦଶ ଲୋକସଭା ନିର୍ବାଚନର ନିଷ୍କର୍ଷ ତର୍ଜମା କଲେ ଯେ କେହି ବି କହିବେ ଯେ ଭୋଟରମାନେ ଏଥିରେ ସବୁ ରାଜନୀତିକ ଦଳଙ୍କୁ ଏକତରଫା ରାଜନୀତି ପରିହାର କରିବାକୁ ବାର୍ତ୍ତା ଦେଇଛନ୍ତି । କୌଣସି ଗୋଟିଏ ହେଲେ ରାଜନୀତିକ ଦଳ ସଦନରେ ଏକକ ସଂଖ୍ୟା ଗରିଷ୍ଠତା ହାସଲ କରି ନାହାନ୍ତି ଏବଂ ଶାସନ କ୍ଷମତାରେ ଥିବା ମେଣ୍ଟ ସରକାର ଚଳାଇବାକୁ କୌଣସିମତେ ଆବଶ୍ୟକୀୟ ସଂଖ୍ୟା ଲାଭ କରିଛି । ନୂତନ ଲୋକସଭାର ପ୍ରଥମ ଦିନରେ ହିଁ ଦେଶବାସୀଙ୍କ ମାନସିକତା ପ୍ରଧାନମନ୍ତ୍ରୀଙ୍କ ଶବ୍ଦଗୁଡ଼ିକରେ ପ୍ରତିଫଳିତ ହୋଇଥିଲା ଯେତେବେଳେ ସେ ବିଶଦ ଭାବରେ ସହମତି ସୃଷ୍ଟିର ଆବଶ୍ୟକତା ସମ୍ପର୍କିତ ବିଷୟବସ୍ତୁ ଉପରେ ତାଙ୍କର ବକ୍ତବ୍ୟ ରଖୁଥିଲେ। ତେବେ, ସମ୍ପ୍ରତି ଜଣାପଡ଼େ ଯେ ହୁଏତ ସେ ଯାହା କହିଥିଲେ, ତାହା କେବଳ ତାଙ୍କ ମୁହଁର କଥା ଥିଲା କିମ୍ବା ଏନ୍‌ଡିଏ ତାଙ୍କ ଦଳର ନେତାଙ୍କ କଥାକୁ କାମରେ ପରିଣତ କରିବାର ପ୍ରଥମ ସୁଯୋଗକୁ ଜାଣିଶୁଣି ହରାଇଲା। ଏପରି କହିବାର ତାତ୍ପର୍ଯ୍ୟ, ପୂର୍ବର ୧୭ଟି ଲୋକସଭା ତା'ର କାର୍ଯ୍ୟକାଳ ଭିତରେ ମାତ୍ର ତିନି ଥର ବାଚସ୍ପତି ପଦ ପାଇଁ ନିର୍ବାଚନ କରାଇ ଥିବା ଏହା ସୂଚାଇ ଥାଏ ଯେ ଲୋକସଭାର ବାଚସ୍ପତି ପଦକୁ ନିରପେକ୍ଷ ପଦ ଭାବରେ ବିବେଚନା କରାଯାଏ- ବର୍ତ୍ତମାନ ସୁଦ୍ଧା ଯେଉଁସବୁ ବ୍ୟକ୍ତିବିଶେଷ ଏହି ପଦରେ ଅଧିଷ୍ଠିତ ହୋଇଛନ୍ତି, ସେମାନେ ନିରପେକ୍ଷତା ନୀତିକୁ ଅବଲମ୍ବନ କରିଥାନ୍ତୁ ବା ନ କରିଥାନ୍ତୁ, ସେସବୁ ନିର୍ବିଶେଷରେ । ଓମ୍ ବିର୍ଲା ଲୋକସଭାର ବାଚସ୍ପତି ଭାବରେ ନିର୍ବାଚିତ ହେବାରେ କିଛି ବିସ୍ମିତ ହେବା ଭଳି କଥା ନଥିଲା । ପ୍ରକୃତ ଆଶ୍ଚର୍ଯ୍ୟ ଏଇ କଥାରେ ରହିଛି ଯେ ଶ୍ରୀଯୁକ୍ତ ବିର୍ଲା ଜଣେ ସହମତିଭିତ୍ତିକ ପ୍ରାର୍ଥୀ ନଥିଲେ। ଆଉ ଏହି କାର୍ଯ୍ୟ ପାଖାପାଖି ବିଗତ ତିନି ଦଶନ୍ଧି ଭିତରେ ପ୍ରଥମ ଥର ପାଇଁ ସଂସଦର ନିମ୍ନ ସଦନକୁ ଏହାର ଉଚ୍ଚତମ ଆସନ ନିମନ୍ତେ ଏକ ନିର୍ବାଚନୀ ପ୍ରତିଦ୍ୱନ୍ଦ୍ୱିତା ପରିଲକ୍ଷିତ କରିବାକୁ ଦେଇଛି, ଯଦିଓ ଏହି କାହାଣୀର ପଟ୍ଟକଥା କିଛି ଭିନ୍ନ ଭାବରେ ଲେଖାଯାଇ ପାରିଥାନ୍ତା । ବିରୋଧୀ ଦଳମାନେ ଯୁକ୍ତି ଦର୍ଶାଇଛନ୍ତି କି, ସେମାନଙ୍କୁ ବାଧ୍ୟ କରାଗଲା ସେମାନଙ୍କର ନିଜ ପକ୍ଷରୁ- ଆଠଥର ସାଂସଦ ଭାବରେ ନିର୍ବାଚିତ ହୋଇଥିବା କୋଡିକୁନ୍ନିଲ ସୁରେଶଙ୍କୁ- ପ୍ରାର୍ଥୀ ଭାବରେ ବାଚସ୍ପତି ପଦ ପାଇଁ ନିର୍ବାଚନରେ ଅବତୀର୍ଣ୍ଣ କରାଇବାକୁ, ଯେତେବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ପ୍ରଥା ଭଙ୍ଗ କରି ସେମାନଙ୍କୁ ଉପ-ବାଚସ୍ପତି ପଦ ଦେବାକୁ ମନା କରିଦେଲେ। ଅପର ପକ୍ଷରେ, ଶାସକ ଦଳ ବିରୋଧୀମାନଙ୍କ ଉପରେ ଦୋଷାରୋପ କରି କହିଛନ୍ତି ଯେ ସେମାନେ ବାଚସ୍ପତି ଉଭୟ ଟ୍ରେଜେରୀ ବେଞ୍ଚ୍ ଏବଂ ଏହାର ବିରୋଧୀମାନଙ୍କର ସର୍ବସମ୍ମତ ନେତା ହେବାର ସୁଯୋଗକୁ ହାତଛଡ଼ା କରାଇ ସଂସଦୀୟ ପରମ୍ପରା ଭଙ୍ଗ କରିଛନ୍ତି। ଏହି ଆରୋପ ପ୍ରତ୍ୟାରୋପ ଦୁଇ ଗୋଟି ଜିନିଷ ସ୍ପଷ୍ଟ କରି ଦେଇଛି । ଦ୍ୱିତୀୟରେ, ଚଳିତ ପାଳିରେ ଏହାର ସଂଖ୍ୟା ବୃଦ୍ଧିଜନିତ ବଳ ଲାଭ କରି ବିରୋଧୀ ମେଣ୍ଟ ଏଭଳି ଆକ୍ରମକ ସ୍ୱଭାବ ସମ୍ମୁଖରେ ପଛଘୁଞ୍ଚା ଦେବାକୁ ପସନ୍ଦ କରିନାହିଁ । ଏହା ଅନେକ ଦୃଷ୍ଟିରୁ ଏକ ଉତ୍ସାହଜନକ କଥା, କାରଣ ବିଗତ ନିର୍ବାଚନରେ ଲୋକମାନଙ୍କ ତରଫରୁ ଯେଉଁ ଜନାଦେଶ ମିଳିଛି, ତାହା ହେଉଛି- ଏକ ଦୃଢ଼ ବିରୋଧୀ ପକ୍ଷ ଯାହା ପ୍ରତିଷ୍ଠିତ ସଂସଦୀୟ ପ୍ରଥା ପ୍ରତି ଉଦାସୀନତା ପ୍ରଦର୍ଶନ କରି ଆସୁଥିବା ଏକ ନିର୍ବାଚିତ ସରକାରର ମନମୁଖୀ କାର୍ଯ୍ୟରେ ପ୍ରକୃତ ପ୍ରତିବନ୍ଧକ ସୃଷ୍ଟି କରିବା ସହିତ ଭାରସାମ୍ୟ ରକ୍ଷା କରିବ: ଏହାର ଏକ ସାମ୍ପ୍ରତିକ ଉଦାହରଣ ହେଉଛି ଉପ-ବାଚସ୍ପତି ପଦ ପାଇଁ ବୁଝାମଣା କରିବାକୁ ସରକାରଙ୍କ ଆଗ୍ରହ ପ୍ରଦର୍ଶନ। ଇତ୍ୟବସରରେ ବାଚସ୍ପତି ନିର୍ବାଚନ ଶେଷ ହୋଇ ସାରିଛି ଏବଂ ଗତ କାଲି ରାଷ୍ଟ୍ରପତି ସଂସଦର ଉଭୟ ସଦନରେ ତାଙ୍କର ଉଦ୍‌ବୋଧନ ଦେଇ ସାରିଛନ୍ତି । ମୋଟାମୋଟି ଅଷ୍ଟାଦଶ ଲୋକସଭାର କାର୍ଯ୍ୟକାଳ ଆରମ୍ଭ ହୋଇ ସାରିଛି ଏବଂ କନ୍ଦଳରତ ଉଭୟ ଶାସକ ଓ ବିରୋଧୀ ପକ୍ଷଙ୍କ ପାଇଁ, ବିଶେଷକରି ସରକାରଙ୍କ ପାଇଁ ବର୍ତ୍ତମାନ ସମୟର ଆବଶ୍ୟକତା ହେଉଛି, ତାଙ୍କର କାର୍ଯ୍ୟକଳାପରେ କୁଶଳତା ବଜାୟ ରଖିବା । ଗୁରୁତ୍ୱପୂର୍ଣ୍ଣ ବିଲ୍‌ଗୁଡ଼ିକୁ ସରକାରଙ୍କ ପକ୍ଷରେ ନିଜର ସଂଖ୍ୟା ଗରିଷ୍ଠତା ବଳରେ ଜୋର ଜବରଦସ୍ତ ପାରିତ କରାଇ ନେବା, ଅସନ୍ତୋଷର ସ୍ୱରକୁ ଚପାଇ ଦେବା ପାଇଁ ବିରୋଧୀ ସଦସ୍ୟମାନଙ୍କର ସାମୂହିକ ନିଲମ୍ବନ, ତଥା ସଦନର କାର୍ଯ୍ୟକଳାପରେ ବାରମ୍ବାର ବ୍ୟାଘାତ ସୃଷ୍ଟି ଏବଂ ସଦନକୁ ମୁଲତବୀ ରଖାଯିବା– ଗତ ୧୦ ବର୍ଷରେ ଯେଉଁସବୁ ଘଟଣା ସଂସଦୀୟ କାର୍ଯ୍ୟକଳାପରେ ବିଘ୍ନ ସୃଷ୍ଟି କରିଥିଲା– ଉତ୍ପାଦକତାର ହାନି ଘଟାଇବା ସଙ୍ଗେ ସଙ୍ଗେ ସଦନର ମର୍ଯ୍ୟାଦା କ୍ଷୁଣ୍ଣ କରିବା ଦିଗରେ ପଥ କଢ଼ାଇ ନେଇଥିଲା । ଅଷ୍ଟାଦଶ ଲୋକସଭା ବିଗତ ଦଶ ବର୍ଷର ଏହି ଅବସ୍ଥାକୁ ଅର୍ଥାତ୍ ସମାନ ଧରଣର ବ୍ୟାଘାତ ସୃଷ୍ଟି ଇତ୍ୟାଦିକୁ ପରିଲକ୍ଷିତ କରିବ କି ନାହିଁ, ତାହା ବିରୋଧୀମାନଙ୍କ ଅପେକ୍ଷା ସରକାରଙ୍କର ଆଚରଣ ଉପରେ ଅଧିକ ପରିମାଣରେ ନିର୍ଭର କରେ।

# ଶ୍ରୀଜଗନ୍ନାଥଙ୍କ ଅନବସର ଓ ଅଲାରନାଥ




## ଡ.ସସ୍ମିତା ମିଶ୍ର

କରୁଣା କଳ୍ପତରୁ ଅବତାରୀ ପୁରୁଷ ଶ୍ରୀବିଷ୍ଣୁଙ୍କର ନିତ୍ୟ ଲୀଳା ସ୍ଥଳ କ୍ଷେତ୍ର ମଧ୍ୟରେ ଶ୍ରେଷ୍ଠ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ପୁରାଣ ପ୍ରସିଦ୍ଧ ଏବଂ ଶ୍ରେଷ୍ଠ ଧାମ ଭାବରେ ଅଗ୍ରଗଣ୍ୟ। ଯୁଗ ଯୁଗ ଧରି ମାନବ ସମାଜର ମଙ୍ଗଳ ବିଧାନ ପୂର୍ବକ ଚତୁର୍ଭୁଜ ଧାରୀ ନାରାୟଣ ଦାରୁବ୍ରହ୍ମ ମାନୁଷୀୟ ଲୀଳା ରଚନା କରୁଛନ୍ତି। କଳିଯୁଗର ରହସ୍ୟମୟ ଠାକୁର, ଯାହାଙ୍କ ତତ୍ତ୍ୱ ରହସ୍ୟ ସମଗ୍ର ଦେବତାଙ୍କୁ ଅଗୋଚର। ସେହି ତତ୍ତ୍ୱରୂପୀ ପୁରୁଷଙ୍କର ସଂସ୍କୃତି ପରମ୍ପରା ରୀତି ନୀତି ରହସ୍ୟ ଠାରୁ ଆହୁରି ରହସ୍ୟମୟ। ଜ୍ୟେଷ୍ଠ ମାସ ପୂର୍ଣ୍ଣିମା ଦିନ ସ୍ନାନ ଯାତ୍ରା କରିବା ପରେ ଆଦ୍ୟ ଆଷାଢ଼ଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ଦୀର୍ଘ ପନ୍ଦର ଦିନ ଅଣସରରେ ଗୁପ୍ତ ଭାବରେ ଏକାନ୍ତ ବାସ କରନ୍ତି। ସକଳ ଶକ୍ତିର ଆଧାର ପୁରୁଷ ବିଶ୍ୱନିୟନ୍ତାଙ୍କ ଏକାନ୍ତ ବାସ ଭକ୍ତଜନଙ୍କ ପ୍ରାଣକୁ କଷ୍ଟ ଦେଇଥାଏ। ସ୍ୱତଃ ମନକୁ ପ୍ରଶ୍ନ ଆସିଥାଏ ଏ ଅନବସର କ'ଣ ଓ କାହିଁକି କରାଯାଏ ଏବଂ ଏହି ସମୟରେ ଅଲାରନାଥଙ୍କ ଦର୍ଶନ କାହିଁକି କରାଯାଏ।

ଜଗତର ତ୍ରିଗୁଣ, ତ୍ରିତାପଧାରୀ ଲୀଳାମୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିକୁ ଅନୁଧ୍ୟାନ ଓ ଅନୁଶୀଳନ କଲେ ଅବ୍ୟକ୍ତକୁ ବ୍ୟକ୍ତ କରିବା ଶକ୍ତି ସୃଷ୍ଟିର କାହାରି ପାଖରେ ନାହିଁ। ତଥାପି ସୂକ୍ଷ୍ମମତିଯୁକ୍ତା ପରମ କାରୁଣିକ କୃପାମୟଙ୍କର କୃପା ଭିକ୍ଷା କରି ଅତଳ ଭବ ସାଗରରୁ କ୍ଷୁଦ୍ରାତିକ୍ଷୁଦ୍ର ବାଲୁକା ରାଶି ସଂଗ୍ରହ କରି ଉପସ୍ଥାପନା କରିବାକୁ ଯାଉଛି।

ନୀଳାଦ୍ରି କନ୍ଦ ଆନନ୍ଦ ସଚ୍ଚିଦାନନ୍ଦ ବେଶ ରାସ ଯାତ ଭକ୍ତ ପ୍ରିୟ ଠାକୁର। ବର୍ଷକରେ ସମ୍ପାଦିତ ଦ୍ୱାଦଶ ଯାତ୍ରା ମଧ୍ୟରୁ ସ୍ନାନ ଓ ଗୁଣ୍ଡିଚା ଯାତ ପ୍ରମୁଖ ଭାବରେ ବିଶ୍ୱବିଦିତ। ସମର୍ପଣ ଓ ଭାବର ଠାକୁର କାଳିଆ ସାଆନ୍ତ ଶ୍ରୀଜଗନ୍ନାଥ ଭକ୍ତର ଭାବ ଡୋରିରେ ବାନ୍ଧି ହୋଇ ରତ୍ନ ସିଂହାସନରୁ ଓହ୍ଲାଇ ଆସିଥାନ୍ତି। ଭକ୍ତ ଭାବଗ୍ରାହୀ ପତିତମାନଙ୍କୁ ପାବନ କରିବା ଉଦ୍ଦେଶ୍ୟରେ ଏବଂ ଭକ୍ତ ଭଗବାନଙ୍କ ମଧ୍ୟରେ ଥିବା ଦୂରତାକୁ ଦୂର କରିବା ପାଇଁ ସ୍ନାନ ଗୁଣ୍ଡିଚା ରାସ ରଚନା କରିଥାନ୍ତି। ଜ୍ୟେଷ୍ଠ ମାସ ପୂର୍ଣ୍ଣିମା ତିଥିରେ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ପରଂବ୍ରହ୍ମରୂପୀ ଦାରୁବ୍ରହ୍ମ ଦାରୁ ବିଗ୍ରହରେ ପ୍ରାଣ ପ୍ରତିଷ୍ଠା ଲାଭ କରିଥିଲେ। ଏହି ତିଥିକୁ ଚତୁର୍ଦ୍ଧା ବିଗ୍ରହଙ୍କର ଜନ୍ମଦିନ ବୋଲି କୁହାଯାଏ। ଜନ୍ମୋତ୍ସବରେ ଠାକୁରମାନଙ୍କର ଜଳାଭିଷେକ ଓ ସର୍ବାଙ୍ଗ ସୁସଜ୍ଜିତ କରାଯାଇଥାଏ। ସ୍ନାନ ପୂର୍ଣ୍ଣମା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଆଦ୍ୟ ଯାତ୍ରା ଅଟେ। ଜ୍ୟେଷ୍ଠ ମାସ ଶୁକ୍ଳ ପକ୍ଷ ତ୍ରୟୋଦଶୀ ତିଥିରେ ଶ୍ରୀଜଗନ୍ନାଥଙ୍କ ବିଶ୍ୱାବସୁ ବଂଶଜ ସେବକ ଦଇତା ଶ୍ରୀମନ୍ଦିରକୁ ମହାପ୍ରଭୁଙ୍କ ସେବାରେ ପ୍ରବେଶ କରିଥାନ୍ତି। ଶ୍ରୀମନ୍ଦିରର ଦୈନନ୍ଦିନ ନୀତି କାନ୍ତିରେ ବର୍ଷକ ବାରମାସ ମଧ୍ୟରେ ପୂଜାପଣ୍ଡା ସେବକମାନଙ୍କର ଏଗାର ମାସ ସେବା ଥିବାବେଳେ ଏକମାସ ବିଶ୍ୱାବସୁଙ୍କ ବଂଶଜ ଦଇତା ସେବକମାନଙ୍କ ଦ୍ୱାରା ଚତୁର୍ଦ୍ଧା ବିଗ୍ରହ ପୂଜା ପାଇଥାନ୍ତି। ଶ୍ରୀମନ୍ଦିର ଉତ୍ତର ପାର୍ଶ୍ୱରେ ଶୀତଳମାତା'ଙ୍କ ମନ୍ଦିର ସଂଲଗ୍ନ ସୁନାକୂଅ ଅବସ୍ଥାପିତ। ବର୍ଷସାରା ଏହି କୂପ ଅବ୍ୟବହୃତ ଅବସ୍ଥାରେ ଥାଏ। ପୂର୍ଣ୍ଣିମା ପୂର୍ବରୁ ଏହି କୂପକୁ ସୋଧ କରାଯାଇ ସମସ୍ତ ତୀର୍ଥମାନଙ୍କୁ ଆବହାନ କରାଯାଇଥାଏ।ବର୍ଷକ ବାରମାସ ମନ୍ତ୍ର ସ୍ନାନ ବା ବିମ୍ବ ସ୍ନାନ କରୁଥିବା ମହାପ୍ରଭୁ ସ୍ନାନ ମଣ୍ଡପକୁ ଯାତ୍ରା କରିଥାନ୍ତି।

ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ପ୍ରାତଃ କାଳରୁ ମଙ୍ଗଳ ଆରତୀ ସରିବା ପରେ ଦଇତା ସେବକମାନଙ୍କ ଦ୍ୱାରା ଗୋଟି ପହଣ୍ଡିରେ ମହାପ୍ରଭୁ ସ୍ନାନ ବେଦୀକୁ ବିଜେ କରିଥାଆନ୍ତି। ଶ୍ରୀମନ୍ଦିର ଉତ୍ତର ପୂର୍ବ ଦିଗରେ ଅବସ୍ଥିତ ଏହି ମଣ୍ଡପରେ ବିରାଜମାନ କରିବା ପରେ ଚତୁର୍ଦ୍ଧା ବିଗ୍ରହଙ୍କର ଦୈନନ୍ଦିନ ନୀତି କାନ୍ତି ବଢ଼ିଥାଏ। ପୂର୍ବ ପ୍ରସ୍ତୁତ ଅନୁସାରେ ସୁନାକୂଅରୁ ଶହେ ଆଠ ଗରା ଜଳ ସଂଗ୍ରହ କରାଯାଇଥାଏ। ସେହି ଜଳରେ ସୁଗନ୍ଧଯୁକ୍ତ ସୁବାସିତ ଦ୍ରବ୍ୟ ମିଶ୍ରଣ କରାଯାଇ ପ୍ରଥମ ଗରା ସୁଶୀତଳ ଜଳର ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ମସ୍ତକରେ ଅର୍ପଣ କରାଯାଏ। ଶ୍ରୀ ଜଗନ୍ନାଥ ପଞ୍ଚତିରିଶି ଗରା, ଶ୍ରୀ ବଳଭଦ୍ର ତେତିଶ ଗରା, କାନ୍ତିଲ୍ୟବାସିନୀ ଦେବୀ ସୁଭଦ୍ରିକା ବାଇଶି ଗରା ଓ ଚକ୍ରରାଜ ସୁଦର୍ଶନ ଅଠର ଗରା ଜଳରେ ସ୍ନାନ କରିଥାନ୍ତି। ଠାକୁରମାନଙ୍କର ଦିବ୍ୟ ଭବ୍ୟ ସ୍ନାନ ପରେ

'ଗଣେ ନାରାୟଣେ ରୁଦ୍ରେ ଅମ୍ବିକେ ଭାସ୍କରେ ତଥା' ଉକ୍ତିରେ ଆଦିଦେବ ଗଜାନନ ବେଶ ହୋଇଥାନ୍ତି ଚତୁର୍ଦ୍ଧା ବିଗ୍ରହ। ତା'ପରେ ଗୋଟିଏ ଧୂପ ନୀତି ଅନୁଷ୍ଠିତ ହୋଇଥାଏ।

ପୌରାଣିକ କିମ୍ବଦନ୍ତୀ କହେ ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ଗୋପ କିଶୋରୀଗଣ ଯମୁନା ଜଳରେ ସ୍ନାନ କରିବା ସମୟରେ କଦମ୍ବ ବୃକ୍ଷର ଡାଳରେ ବସି ବସ୍ତ୍ର ହରଣ କରିଥାନ୍ତି। ସ୍ନାନ ସାରିବା ପରେ ଗୋପାଙ୍ଗନା ବସ୍ତ୍ର ନ ପାଇ ଖୋଜିବା ସମୟରେ ନଟଖଟ ରାସଶେଖର କାହ୍ନୁ ଦେଖନ୍ତି। ଲଜ୍ଜା ବଶତଃ ଜଳ ମଧ୍ୟରେ ବ୍ୟସ୍ତ ହୋଇ ଶ୍ରୀକୃଷ୍ଣଙ୍କୁ ଅଭିଶାପ ଦିଅନ୍ତି। ଗୋପ ଲଳନାମାନଙ୍କର ଅଭିଶାପକୁ ସାନନ୍ଦେ ଗ୍ରହଣ କରି ନିଅନ୍ତି ରସିକ ଶେଖର ରସକେନ୍ଦ୍ରମୌଳୀ। କଳିଯୁଗରେ ତାଙ୍କ ସ୍ନାନ ସାର୍ବଜନୀନ ହେବ । ଗୋପୀ ଅର୍ଥାତ୍ ଦଇତା ସେବକମାନଙ୍କ ଓ ଭକ୍ତମାନଙ୍କର ଗହଣରେ ସ୍ନାନ କରିବେ। ଏହାକୁ ସ୍ନାନ ଯାତ୍ରା ବା ମହତି ସ୍ନାନ ଯାତ୍ରା କୁହାଯିବ। ଆହୁରି ପୁଣି ପୁରାଣ କୁହେ ଯେ; ସକଳ ଶକ୍ତିର ଆଧାର ପୁରୁଷ ନିରାକାର ପରଂବ୍ରହ୍ମଙ୍କର ଏହି ଦିବ୍ୟ ଭବ୍ୟ ଯାତ ? ? ଦେଖିବାକୁ ସ୍ୱର୍ଗଲୋକରୁ ଦେବତା ଗଣ ଆସିଥାଆନ୍ତି ପୁଷ୍ପ ବୃଷ୍ଟି କରିବା ପାଇଁ । ଏହି ସମୟରେ ଶାଳକ ଇନ୍ଦ୍ର ଦେବ ମହାପ୍ରଭୁଙ୍କୁ ପୁଷ୍ପ ବଦଳରେ ବାରି ବୃଷ୍ଟି କରି ଭିଜେଇ ଦିଅନ୍ତି। ଚିକିତ୍ସା ଶାସ୍ତ୍ର ମତରେ ବିଳମ୍ବରେ ସ୍ନାନ ଭୋଜନ କରିବା ଦ୍ୱାରା ଶରୀରରେ କମ୍ପନ ସୃଷ୍ଟି ହୋଇଥାଏ।

ଯାହାବି ହେଉ ରସରାଜ ଅଦିନିଆ ସ୍ନାନ କରିବା ଦ୍ୱାରା କୋମଳ ଶରୀରରେ କମ୍ପନ ସୃଷ୍ଟି ହୋଇଛି। ସ୍ନାନ ଯାତ୍ରା ନୀତି ସମାପନ କରି ବାହୁଡ଼ି ଆସିଛନ୍ତି ଶ୍ରୀ ମନ୍ଦିରକୁ।ବେହରଣ ଦ୍ୱାରର ନିକଟରେ ପହଞ୍ଚିବା ପରେ ଆରମ୍ଭ ହୋଇଛି ଜ୍ୱର। ଜ୍ୱର ପୀଡାରେ ବାଧିତ ହୋଇଛନ୍ତି ଅଚଳ ମହାମରୁ। ସାଥେ ସାଥେ ଖବର ଦିଆଯାଇଛି ରାଜବୈଦ୍ୟଙ୍କୁ। କଳାହାଟ ଦ୍ୱାର ନିକଟରେ କୋଠ ସୁଆସିଆଁମାନଙ୍କ ଦ୍ୱାରା ତାଟିରେ ପ୍ରସ୍ତୁତ ହୋଇଛି ଅସ୍ଥାୟୀ ଗୃହକୁ ଯାହାକୁ ଅଣସର ଗୃହ କୁହାଯାଏ। ରାଜବୈଦ୍ୟ ଆସି ନାଡି ଦେଖି ଦଇତା ସେବକମାନଙ୍କ ଦ୍ୱାରା ଶରୀରର ଗୁପ୍ତ ସେବା ନୀତି ଆରମ୍ଭ କରିଦିଅନ୍ତି।

ଅଣସର ଘରେ ଛୋଟିଆ ଦ୍ୱାର ଟିଏ ଥାଏ, ଯାହାକୁ ଧୁକୁଡ଼ି ଦ୍ୱାର କୁହାଯାଏ। ଅନ୍ଧକାର ଘରେ ପୋଲାଙ୍ଗ ତେଲରେ ଦୀପ ଲଗାଯାଇ ମହାପ୍ରଭୁଙ୍କ ଶରୀର ଗୁପ୍ତ ସେବା ଚାଲେ।

ବେଦମନ୍ତ୍ରୋରହିତ ଆଡମ୍ବର ଶୂନ୍ୟ ବେଶ ଆଭୂଷଣ ଶୂନ୍ୟ ଦଇତା ସେବକମାନଙ୍କ ସମର୍ପଣ ଭାବରେ ପୂଜା ପାଇଥାନ୍ତି। ତୁଳସୀ ଦୟଣା ସୁଗନ୍ଧଯୁକ୍ତ ପୁଷ୍ପ ଆଭୂଷଣ ରହିତରେ ଫଳ ପଣା ପାଚନ ଗ୍ରହଣ ପୂର୍ବକ ଶ୍ୱେତ ବସ୍ତ୍ର ପୁଷ୍ପ ଧାରଣ କରି ଏକାନ୍ତରେ ଅଧିବାସ କରନ୍ତି।

ଚିତ୍ରକାର ମାନଙ୍କର ଦ୍ୱାରା ପ୍ରସ୍ତୁତ ପଟିଦିଅଁ ଆସି ଗର୍ଭଗୃହରେ ଥାଆନ୍ତି।ଶ୍ରୀବଳଭଦ୍ରଙ୍କ ପ୍ରତିରୂପରେ ବାସୁଦେବ,କାନ୍ତିଲ୍ୟବାସିନୀ ମାଆ ସୁଭଦ୍ରିକାଙ୍କର ପ୍ରତିରୂପରେ ମାଆ ଭୂବନେଶ୍ୱରୀ ଶ୍ରୀ ଜଗନ୍ନାଥଙ୍କ ପ୍ରତି ରୂପରେ ନାରାୟଣଙ୍କର ପଟିଦିଅଁକୁ ସ୍ଥାନ ଦିଆଯାଏ। ଦକ୍ଷିଣ ଘରୁ ଚଳନ୍ତି ପ୍ରତିମା ରାମ ଓ କୃଷ୍ଣ ନୃସିଂହ ଦୋଳଗୋବିନ୍ଦ ସହିତ ମଦନମୋହନ ଶ୍ରୀଦେବୀ ଭୂଦେବୀ ସପ୍ତ ବିଗ୍ରହମାନଙ୍କୁ ଅଣାଯାଇ ବିଜେ କରାଯାଏ।ଶ୍ରୀ ବଳଭଦ୍ରଙ୍କ ପଟିଦିଅଁ ବାସୁଦେବଙ୍କ ନିକଟରେ ରାମ ନୃସିଂହ ଓ ଦୋଳଗୋବିନ୍ଦ, ସୁଭଦ୍ରାଙ୍କ ପଟିଦିଅଁ ମାଆ ଯାଜ୍ଞସେନୀଙ୍କ ପଟିଦିଅଁ ନିକଟରେ ଭୂଦେବୀ ଶ୍ରୀଦେବୀ ଓ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ପଟିଦିଅଁ ନାରାୟଣଙ୍କ ନିକଟରେ ମଦନମୋହନ ଓ କୃଷ୍ଣଙ୍କ ପ୍ରତିମାକୁ ବିରାଜମାନ କରାଯାଏ। ପଟିଦିଅଁ ଓ ଚଳନ୍ତି ବିଗ୍ରହମାନଙ୍କର ପୂଜାପଣ୍ଡା ସାମନ୍ତମାନଙ୍କ ଦ୍ୱାରା ଠାକୁରଙ୍କ ଦୈନନ୍ଦିନ ନୀତି ଓ ଧୂପ ଆଦି ସମ୍ପନ୍ନ ହେଉଥିବା ବେଳେ ଦାରୁଦେବତାଙ୍କ ପାଖରେ ଫଳମୂଳ ଧୁଆମୁଗ ଚକଟା ଭୋଗ କରାଯାଏ।

ଏହି ସମୟରେ ଶ୍ରୀକ୍ଷେତ୍ରର ପଶ୍ଚିମ ଦିଗରେ ଅବସ୍ଥିତ ବ୍ରହ୍ମକ୍ଷେତ୍ର ବା ବ୍ରହ୍ମଗିରି। ଦକ୍ଷିଣରେ ମହୋଦଧି ପଶ୍ଚିମରେ ଚିଲିକା, ଉତ୍ତରରେ ପୁଣ୍ୟତୋୟା ଭାର୍ଗବୀ ନଦୀ ଓ ପୂର୍ବ ଦିଗରେ ଶ୍ରୀକ୍ଷେତ୍ର। କୁହାଯାଏ ବ୍ରହ୍ମା ଶ୍ରୀପୁରୁଷୋତ୍ତମଙ୍କ ପ୍ରତିଷ୍ଠା ନିମିତ୍ତ ସ୍ୱର୍ଗଲୋକରୁ ଅବତରଣ କରି ବ୍ରହ୍ମଲୋକରେ ପଦାର୍ପଣ କରିଥିଲେ, ସେହି ସ୍ଥାନକୁ ବ୍ରହ୍ମଗିରି କୁହାଯାଏ ।ଶ୍ରୀଜଗନ୍ନାଥଙ୍କ ଅନବସର ସମୟରେ ପ୍ରଭୁଙ୍କର ସାଧାରଣ ଦର୍ଶନ ବନ୍ଦ ରହେ ଏବଂ ୧୫ ଦିନ କାଳ ଚତୁର୍ଦ୍ଧାମୂରତି ଅଣସର ଘରେ ବିଜେ ହୁଅନ୍ତି । ଅଣସର ଘର ତାଳତାଟି ଭିତରେ ମହାପ୍ରଭୁଙ୍କ ବଂଶଧର ଭାବେ ପରିଚିତ ଦଇତାପତି ସେବକମାନେ ସେମାନଙ୍କର ସେବାଶୁଶ୍ରୂଷା କରନ୍ତି । ପ୍ରଭୁଙ୍କ ଅଣସର ସମୟରେ ଭକ୍ତମାନେ ଶ୍ରୀଅଲାରନାଥଙ୍କ ଦର୍ଶନ ଲାଭ କରି କୃତକୃତ୍ୟ ହୁଅନ୍ତି । ବିଶ୍ୱାସ କରାଯାଏ ଯେ, ଶ୍ରୀଅଲାରନାଥଙ୍କ ଦର୍ଶନ, ଜଗନ୍ନାଥଙ୍କ ଦର୍ଶନ ସହିତ ସମାନ ।ଏହାର ଗର୍ଭଗୃହରେ ଶ୍ରୀବିଷ୍ଣୁ ଅଲାରନାଥ ଭାବରେ ବିରାଜମାନ କ୍ଷ ପରମ ପ୍ରଶାନ୍ତି ବିଜଡ଼ିତ ଦିବ୍ୟ ମୁଖଶ୍ରୀ ସଙ୍ଗେ କଳା ମୁଗୁନି ପ୍ରସ୍ତର ଦ୍ୱାରା ଶ୍ରୀବିଷ୍ଣୁଙ୍କ କମନୀୟ କଳେବରରେ ସୂକ୍ଷ୍ମ ବନମାଳ ବକ୍ଷ ସ୍ଥଳରେ ଲମ୍ବି ଆସିଛି । ବିଗ୍ରହଙ୍କ କିରୀଟ ଠାରୁ ପାଦ ପର୍ଯ୍ୟନ୍ତ ଉଚ୍ଚତା ପ୍ରାୟ ସାଢ଼େ ଛ' ଫୁଟ୍ ବିଶିଷ୍ଟ ।ଉଭୟ ପାର୍ଶ୍ୱରେ ଶ୍ରୀଦେବୀ ଏବଂ ଭୂଦେବୀ ରହିଛନ୍ତି । ବିଗ୍ରହ ସଂଲଗ୍ନ ପଶ୍ଚାତ୍ ଭାଗରେ କାରୁକାର୍ଯ୍ୟପୂର୍ଣ୍ଣ ତୋରଣ ବା ପ୍ରଭା ଦେଖିବାକୁ ମିଳେ । ମୂର୍ତ୍ତିର ମଧ୍ୟଭାଗର ଉଭୟ ପାର୍ଶ୍ୱରେ ଦୁଇଜଣ ଚାମର ସେବିକା ଓ ନିମ୍ନ ଭାଗ ଉଭୟ ପାର୍ଶ୍ୱରେ ଭୂଦେବୀ ଓ ଶ୍ରୀଦେବୀ ଦଣ୍ଡାୟମାନା। ଶ୍ରୀବିଗ୍ରହଙ୍କ ଚରଣତଳେ ଭକ୍ତ ଗରୁଡ଼ପକ୍ଷୀ ହସ୍ତଯୋଡ଼ି ପ୍ରାର୍ଥନାରତ ରହିଛନ୍ତି । କର୍ଣ୍ଣରେ ମକରକୁଣ୍ଡଳ , କଣ୍ଠରେ ରତ୍ନହାର, ସ୍କନ୍ଧରେ ଯଜ୍ଞୋପବୀତ, ପାଦରେ ନୂପୁର, ହସ୍ତରେ ବାହୁଟି ଓ ଅଙ୍ଗୁଳିରେ ମୁଦ୍ରିକାଦି ପ୍ରସ୍ତରରେ ଖୋଦିତ ହୋଇ ଶୋଭା ପାଉଛନ୍ତି । ଶ୍ରୀବିଗ୍ରହଙ୍କ ଉର୍ଦ୍ଧ୍ୱଦେଶ ବାମ ହସ୍ତରେ ଶଙ୍ଖ, ଡାହାଣ ହସ୍ତରେ ଚକ୍ର , ନିମ୍ନ ଦେଶର ବାମ ହସ୍ତରେ ଗଦା ଏବଂ ଆଶୀର୍ବାଦସୂଚକ ଅଭୟମୁଦ୍ରାରେ ଥିବା ଡାହାଣ ହସ୍ତ ପାପୁଲିରେ ପଦ୍ମ ବିରାଜିତ । 'ସିଦ୍ଧାର୍ଥ ସଂହିତା' ନାମକ ମୂର୍ତ୍ତି ତତ୍ତ୍ୱ ତଥ୍ୟ ସନ୍ନିବେଶିତ ଗ୍ରନ୍ଥର ପ୍ରମାଣ ଅନୁଯାୟୀ ଶ୍ରୀବିଗ୍ରହ ହେଉଛନ୍ତି ଜନାର୍ଦ୍ଦନ ନାରାୟଣ, ଯଥା : 'ପଦ୍ମଂ ସୁଦର୍ଶନଂ ଶଙ୍ଖଂ ଗଦା ଧତ୍ତେ ଜନାର୍ଦ୍ଦନଃ। 'ଏହାଙ୍କ ମନ୍ଦିର ପାର୍ଶ୍ୱରେ ମହାଲକ୍ଷ୍ମୀଙ୍କ ମନ୍ଦିର ମଧ ରହିଛି। ପ୍ରଭୁ ଅଲାରନାଥ ଶ୍ରୀବିଷ୍ଣୁ ଭଗବାନଙ୍କ ଚଳନ୍ତି ପ୍ରତିମା ବୋଲି ବିଭିନ୍ନ ପୁରାଣରେ ଉଲ୍ଲେଖ ଅଛି। ଅଲ୍ ବିଦାଙ୍କ ବା ନାଥ ଅଲ୍ ବିନ୍ଦାନାଥ କାଳକ୍ରମେ ଅପଭ୍ରଂଶ ହୋଇ ଅଲାରନାଥ ନାମରେ ବିଦିତ। ରତ୍ନ ସିଂହାସନରେ ଚତୁର୍ଦ୍ଧା ବିଗ୍ରହଙ୍କର ଦର୍ଶନ କରିବା ଦ୍ୱାରା ଯେଉଁ ପୁଣ୍ୟ ମିଳିଥାଏ, ସେହି ପୁଣ୍ୟ ଏହି ପନ୍ଦର ଦିନରେ ଅଲାରନାଥଙ୍କ ଦର୍ଶନରେ ମିଳିଥାଏ।

ଏହି ଅନବସର ସମୟରେ ବେଦମନ୍ତ୍ରାଦି ଉଚ୍ଚାରଣ ଓ ଷୋଡ଼ଷ ଉପଚାର ପୂଜା ନିଷେଧ ଥାଏ। ଅଣସର ଅନ୍ଧକାର ଗୃହରେ ଦୀପଟିଏ ଜଳାଯାଇ ଛୋଟିଆ ଧୁକୁଡ଼ି ଦ୍ୱାର ରହିଥାଏ। ଆଷାଢ଼ କୃଷ୍ଣ ପ୍ରତିପଦରୁ ଚତୁର୍ଥୀ ତିଥି ପର୍ଯ୍ୟନ୍ତ ବିଗ୍ରହମାନଙ୍କର ସ୍ନାନ ମଣ୍ଡପରେ ସ୍ନାନ ଦ୍ୱାରା ଓଦା ପାଟ ବସ୍ତ୍ରକୁ ଓଲାଗି କରାଯାଇ କରାଳ ଲେପ ଦିଆଯାଏ ଯାହାକୁ ଶ୍ରୀଅଙ୍ଗ ଫିଟା ଓ କରାଳ ଲାଗି ନୀତି କୁହାଯାଏ।

ପଞ୍ଚମୀଠାରୁ ସପ୍ତମୀ ତିଥି ପର୍ଯ୍ୟନ୍ତ ଶ୍ରୀଅଙ୍ଗରେ ଫୁଲୁରି ଲାଗି ହୁଅନ୍ତି। ଫୁଲୁରି ଏକ ଦିବ୍ୟ ତୈଳ ଯାହାକୁ ଶ୍ରୀତୈଳ ମଧ କୁହାଯାଏ। ବର୍ଷକ ପୂର୍ବରୁ ମାଟି ତଳେ ମାଟି ପାତ୍ରରେ ରାଶିତେଲ ସହିତ ବିଭିନ୍ନ ବନଜାତ ଦ୍ରବ୍ୟ ମିଶ୍ରଣରେ ପ୍ରସ୍ତୁତ ହୋଇଥାଏ, ସେହି ତୈଳ ମର୍ଦ୍ଦନ ହେବା ଦ୍ୱାରା ଶରୀରୀରୁ ପୀଡ଼ା ଦୂରେଇ ଯାଏ। ଓଡ଼ିଆ ମଠ ଏହି ଦିବ୍ୟ ତୈଳକୁ ପ୍ରସ୍ତୁତ କରି ମହାପ୍ରଭୁଙ୍କୁ ଭେଟି ଦେଇଥାନ୍ତି।

ଅଷ୍ଟମୀ ତିଥିରେ ମହାପ୍ରଭୁଙ୍କର ଶିରିକାପଡା ଏବଂ ନବମୀ ତିଥିରେ ଶ୍ରୀଅଙ୍ଗରେ ମସୃଣ ଲେପନ ହୁଅନ୍ତି। ଦଶମୀ ତିଥିରେ ଶ୍ୱେତ ଅଙ୍ଗରାଗ ଶରୀରରେ ମାଖି ସାମାନ୍ୟ ସୁସ୍ଥ ଅନୁଭବ କରି ମଣିମା ଚକା ବିଜେ କରିଥାଆନ୍ତି। ଏକାଦଶ ତିଥିରେ ସର୍ବାଙ୍ଗରେ ଚନ୍ଦନ ଚର୍ଚ୍ଚିତ ହୋଇ ନଟବର ନଟନାଗର ଦଶମୂଳ ମୋଦକ ଓ ପଥ୍ୟ ପାଞ୍ଚଣରେ ସୁସ୍ଥ ଅନୁଭବ କରନ୍ତି। ଦ୍ୱାଦଶୀ ତିଥିରେ ପାଟ ବସନରେ ସୁସଜ୍ଜିତ ହୋଇ ତୁଳସୀ ଦୟଣା ଲାଗି ହୁଅନ୍ତି ମହାପ୍ରଭୁ। ରାଜବୈଦ୍ୟଙ୍କ ଠାରୁ ମହାପ୍ରଭୁଙ୍କ ସୁସ୍ଥତା ବିଷୟରେ ଅବଗତ ହେବା ପରେ ଆଦ୍ୟ ସେବକ ଗଜପତିଙ୍କ ପାଖକୁ ମଣିମାଙ୍କ ସୁସ୍ଥତା ବିଷୟରେ ଜଣାଯାଏ, ଯାହାକୁ ରାଜପ୍ରସାଦ ବିଜେ ନୀତି କୁହାଯାଏ। ମଣିମା ଆରୋଗ୍ୟ ଲାଭ କରିବା ସମ୍ବାଦ ପାଇ ଆଶ୍ୱସ୍ତି ଅନୁଭବ କରନ୍ତି ଆଦ୍ୟ ସେବକ ଗଜପତି ମହାରାଜା। ତ୍ରୟୋଦଶୀ ତିଥିରେ ଓଡା ଏବଂ ଖଳି ପ୍ରସାଦ ଲାଗି ହୁଅନ୍ତି। ଚତୁର୍ଦ୍ଦଶୀ ତିଥିରେ ମହାପ୍ରଭୁଙ୍କ ଶୃଙ୍ଗାର ସେବକ ଦତ୍ତ ମହାପାତ୍ର ମାନଙ୍କ ଦ୍ୱାରା ଶ୍ରୀମୁଖ ଶୃଙ୍ଗାର ହୁଅନ୍ତି ଏବଂ ନେତ୍ରୋତ୍ସବ ନୀତି ଅନୁଷ୍ଠିତ ହେବା ପରେ ଅମାବାସ୍ୟା ଦିନ ଉଭା ହୁଅନ୍ତି ମହାପ୍ରଭୁ ଯାହାକୁ ଉଭା ଅମାବାସ୍ୟା କୁହାଯାଏ। ଆଷାଢ଼ ଶୁକ୍ଳ ପ୍ରତିପଦା ତିଥିରେ ଭକ୍ତ ଭାବଗ୍ରାହୀ କାଳିଆ ସାଆନ୍ତ ଶ୍ରୀଜଗନ୍ନାଥ ମହାପ୍ରଭୁ ନବଯୌବନରେ ଦର୍ଶନ ଦେଇ ଥାନ୍ତି। ସଗୁଣ ନିର୍ଗୁଣ ଅନ୍ତର୍ଯ୍ୟାମୀ ନିରାକାର ପରଂବ୍ରହ୍ମ ପୂର୍ଣ୍ଣବ୍ରହ୍ମ ଭବସାଗର ନାୟକ କୋଳେଇ ନିଅନ୍ତି ଭକ୍ତମାନଙ୍କୁ ଭାବ ବନ୍ଧନରେ। ବସୁଧୈବ କୁଟୁମ୍ବକମ୍‌ର ବାର୍ତ୍ତା ପ୍ରଦାନ କରି।


+ପ୍ରତିଷ୍ଠାତା: ଧ୍ରୁବ ଜ୍ୟୋତିଷ ଗବେଷଣା ପ୍ରତିଷ୍ଠାନ, ପୁରୀ


# ସମାଜବାଦୀ ଚିନ୍ତକ କିଶନ ପଟ୍ଟନାୟକ



## ଡ଼ଃ.ଅରୁନ୍ଧତୀ ଦେବୀ

ସ୍ୱାଧୀନତା ଆନ୍ଦୋଳନ ସମୟର ମୂଲ୍ୟବୋଧକୁ ନେଇ ସ୍ୱାଧୀନତା ପରବର୍ତ୍ତୀ କାଳରେ ଯେଉଁ ଆଦର୍ଶବାଦୀମାନେ ସଂଗ୍ରାମ କରିଥିଲେ, ସେମାନଙ୍କ ମଧ୍ୟରେ କିଶନ ପଟ୍ଟନାୟକ ଅନ୍ୟତମ। ସ୍ୱାଧୀନତା ପରେ ସେ ସୁବିଧାବାଦୀ ଓ କ୍ଷମତା ରାଜନୀତିକୁ ଗ୍ରହଣ ନକରି ଯୋଗାଇଦେଇଥିଲେ ସମାଜବାଦୀ ଆନ୍ଦୋଳନରେ ଏବଂ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସମାଜବାଦ ମଣିଷ ପାଇଁ ଏକମାତ୍ର ସତ୍ୟ ବୋଲି ଗ୍ରହଣ କରି ସଂଗ୍ରାମ ଜାରି ରଖିଥିଲେ। ପ୍ରାଦେଶିକ ସ୍ତରରେ ସୁରେନ୍ଦ୍ରନାଥ ଦ୍ୱିବେଦୀ ଥିଲେ ତାଙ୍କର ରାଜନୈତିକ ଗୁରୁ। ସୁରେନ୍ଦ୍ରନାଥ ହିଁ ତାଙ୍କୁ ସମାଜବାଦୀ ଦଳ ବା ସୋସାଲିଷ୍ଟ ପାର୍ଟିରେ ଯୋଗ ଦେବାକୁ ଉପଦେଶ ଦେଇଥିଲେ। ନାଗପୁରରେ ସ୍ନାତକୋତ୍ତର ଶିକ୍ଷା ସମାପ୍ତି ପରେ କିଶନ ପ୍ରଥମେ ଚାକିରି କରିବାକୁ ମନ ବଳାଇଥିଲେ। ତେବେ ସୁରେନ୍ଦ୍ରନାଥଙ୍କ ଆହ୍ୱାନ ଦ୍ୱାରା ମନ ବଦଳାଇଥିଲେ। ସୋସାଲିଷ୍ଟ ପାର୍ଟିର ଓଡ଼ିଶା ଶାଖାର ଯୁଗ୍ମ ସଂପାଦକ ଭାବେ ତାଙ୍କର ନୂତନ ରାଜନୈତିକ ଜୀବନ ଆରମ୍ଭ ହୋଇଥିଲା। ନେହେରୁଙ୍କ ନୀତିକୁ ସମର୍ଥନ ପ୍ରସଙ୍ଗରେ ଏହି ଦଳ ପରେ ବିଭାଜିତ ହୋଇଥିଲା ଏବଂ କିଶନ, ଡ.ରାମ ମନୋହର ଲୋହିୟାଙ୍କ ସହ ରହିବାକୁ ନିଷ୍ପତ୍ତି ନେଇଥିଲେ। ଡ.ଲୋହିୟାଙ୍କ ଇଚ୍ଛା ମତେ ସେ ମ୍ୟାନକାଇଣ୍ଡ ପତ୍ରିକାର ସଂପାଦନା ଦାୟିତ୍ୱ ଗ୍ରହଣ କରି କିଛି କାଳ ହାଇଦରାବାଦରେ ରହିଥିଲେ। ତୃତୀୟ ଲୋକସଭା ନିର୍ବାଚନ ପୂର୍ବରୁ ସେ ଓଡ଼ିଶା ଫେରି ବରଗଡ଼ ଚାଷୀ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ସେତେବେଳେ ମୁଖ୍ୟମନ୍ତ୍ରୀ ଥାଆନ୍ତି ବିଜୁ ପଟ୍ଟନାୟକ। ବିଜୁବାବୁଙ୍କ ଚାଷୀ ବିରୋଧୀ ପଦକ୍ଷେପକୁ ଗ୍ରହଣ କରିପାରି ନଥିଲେ ଯୁବକ କିଶନ। ସେ ଆନ୍ଦୋଳନ ଜାରି ରଖିବାରୁ ତାଙ୍କୁ ଗିରଫ କରାଯାଇଥିଲା। ଜେଲରେ ଥାଇ ସେ ସମ୍ବଲପୁର ଲୋକସଭା ଆସନରୁ ନିର୍ବାଚନ ଲଢ଼ି, ବିଜୟୀ ହୋଇଥିଲେ। ଏହା ତତ୍‌କାଳୀନ ଭାରତୀୟ ରାଜନୀତିର ଏକ ଉଲ୍ଲେଖନୀୟ ଘଟନା ଥିଲା। କିଶନଙ୍କୁ ସେତେ ବେଳେ ମାତ୍ର ସତେଇଶ ବର୍ଷ ବୟସ। ୧୯୬୨ ଏପ୍ରିଲରେ ତୃତୀୟ ଲୋକସଭାର ସର୍ବ କନିଷ୍ଠ ସାଂସଦ ଭାବେ ସେ ଶପଥ ନେଇଥିଲେ। ଏହି ସମୟରେ ନେହେରୁଙ୍କର ଆଡ଼ମ୍ବରପୂର୍ଣ୍ଣ ଜୀବନ ଶୈଳୀର ତୀବ୍ର ସମାଲୋଚନା କରି ପ୍ରଧାନମନ୍ତ୍ରୀଙ୍କ ଖର୍ଚ୍ଚ ଦୈନିକ ପଚିଶ ହଜାର ନାମକ ପୁସ୍ତକ ଲେଖିଥିଲେ। ପୁଣି ନେହରୁଙ୍କ ପଞ୍ଚ ବାର୍ଷିକ ଯୋଜନାର ସମାଲୋଚନା କରି ଲେଖିଥିଲେ ସତ୍ୟନାଶିଆ ଯୋଜନା। କିଶନ ଆଜୀବନ ସମଭିତ୍ତିକ, ନ୍ୟାୟ ଆଧାରିତ, ଶୋଷଣହୀନ ସମାଜ ବ୍ୟବସ୍ଥାର ବାର୍ତ୍ତାବହ ଥିଲେ। ଜଗତୀକରଣ, ଘରୋଇକରଣ, ଉଦାରୀକରଣ ନୀତିର ତୀବ୍ର ବିରୋଧୀ ଥିଲେ। ଏଗୁଡ଼ିକ କହୁଥିଲେ ବ୍ରହ୍ମରାକ୍ଷସ ଏବଂ ଏଗୁଡ଼ିକ ମାଧ୍ୟମରେ ତୃତୀୟ ବିଶ୍ୱ ରାଷ୍ଟ୍ରଗୁଡ଼ିକ ସାମ୍ରାଜ୍ୟବାଦ କବଳିତ ହେବାକୁ ଯାଉଥିବା ବିଶ୍ୱାସ କରୁଥିଲେ। ପୁଣି, ଆଧୁନିକ ପ୍ରଯୁକ୍ତି ବିଦ୍ୟା ଦ୍ୱାରା ଦାରିଦ୍ର୍ୟ ଓ ବେକାରି ଦୂର ହେବନାହିଁ ବୋଲି ଦୃଢ଼ତାର ସହ କହୁଥିଲେ। ଏହି ପ୍ରସଙ୍ଗରେ ଏକ ସଭାରେ ସେ ଆହ୍ୱାନ ଦେଇଥିଲେ ପଛକୁ ଫେରିଚାଲ। ଗାନ୍ଧୀବାଦୀ ମନମୋହନ ଚୌଧୁରୀ ଏହାର ଭୂୟସୀ ପ୍ରଶଂସା କରିଥିଲେ। ଏସବୁ କାରଣରୁ କିଶନ ଅନ୍ୟମାନଙ୍କ ଠାରୁ ଥିଲେ ନିଆରା ମଣିଷ। ୧୯୨୯ ଜୁନ୍ ଆଜିର ଦିନରେ ଭବାନୀପାଟଣାରେ ସେ ଜନ୍ମ ହୋଇଥିଲେ।


+ନିର୍ଦ୍ଦେଶିକା-ସମ୍ପାଦିକା,
ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,
ମୋ: ୯୯୩୭୧୭୨୮୧୦





## ତମେ ଓ ମୁଁ



### ପ୍ରଦୀପ୍ତ କୁମାର ମିଶ୍ର

ତମେ ଏମିତିକାହିଁ ଯେ ଅନର୍ଗଳ ଆଗକୁ ଚାଲିଛ
ଥରୁଟିଏ ଚାହିଁନିତ ମୋର ନିର୍ବାକ ମୁହଁକୁ
କେବେବି ଦେଖନି ତମସେହି ଅପେକ୍ଷାର ଆଖି
ମୋ ମନର ଥିବାଅସରନ୍ତି ଭାବନା ସବୁକୁ।
ତମେ ସିନା ପ୍ରଗଳଭ ସାଗର ଆତୁରା
ମୁଁ ବୋଧହୁଏ ତମପାଇଁ ମାତ୍ର ଭଗ୍ନ ଶାମୁକା
ସ୍ରୋତର କିଛିବାଟ ଧାଇଁଧାଇଁ ମୁଁ ଯେବେ
ବନିଯାଏ ଏମିତି ଶାନ୍ତ କ୍ଳାନ୍ତ ସୁପ୍ତ ବାଲୁକା।
ତମେ ପୂର୍ଣ୍ଣିମାଠାରୁ କ୍ଷୟହୋଇ ପୂର୍ଣ୍ଣିମାପର୍ଯ୍ୟନ୍ତ
ମୁଁ ବାରମ୍ବାର ଉପେକ୍ଷିତ ମଉଳି ଥିବା କଇଁ
ତମେ ଆଷାଢ଼ ଆକାଶର ମୌସୁମୀ ମେଘଖଣ୍ଡ
ମୁଁ ମୃଗତୃଷ୍ଣାଆଦରି ଶୁଷ୍କଉପତ୍ୟକା ମରୁଭୂଇଁ।
ତମେ କ୍ୱେଳ ତମେ ଭରି ତମର ଓଠରେ ହାସ୍ୟ
ମୁଁ ସମସ୍ତ ଶବ୍ଦଯୋଡି କାବ୍ୟ ରଚୁଥିବା କବି
ତମେ ମୋର ଭାବନାର ଅନନ୍ୟା ଅନ୍ୟତମା ଯେ
ତମପାଇଁ ବୋଧହୁଏ ମୁଁକେବଳ ଏକ ଜଳଛବି।
ତମେ କେବେ ଦୁରପାହାଡ଼ର ଭଙ୍ଗିଳଉରଜ ସମ
ମୁଁ କେବଳ ରଙ୍ଗତୋଳେ ବାତୁଳ ଚିତ୍ରକର
ତମେ କେବେ ତୋଳିଧର ନକ୍ଷତ୍ର ଜହ୍ନକୁ ତମଠାରେ
ମୁଁ ତୋଳେ ନେପେଥ୍ୟରେ ବଂଶୀର ସ୍ୱର।


+ଅରେଇ, ଯାଜପୁର
ମୋ: ୯୬୫୮୬୧୪୭୨୮


## ଦେବୀ

### ସିଦ୍ଧେଶ୍ୱର ପଣ୍ଡା

ମୁଁ ତ ଅନାର୍ଯ୍ୟ
ତେଜ୍ୟ ବସ୍ତୁ ପ୍ରତି ମୋହଗ୍ରସ୍ତ
ଅଶ୍ଳୀଳ ଆଚରଣେ ଆଚ୍ଛାଦିତ
ମୋର ସମସ୍ତ ଶବ୍ଦ ।

ମନର ସର୍ବ ପ୍ରକାର କାମନାରେ
ଆମୃସ୍ତ ମୋ ସଂସାର
ତମେ ଅଥଚ ଘେରି ରହିଛ ବୃତ୍ତ
ହୋଇ
ସାରା ସ୍ଥିତିର ସ୍ଥାପତ୍ୟରେ ।

ଜାଣେ ! ଏ ଜନ୍ମରେ ସମ୍ଭବ ନୁହେଁ
ତମକୁ ବୁଝିବା
ତମକୁ ଉଚ୍ଚାରଣ କରିବାକୁ
ଅକ୍ଷମ ଜୀବନ
ଏବେ ବସା ବାନ୍ଧିଛି ବିଷୟ ବସ୍ତୁରେ ।
ମୁଁ ନିୟନ୍ତ୍ରଣ କରିପାରୁନି
ଇନ୍ଦ୍ରିୟ ସକଳ
ମ୍ଳେଚ୍ଛ ଭଳି ନିମଜ୍ଜିତ ହୁଏ ବାରମ୍ବାର
ପାଇବାକୁ ଯେତେ କ୍ଷୁଦ୍ର ଅଧିକାର ।

ଦେବୀ,
ମୁଁ ଅନୁସରଣ କରିପାରୁନି
ତମ ନିର୍ଦ୍ଦେଶିତ ପଥ
ସକଳ କାର୍ଯ୍ୟର କାରଣଟିଏ ଛଡା
ନୁହଁ ମୁହିଁ ମୁକ୍ତ
ବରଂ ଏକ ଜଟିଳ ପ୍ରଶ୍ନ
ମତେ ସାମାଧାନ କର ତମ ଦୀପ୍ତିରେ
ମତେ ପ୍ରଜ୍ୱଳନ କର ତମ ଜ୍ୟୋତିରେ
ମୋର ସର୍ବସ୍ୱ ହୋଇ ତମେ ରୁହ
ଜନ୍ମ ଜନ୍ମାନ୍ତର ସ୍ୱରୂପରେ

ମୋର ଏ ପ୍ରବୃତ୍ତିକୁ ନିବୃତ୍ତ କର
ଆଲୋକର ମାର୍ଗରେ ନେଇ ଯାଅ
ମୋତେ ଶୁଦ୍ଧ କର ପ୍ରେମର ମନ୍ତ୍ରରେ
ପାରୁଛ ତ ଯୋଗ କର ମୋ ଶରୀର
ପାରୁଛ ତ ତମ ଆଦିମ ଆଲିଙ୍ଗନରେ
ମତେ ଭୋଗ କର
ଜନ୍ମ ଜନ୍ମାନ୍ତର ଲାଗି ମତେ ନିଃଶେଷ
କର।


+ପ୍ରାଧାପକ ଇଂରାଜୀ ବିଭାଗ
ମୋ: ୯୧୭୮୧୫୩୯୬୨


## ପ୍ରତିକୂଳତା

### ଦିପ୍ତିମୟୀ ପଣ୍ଡା

ମନ୍ଦ ସମୀରର ଶୀତଳତା ଠାରୁ
କେବେ ଭଲ ଲାଗେ
ମରୁଭୂମିର ତତଲା ଝାଉ
ଚିର ସବୁଜ ଗାଲିଚା
ବି ମନ ଚୋରେଇ ପାରେନି
ଯାହା କରିପାରେ
ରୁକ୍ଷ ମରୁଡି ପ୍ରବଣ ଅଂଚଳ ।
ନିଦାଘ ରଜନୀରେ
ଅସଂଖ୍ୟ ତାରକା ବିନା
ହୃଦୟ ଛୁଏଁ ଏକୁଟିଆ ଜହ୍ନ
ଅମାପ ଧନ ଯୌବନ ପରିତ୍ୟାଗେ
ମନ ଲୋଭେ ନିହାତି ଏକାନ୍ତପଣ ।
ପ୍ରାୟେ ବାରବୁଲା...
ଏସବୁ କଠିନ ପ୍ରଶ୍ନ ସମୂହର
ଉତ୍ତର ଖୋଜାରେ
ହାତ ପାହାନ୍ତାରେ ସଂକ୍ଷିପ୍ତ ଜବାବ
ହେଲେ କେଜାଣି କାହିଁକି
ଚାହେଁନି ସମାଧାନ କରିବାକୁ
କୁଟୀଳ ବନ୍ଧନୀଯୁକ୍ତ
ଗାଣିତିକ ସମୀକରଣ ।
ପର-ଆପଣାର ବାଡ଼ ଡେଇଁ
ଯେବେ ଲେଖିବାକୁ ଭାଳେ
କିଛି ଅଲେଖା କାହାଣୀ
ବଢିଯାଏ ଅସହାୟତା
ସେହି ଜଣକ ଆଶ୍ୱାସନାରେ ।
ଭାଙ୍ଗିପଡେ ଭୂମି ଉପରେ
କ୍ଷୁଦ୍ର ସ୍ଫଟିକଖଣ୍ଡ ସଦୃଶ ।


+ ଦେଓଗାଁ, ବରଗଡ଼







# ଦୁଇ ବାନ୍ଧବୀ



ପ୍ରଦ୍ୟୁମ୍ନ ପଟ୍ଟନାୟକ



ଭିତର କନିକା ଜୈବବିବିଧ ଉଦ୍ୟାନରେ ଅଛି କେତେ ଗୁଡ଼ିଏ ଜଳାଶୟ । ସେ ଜଳାଶୟ ଗୁଡିକରେ ଜୁଆର ସମୟରେ ସମୁଦ୍ର ପାଣି ଭରିଯାଏ । ସେଥିରେ ଆସି ଘର କରି ରହୁଥାଏ ମାଈ କୁମ୍ଭୀର ବଉଳି ।

ସେହି ଜଳାଶୟକୁ ଲାଗି କରିଥାଏ ଗୋଟିଏ ଜାମୁ ଗଛ । ସେ ଗଛ ଉପରେ ରହୁଥାଏ ମାଈ ମାଙ୍କଡ଼ ମାକୁନି । ଆଗ ଚିହ୍ନା ପରିଚୟ ହେବା ପରେ ମାଙ୍କଡ଼ କୁମ୍ଭୀର ଦୁଇଜଣ ସାଙ୍ଗ ହୋଇ କଥା ବାର୍ତ୍ତା ହୁଅନ୍ତି । ଜଣେ ଗଛ ଉପରେ ବସିଥାଏ ଆଉଜଣେ କେବେ ପୋଖରୀ ପାଣିରେ ତ କେବେ ପୋଖରୀ ହୁଡାରେ ଶୋଇଥାଏ । ଶୀତ ଦିନ ଆସିଲେ ଦୁହେଁ ଏକାଠି ଖରା ସେକି ହୁଅନ୍ତି ।

ଖାଇବା ପିଇବାକୁ ନେଇ ଦୁଇ ସଖୀଙ୍କର ଅଲଗା ଅଲଗା ପସନ୍ଦ । ମାକୁନି ନିରାମିଶାଷୀ । ସେ ଜଙ୍ଗଲରେ ମିଳୁଥିବା ଫୁଲ ,ଫଳ, କୋଳି, କେନ୍ଦୁ ଖାଇବାକୁ ଭଲ ପାଏ । ବଉଳିର କିନ୍ତୁ ଆମିଷ ନହେଲେ ନଚଳେ । ତା'ର ଖାଦ୍ୟ ମାଛ, କଙ୍କଡା ଏବଂ ମିଳିଲେ ଆଉ ଜୀବଜନ୍ତୁ । ଯେବେ ବର୍ଷା ଦିନ ବେଳକୁ ଅଣ୍ଡା ଦେବା ସମୟ ଆସିଲା କୁମ୍ଭୀର ବାହାରକୁ ଆସି ଶୁଖିଲା କାଠି ,କୁଟା, ଡାଳ, ପତ୍ର ଏକାଠି କରି ତା' ଭିତରେ ଅଣ୍ଡା ଦେଇ ପୁଣି ତାକୁ ଘୋଡାଇ ଦେଲା । ଦିନ ରାତି ଅଣ୍ଡାକୁ ଜଗି ବସୁଥାଏ । ତାକୁ ଭୋକ ହେଲେ ମାଛ, କଙ୍କଡା ଖାଇବାକୁ ପାଣି ଭିତରକୁ ଯାଏ। ସେତେବେଳେ ତା'ର ଡର ଥାଏ ତା' ଅଣ୍ଡା ଗୁଡିକୁ କାହିଁ ଚିଲ ଶାଗୁଣା କି କୁକୁର ବିଲୁଆ କେହି ଖାଇଦେବେ ନାହିଁତ । ସେଥିପାଇଁ ମାକୁନିକୁ କହିଥାଏ, 'ଭଉଣୀ ମୋ ଅଣ୍ଡା ଗୁଡିକୁ ଧ୍ୟାନ ଦେଉଥିବ । ମୁଁ ଯାଇ ଖାଇ ଦେଇ ଆସୁଛି।

ମାଆର ମମତା ନେଇ ମାକୁନି ବଉଳିର ଅଣ୍ଡା ଗୁଡିକୁ ଜଗି ରହେ । କିଛି ବିପଦ ଦେଖିଲେ ନିଜେ ଘଉଡାଇ ଦିଏ କିମ୍ବା କୁମ୍ଭୀରକୁ ଡାକି ଦେଉଥାଏ। ଚିଲ ଶାଗୁଣା କି କୁକୁର ବିଲୁଆ ଦେଖିଲେ ମାଙ୍କଡ଼ ଗଛ ଡାଳ ହଲାଇ ତାଙ୍କୁ ଘଉଡାଇ ଦିଏ । ଖେଁ ଖେଁ ଶବ୍ଦ କରି କୁମ୍ଭୀରକୁ ଡାକ ପକାଏ । ତା' ଡାକ ଶୁଣି ବଉଳି ତା' ଅଣ୍ଡା ଗୁଡିକ ପାଖକୁ ଆସି ଯାଏ । କିଛି ଦିନ ପରେ ଅଣ୍ଡା ଗୁଡିକରୁ ଛୋଟ ଛୋଟ ଛୁଆ ବାହାରି ପାଣିକୁ ଚାଲିଗଲେ । ମା' କୁମ୍ଭୀର ତାଙ୍କୁ ସାଙ୍ଗରେ ନେଇ ଶିକାର ଶିଖାଇ ଦେଲା । ଶୀତ ଦିନ ପରେ ମାକୁନିର ବି ଗୋଟିଏ ଛୁଆ ହେଲା । ସେ ତାକୁ ପିଠିରେ ବସାଇ, ପେଟରେ ଜାକି ଡାଳରୁ ଡାଳ ଡେଉଁ ଥାଏ । ମାଙ୍କଡ଼ ଛୁଆଟି ଯେତିକି ବଡ଼ ହେଉଥାଏ ସେତିକି ଦୁଷ୍ଟ ବି ହେଉଥାଏ। ସେ ବି ଗଛ ଡିଆଁ ଶିଖିଗଲା ଧୀରେ ଧୀରେ ମା' ପାଖ ଛାଡ଼ି ଏକୁଟିଆ ଡାଳରୁ ଡାଳ ଡେଇଁ ବୁଲିଲା। କଅଁଳିଆ ପତ୍ର ଛିଣ୍ଡାଇ ଖାଇବାକୁ ଲାଗିଲା। ଦିନେ ଗୋଟିଏ ପାଚିଲା କୋଳି ଖାଇବାକୁ ହାତ ବଢ଼ାଇବାକୁ ଚେଷ୍ଟା କରି ପାଣିରେ ଖସି ପଡିଲା । ପାଣିରେ ପଡ଼ି କୂଳକୁ ଆସିବା ପାଇଁ ଚେଷ୍ଟା କରୁଥାଏ । ମାକୁନି ତା' ଛୁଆ ପଡ଼ିଯିବା ଦେଖି ଗଛ ଡାଳରେ ଏପଟ ସେପଟ ଡେଉଁଥାଏ । ପାଟି କରି କାନ୍ଦୁ ଥାଏ । ତା' କାନ୍ଦ ଶୁଣି ବଉଳିର ନିଦ ଭାଙ୍ଗି ଗଲା । ପଚାରିଲା, ' ଭଉଣୀ କାନ୍ଦୁଛୁ କାହିଁକି ? କ'ଣ ହେଲା ? ପୋଖରୀ ଆଡ଼କୁ ଇସାରା କରି ମାକୁନି କହିଲା, ହେଉ ଦେଖୁନ ତୁମ ପୋଖରୀର ମୋ ଧନୁ ପଡ଼ି ଯାଇଛି । କେମିତି ବିକଳ ହେଉଛି କୂଳକୁ ଆସିବାକୁ । ବଉଳିର ମନେ ପଡିଗଲା ତା ଅଣ୍ଡା ଗୁଡିକୁ ମାଙ୍କଡ଼ କେମିତି ଜଗି ରହୁଥିଲା । ସେ ପାଣି ଭିତରକୁ ଯାଇ ଧନୁକୁ ପିଠିରେ ବସାଇ କୂଳକୁ ନେଇ ଆସିଲା । ମାକୁନି ତା ଛୁଆକୁ କୋଳରେ ଧରି ବାଉଳିକୁ କହିଲା , ' ଭଉଣୀ ତମେ ନଥିଲେ ଆଜି ମୋ ଧନୁ ପାଣିରେ ବୁଡି ଯାଇଥାନ୍ତା । ପାଣିରେ ବୁଡି ତା' ଜୀବନ ଯାଇଥାଆନ୍ତା । ତୁମେ କେତେ ଉପକାର କଲ'।

ବଉଳି କହିଲା ତୁମ ଉପକାର ବି ମୁଁ ଭୁଲି ନାହିଁ ଭଉଣୀ । ତମେ ବି ତ ମୋ ଅଣ୍ଡା ଗୁଡିକୁ ଜଗି ବସୁଥିଲ । ଆମେ ଦୁଇ ଭଉଣୀ ପରା ଏଇ ଭିତର କନିକାର ସମ୍ପଦ । ଦୁହେଁ ଦୁଇ ବାନ୍ଧବୀ।

+ ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ ଦୀପ ଟାୱାର ଜୟ ଦୁର୍ଗା ନଗର, ଭୁବନେଶ୍ୱର -୭୫୧୦୦୬
ମୋ:୯୯୬୮୨୮୦୮୯୬

# ଦୁଇଜଣଙ୍କ କଳିରେ ମାଙ୍କଡ଼କୁ ପୁରସ୍କାର

ରମେଶ ଚନ୍ଦ୍ର ଦାଶ

ଭାଲୁ ଓ ବିଲୁଆ ଦୁହେଁ ଭାରି ସାଙ୍ଗ । ସେମାନେ ଦିନେ ଭାବିଲେ-ଆମେ ଦୁହେଁ ଏକାଠି ରହିଲେ ଭଲ ହୁଅନ୍ତା । ଏହାଫଳରେ ଦୁହିଁଙ୍କ ମଧ୍ୟରେ ବନ୍ଧୁତା ଆହୁରି ଘନିଷ୍ଠତା ହୁଅନ୍ତା । ବିପଦଆପାଦରେ ପରସ୍ପରକୁ ସାହାଯ୍ୟ କରି ଖୁସିରେ ରହନ୍ତେ ।

ସେମାନେ ସିନା ଚିନ୍ତାକଲେ ଏକାଠି ରହିବା ପାଇଁ କିନ୍ତୁ ବଣର ନିୟମ ଅନୁସାରେ ରାଜାଙ୍କର ଅନୁମତି ଦରକାର । ବଣର ରାଜା ସିଂହ



। ସେ ସହଜରେ ଏମିତି ଅନୁମତି ଦିଏନି । ତାହାର କାରଣ ହେଲା ସମସ୍ତେ ଯଦି ଏମିତି ମେଳି ହୋଇ ରହିବେ ତାକୁ ଶିକାର କରିବାକୁ ଅସୁବିଧା ହେବ । ସେମାନେ ରାଜାଙ୍କ ବିରୋଧରେ ଆନ୍ଦୋଳନ କରିବାକୁ ବାହାରିବେ । ତଥାପି ଦିନେ ଭାଲୁ ସିଂହ ଖୁସି ଥିବାବେଳେ ଏକଥାଟି କହିଲା । ସିଂହ ଟିକେ ଭାବିଲା, ତାପରେ ହଁ ଭରିଲା । ସିଂହ ଜାଣେ ଯେ ଭାଲୁ ହେଉଛି ସ୍ୱାର୍ଥପର । ତେଣୁ ସେ ଦୁହିଁଙ୍କର ବନ୍ଧୁତା ବେଶୀଦିନ ତିଷ୍ଠି ରହିପାରିବ ନାହିଁ ।

ସିଂହ ଭାଲୁ ଓ ବିଲୁଆକୁ ଗୋଟିଏ ସ୍ଥାନ ଦେଖାଇଦେଲା । ସେହି ସ୍ଥାନରେ ହିଁ ଦୁହେଁ ନିଜ ବସା ତିଆରି କରି ରହିପାରିବେ । ଅନ୍ୟ ଆଡ଼କୁ ଆଦୌ ମାଡ଼ିବେ ନାହିଁ । ଦୁଇ ସାଙ୍ଗ ସିଂହର ଏ ପ୍ରସ୍ତାବରେ ଖୁସି ହୋଇଗଲେ । ସିଂହ ଦେଖାଇଥିବା ଜାଗାକୁ ଦୁହେଁ ସମାନ ଭାବରେ ବାଣ୍ଟି ଅଧା ଅଧା ଜାଗାରେ ନିଜ ନିଜର ବସା ତିଆରି କଲେ । ପ୍ରଥମେ ବିଲୁଆ ଆରମ୍ଭ କଲା । ସେ ତାର ଚାରିପଟେ ପବନ ଓ ଆଲୋକ ଚଳାଚଳ ପାଇଁ ଜାଗା ଛାଡ଼ି ତାର ବସା ତିଆରି କଲା । ତାପରେ ଭାଲୁ ନିଜର ବସା ତିଆରି କଲା । ସେ ପାଇଥିବା ଜାଗାରେ ସମୁଦାୟ ତିଆରି କରିଦେଲା । ବାୟୁ ଓ ଆଲୋକ ଚଳାଚଳ ପାଇଁ କିଛି ଜାଗା ରଖିଲା ନାହିଁ । ତେଣୁ ତାର ଘରେ ସେ ଆଦୌ ରହିପାରିଲା ନାହିଁ । ଦିନେ ବିଲୁଆ ନଥିବା ବେଳେ ତା ଘରପଟକୁ ଝରକା ଖୋଲିଲା । ବିଲୁଆ ଯେତେବେଳେ ଭାଲୁର ଝରକା ଦେଖିଲା ତାକୁ ବନ୍ଦ କରିବା ପାଇଁ ଅନୁରୋଧ କଲା । ଭାଲୁ କିନ୍ତୁ ଶୁଣିଲା ନାହିଁ । ତାପରେ ବିଲୁଆ ସିଂହକୁ ଏକଥା କହିଲା । ସିଂହ ଭାଲୁକୁ ଏଭଳି ଅନ୍ୟାୟ କାମ କରିବାକୁ ମନାକଲା । ତାପରେ ଭାଲୁ ସେ ଝରକାକୁ ବନ୍ଦକଲା ।ସେହିଦିନଠାରୁ ଭାଲୁ ଓ ବିଲୁଆର କଥାବାର୍ତ୍ତା ବନ୍ଦ ହୋଇଗଲା । ସେମାନଙ୍କ ମଧ୍ୟରେ ସଦାବେଳେ ବିବାଦ ଲାଗି ରହିବାରୁ ବଣରେ ବିଭିନ୍ନ ବିଶୃଙ୍ଖଳା ଦେଖାଦେଲା । ସେମାନଙ୍କ କଳି ତୁଟାଇବାକୁ ସିଂହ ମାଙ୍କଡ଼କୁ ପଠାଇଲା । ମାଙ୍କଡ଼ ଦୁଇଜଣଙ୍କୁ ଏକାଠି ବସାଇ ନିଜ ନିଜର ପୂର୍ବ ସ୍ଥାନକୁ ଫେରିଯାଇ ବାସ କରିବାକୁ ପରାମର୍ଶ ଦେଲା । ସେମାନେ ମାଙ୍କଡ଼ କଥା ଅନୁସାରେ ଅଲଗା ରହି ଖୁସି ହେଲେ । ସେମାନେ ନିଜେ ନିଜେ ଯେମିତି ଏକାଠି ହୋଇଥିଲେ ସେମିତି ଅଲଗା ହୋଇଯିବାରୁ ସିଂହ ଖୁସି ହେଲା । ଏଥିପାଇଁ ମାଙ୍କଡ଼କୁ ପୁରସ୍କାର ଦେଲା ।

+ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା, ପୁରୀ-୨, ପୁରୀ
ମୋ: ୯୭୭୬୨୩୮୫୨୨

## କବିତା ତୁମ ପାଇଁ

### ଘ ବର୍ଣ୍ଣ ଗାଥା

ଧ୍ରୁବ ଚରଣ ଘିବେଲା

ବ୍ୟଞ୍ଜନ କ୍ରମର ଚତୁର୍ଥ ଅକ୍ଷର
ନାମ ଅଟେ ତାର ଘ
ଘ ରେ ସୁନ୍ଦର ଆମ ବସା ଘର
ହଁ କି ନାହିଁ କେ କୁହ ।
ଏମିତିକା ଜୀବ କେଉଁଠି ନ ଥିବେ
ଯାହାର ନଥାଏ ଘର
ପକ୍ଷୀ ବାନ୍ଧେ ନୀଡ଼ ଗଛର ଉପର
ମୂଷା ଗାତ ମାଟି ତଳ ।
ବାଘ ସିଂହ କେବେ ତିଆରି ନ ଥାନ୍ତି
ରହିବା ପାଇଁକି ଘର
ପାହାଡ଼ର ଖୋଲ ଅବା କେଉଁ ଗୁମ୍ଫା
ତାଙ୍କରି ଆଶ୍ରୟସ୍ଥଳ ।
ସ୍ଥଳଭାଗେ ରହି କିଏ ସ୍ଥଳଚର
ଜଳଭାଗେ ଜଳଚର
ଜଳସ୍ଥଳେ ରହି କା'ର ପରିଚୟ
ହୁଅଇ ଉଭୟଚର ।
ମଣିଷ ତିଆରେ ଘର ମାଟି ପରେ
ସରସ ସୁନ୍ଦର କରି
ସେଇ ଘର ପୁଣି ସରଗ ସମାନ
ଥାଏ ଯୋ'ଠି ସୁଖ ଶିରୀ ।
ସେନେହ ଆଦର ଥାଏ ନିରନ୍ତର
ପରିବାର ପରିଜନେ
ସେଇଠାରେ ଥାଏ ସରଗର ସୁଖ
ସୁସମ୍ପର୍କ ସବୁଦିନେ।
ଘରକୁ ସୁନ୍ଦର ସୁନ୍ଦରୀ ଘରଣୀ
ସଭିଙ୍କୁ କରେ ଆପଣା
ଘରଣୀ ଗୃହିଣୀ ସକଳ କାର୍ଯ୍ୟରେ
ରହିଥଉଇ ସୁନିପୁଣା ।
ଘର ପରିବେଶେ କଥା ଘଡ଼ଘଡ଼ି
ଆଣିଥାଏ ଗଡ଼ବଡ଼ି
ବରଷା ସାଥିରେ ବିଜୁଳି ସହିତ
ଯେସନେ ସେ ଘଡ଼ଘଡ଼ି ।
ଘଡ଼ି ସେଇମିତି ଘ କୁ ନେଇ ସୃଷ୍ଟି
କହେ ସମୟ ସେ ଠିକ
ସମୟକୁ ଜଗି ଠିକ ସମୟରେ
କାମ କରିବା ଉଚିତ ।

+ବଉଦରାଜ, ଜି. ବୌଦ୍ଧ
ମୋ:୯୪୩୭୪୭୮୪୬୬

### ପୋତିବା ନୂଆ ଚାରା...

ରାମଚନ୍ଦ୍ର ବେହେରା

ମୌସୁମୀ ଆସିଛି ବରଷା ଝରୁଛି
ହସୁଛି ସବୁଜ ଧରା
ଆସ ମିଳିମିଶି ଖାଲି ଜାଗା ଦେଖି
ପୋତିଦେବା ନୂଆ ଚାରା।
ଧରଣୀ କୋଳରେ ଗଛ ଲତା ପରା
ଆମ ସଭିଂକର ମିତ
ଜଗତ କଲ୍ୟାଣେ ଜୀବନ ସମର୍ପି
କରିଥାଏ ସଦା ହିତ।
ସରାଗେ ଦିଏ ସେ ଫୁଲ ଫଳ ଛାଇ
ଜାଳେଣୀ ପତର କାଠ
ଯେତେ ଦୁଃଖ କଷ୍ଟ ଆସେ ତା'ଜୀବନେ
ନକରଇ ପ୍ରତିବାଦ।
ବଣ ଜଂଗଲରେ ଦିଶୁନାହିଁ ଆଜି
ଚାରୁ ତରୁଲତା ଶୋଭା
ଗଛର ବିନାଶେ ପ୍ରଖର ହେଉଛି
ଗ୍ରୀଷମ ସୂରୁଜ ଆଭା।
ଗଛ ଲଗାଇଲେ ପ୍ରକୃତି ହସିବ
ବିହଂଗ ଗାଇବ ଗୀତ
ନୀଳ ଆକାଶରୁ ଝରିବ ବରଷା
ହସିବ ଗହୀର କ୍ଷେତ।
ଅଂଗାରକାମ୍ଳକୁ ଆପଣାଇ ସିଏ
ଦେବ ଶୁଦ୍ଧ ଅମ୍ଳଜାନ
ତା'ପାଇଁ ଫେରିବ ସ୍ୱଚ୍ଛ ପରିବେଶ
ଦୂରେଇବ ପ୍ରଦୂଷଣ।

+ ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬



### ଖଞ୍ଜି ହୋଇ ଅଛି

କୀର୍ତ୍ତନ ସାହୁ

ଖଞ୍ଜି ହୋଇ ଅଛି ଗଛ ଦେହେ ପତ୍ର
ସୁନ୍ଦର ଦିଶିବା ପାଇଁ
ପତ୍ର ଯେ ଅଙ୍ଗାରକାମ୍ଳ ଶୋଷି ନେଇ
ଅମ୍ଳଜାନ ଦେଇ ଥାଇ ।
ଖଞ୍ଜି ହୋଇ ଅଛି ଆକାଶରେ ତାରା
ତା ମଧ୍ୟେ ଗୋଟିଏ ଜହ୍ନ
ତାରା ମେଳେ ଜହ୍ନ ସୁନ୍ଦର ଦିଶଇ
କିଣି ନିଏ ଆମ ମନ ।
ଖଞ୍ଜି ହୋଇ ଅଛି ଫୁଲର ଦେହରେ
ପାଖୁଡ଼ା କେତୋଟି ପୁଣି
ସେଇ ପାଖୁଡ଼ା ତ ଶୋଭା ପାଉ ଅଛି
ସୁନ୍ଦରତା ତାର ବୁଣି ।
ଖଞ୍ଜି ହୋଇ ଅଛି ଜଙ୍ଗଲ ଦେହରେ
କେତେ କେତେ ବୃକ୍ଷ ଲତା
ଜଙ୍ଗଲର ସଂରକ୍ଷଣ କଲେ ସିନା
ବଢେ ଆମ ସରସତା ।
ପ୍ରକୃତି କୋଳରେ ଖଞ୍ଜି ହୋଇ ଅଛି
ଏଇମିତି କେତେ କଥା
ସବୁକୁ ଆଦରି ଯତନ ନେବାରେ
ଲଗାଇ ଆମର ମଥା ।

ମିଶ୍ର କଲୋନୀ
ଶାଳ ପଡ଼ା , କେନ୍ଦୁଝର
ଦୂର ଭାଷ - ୯୪୩୮୪୧୪୭୦୧

### ସଂସାରେ କରିବ ନାଁ...

ଗୋପୀନାଥ ଦାଶ

ଛୋଟ ପିଲା ତୁମେ ବଡ ହେବ ଦିନେ
ସଂସାରେ କରିବ ନାଁ
ତୁମରି ହାତରେ ଦେଶ ଭବିଷ୍ୟତ
ତୁମକୁ ଚାହିଁଛି ମାଁ।
ସନକଢ଼ି ଦିନେ ବଡ ହୋଇ ତେଣେ
ବିତାରି ଯାଏ ବାସ
ଜନମ ମରଣ ସ୍ୱାଗତ କାମରେ
ମନ୍ଦିରେ କରଇ ବାସ।
ବାଛୁରୀଟିଏ ବଡ ହୋଇ ଦିନେ
ଗୋମାତାଟିଏ ହୁଏ
ଅମୃତ ସମାନ ଗୋରସ ଦେଇଣ
ସମାଜକୁ ସୁସ୍ଥ ରଖେ।
ଚାରାଟିଏ ପୁଣି ବଡ ହୋଇ ଯେବେ
ବିଶାଳ ଦ୍ରୁମ ହୁଏ
ଫଳ ଛାୟା ଦେଇ ପୃଥିବୀ ପୃଷ୍ଠରେ
ଆଶ୍ରୟ ପ୍ରଦାନ କରେ।
ଛୋଟ ଧାରଟିଏ ବହିଆସେ ଯେବେ
ପାହାଡର କୋଳ ଚିରି
ବଡ ହୋଇ ସିଏ ସ୍ରୋତସ୍ୱିନୀ ହୋଇ
ସବୁଜିମା ଦିଏ ଭରି।
ମନଦେଇ ପିଲାଏ ପାଠ ପଢିବ
ବଡ଼ଲୋକ ତୁମେ ହେବ
ଶିକ୍ଷିତ ସମାଜ ଗଠନ କରିବ
ରାଷ୍ଟ୍ରର ବିକାଶ ହେବ।

+ବରପାଲିପଡ଼ା, ବଲାଙ୍ଗିର
ମୋ -୬୩୭୧୮୦୫୦୭୦

### ଆକାଶ ରଙ୍ଗ ନୀଳ

ସୁନୀଲ କୁମାର ପ୍ରଧାନ

ଆକାଶ ରଙ୍ଗ ଅଟଇ ନୀଳ
କାମ କରିଲେ ଆସିବ ବଳ ।
ବଗର ଦେହ ଅଟଇ ଧଳା
ପାଠ ପଢାରେ ନକର ହେଳା ।
କାଉର ରଙ୍ଗ ଅଟଇ କଳା
କାରୁ ଚିତ୍ର ଯେ ଆମରି କଳା ।
ରକତ ରଙ୍ଗ ଅଟଇ ଲାଲ
ସଂଗ୍ରାମୀ ନେତା ଅଟନ୍ତି ପାଲ ।
କନିଆର ଫୁଲ ହଳଦିଆ
ଚାଟ ଜୀବନ ଅଟେ ବଢିଆ ।
ପତର ରଙ୍ଗ ଅଟେ ସବୁଜ
ସମ୍ମାନ କରିବ ଦେଖି ଅଜ ।
ଫଳ ଖାଉଥିବା ସଦା ସଜ
ହୃଦୟେ ସର୍ବଦା ଏହା ହେଜ ।

+ ଝାଟିପଦର, ପାଲୁର, ଗଂଜାମ
ମୋ - ୭୬୦୯୯୩୪୩୬୬

### ଟେକିବା ଗରବେ ମଥା

ନୀଳମଣି ଚାନ୍ଦ

କୁନି ଚାରାଟିଏ ଥିଲା ଦିନେ ଯିଏ
ହୋଇଛି ସେ ଗଛ ବଡ଼ି
କେତେ ଖରା ଶୀତ ଝଡ଼ର ସାଥିରେ
କରି କେତେ ଲଢ଼ାଲଢ଼ି।

ଆମ ପରି ଯଦି ପାରୁଥାନ୍ତା କହି
କହି ଦିଅନ୍ତା ଯେ ସିଏ
ବଡ଼ ହୁଏ ସିଏ ଅନ୍ୟମାନଙ୍କର
ଉପକାର କରେ ଯିଏ।

ତୁମେ କୁନା କୁନି ମୁନା ଝୁନା ମାନୀ
ଆଜି ଅଛ ଛୋଟ ସିନା
ଆଉ କେଇ ବର୍ଷ ପରେ ବଢି ଯାଇ
ହୋଇଯିବ ବେଶ୍ ଚିହ୍ନା।

ଥିଲେ ଗୋରା, ଡେଙ୍ଗା, ହୃଷ୍ଟପୁଷ୍ଟ ଯିଏ
ବଡ଼ ତ ନୁହଁଇ ସିଏ
ଦେଶଦଶପାଇଁ କାମଟି କରିଲେ
ମହତ କାମଟି ଇଏ।

ଆମ ରାଇଜର ବକ୍ସି, ମଧୁ, ଗୋପ
ନାହାନ୍ତି ପାଖରେ ଆମ
ମରି ସେ ଅମର କରିଥିଲେ ବୋଲି
ଜନ୍ମମାଟି ପାଇଁ କାମ।

କୁନି ପିଲାମାନେ ବୁଝିପାରିଲ କି
କୁନି ଚାରା ମନ କଥା
ଭଲ କାମ କଲେ ବଡ଼ ହେବା ସିନା
ଟେକିବା ଗରବେ ମଥା।

+ ମନ୍ତ୍ର ମାନୋର,
ଗୋଠପାଟଣା, ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭



### ଜନମରୁ ଆମେ ହୋଇଛୁ ଟାଣ

ଅନନ୍ତ କୁମାର ସେନାପତି

ଏ ମାଟିର ପୁଅ ଶୁଣାଇନୁ
କେବେ ଭୟର କଥା,
ଯାହା ଶୁଣାଇଛୁ ସବୁରି କାନରେ
ଶାନ୍ତି ବାରତା।
ଅହିଂସା, ସତ୍ୟ ଜନମ
ବେଳରୁ ଆସିଛୁ ଶିଖି,
ଶାନ୍ତି, ପ୍ରଗତି, ମୁକତିର ପଥ
ଚାଲିଛୁ ଶିଖି ।
ହିମାଳୟ ପରି ଆମ ଛାତି
ଟାଣ ପାରିଛୁ କରି,
କେତେ କଷଣକୁ ସାମନା
କରୁଛୁ ଧୈର୍ଯ୍ୟ ଧରି ।
ଏ ମାଟିରେ ଥିଲେ ଅଶୋକ,
ସୁବାଷ, ଲଖମୀବାଇ,
ଗାନ୍ଧି ମହାତମା, ନେହେରୁ
କେତେ ଯେ କଷଣ ସହି ।
ଶିଖାଇ ଦେଲେ ସେ ସାହସ,
ଶକତି, ଶରଧା ଗୁଣ,
ସେଥିଲାଗି ପରା ଜନମରୁ
ଆମେ ହୋଇଛୁ ଟାଣ ।
ଆମେ ଦେଖାଉଛୁ ଜ୍ଞାନ କଉଶଳ,
ନୂଆ ବାରତା,
ବିଶ୍ୱରେ ଦିନେ ହୋଇପାରିବ
ସେ ଜଗତଜିତା ।
ସୁଜଳା ସୁଫଳା ଶସ୍ୟ ଶ୍ୟାମଳା
ଭାରତ ମାଆ,
ସରଗର ସୁଖ ତା 'କୋଳେ ମିଳଇ
ସାରା ଜୀବନକୁ ହୁଅଇ ସାହା ।

+ବାଣ୍ଟୁପଡା, ରେଲୱେ ସାଇଡିଙ୍ଗ,
ରାଜଗାଙ୍ଗପୁର, ସୁନ୍ଦରଗଡ଼
ମୋ: ୭୦୦୮୨୦୪୨୨୫



### ଲୋଡ଼ାନାହିଁ ଆଉ ସହର ନଅର

ପ୍ରଶାନ୍ତ କୁମାର ଦାଶ

କାଦୁଅ କାନ୍ଥର ଝୋଟି ଝାଟି ମାଟି
ଝୁରୁଛି ଝରାଇ ଲୁହ
କେଉଁ ସହରର ନଅର କୋଳରେ
ମୁଣ୍ଡ ଗୁଞ୍ଜିଅଛ କୁହ ।

ବନ ସବୁଜିମା ପତର ଫାଙ୍କରେ
ଦିଶୁଛି ରାତିର ଜହ୍ନ
ଦେଉଳର ଦିଅଁ ଦେବତା ପାଖରେ
ନାହିଁତ ପରାଣ ମନ ।

ଗଛର ଡାଳରେ ଅଛି ମିଠାକୋଳି
ଖାଇବାକୁ ନାହିଁ ବେଳ
ସହର ଛାତିରେ ଗଢି ଭାଙ୍ଗିଯାଏ
ପିଲାଦିନ ଖେଳ ମେଳ ।

ପୋଖରୀ କେନାଲ ନଈ ପାଟ ସର
ପଣସ ଆମ୍ବର ରସ
ଅଛି କରମଙ୍ଗା ତେନ୍ତୁଳି କମଳା
ବରକୋଳି ଖିଆ ହସ ।

ହଜିଲାଦିନର ଅସରା କାହାଣୀ
ସ୍ମୃତିତ ସାଇତା ସେଠି
କୁଆଁରୀ କନିଆଁ ଖୁସିହୁଏ ପାଇ
ବଉଳର ହାତ ଚିଠି ।

ଲୁଚକାଳି ପୁଚି ରଜଦୋଳି ଖେଳ
କୁଆଁରୀଙ୍କ ଚାଲେ କେତେ
ବାଇଆରବସା ପବନେ ଦୋହଲି
ସତେକି ଖସିବ ହାତେ ।

ସୁନାର ଫସଲ ହୁଏ ଝଲ ମଲ
ଋତୁ ଆସେ ପୁଣି ଯାଏ
ଗୋଧୂଳି ଲଗନେ ଗାଈଆଳ ପିଲା
ଗୀତ ଯହିଁ ଗାଉଥାଏ ।

ଲୋଡ଼ନାହିଁ ଆଉ ସହର ନଅର
ଲୋଡ଼ା ଝାଟି ମାଟି ଘର
ସେଇ ଘର ଦିଏ ପରାଣେ ପୁଲକ
ସେଇତ ସରଗ ପୁର ।

+କୁଞ୍ଜର ସଙ୍ଗଳାଇ
ପିପିଲି ପୁରୀ
ମୋ: ୯୬୬୮୮୨୨୧୯୦

# ଜିଲ୍ଲା ପ୍ରେସ କ୍ଲବ ଫୁଲବାଣୀ ପକ୍ଷରୁ ଫୁଲବାଣୀ ବିଧାୟକ ଉମାକାନ୍ତ ମଲ୍ଲିକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

କନ୍ଧମାଳ, ୨୮/୬ (ନି.ପ୍ର): ଜିଲ୍ଲା ପ୍ରେସ କ୍ଲବ ଫୁଲବାଣୀ ପକ୍ଷରୁ ନବ ନିର୍ବାଚିତ ଫୁଲବାଣୀ ବିଧାୟକଉମା ଚରଣ ମଲିକଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

ପ୍ରେସ କ୍ଲବ ସଭାପତି ସୁନୀଲ ପଟ୍ଟନାୟକ , ବରିଷ୍ଠ ସାମ୍ବାଦିକ ଡ଼ଃ ଅରୂପ ଜେନା ଓ ସମ୍ପାଦକ ବୀରେନ୍ଦ୍ର ସୁବୁଦ୍ଧି ମୁସ୍କକ୍ଷନ ସ୍ୱାର ପ୍ରମୁଖ ପୁଷ୍ପ ଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପ୍ରେସ କ୍ଲବ ସଭାପତିଙ୍କ ସଭାପତିତ୍ୱ ରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ନବ ନିର୍ବାଚିତ ଫୁଲବାଣୀ ବିଧାୟକ ଉମା ଚରଣ ମଲିକ, ବରିଷ୍ଠ ସାମ୍ବାଦିକ ସମାଜସେବୀ ଡ଼ଃ.ଅରୂପ ଜେନା, ଉପ ସଭାପତି ସୂର୍ଯ୍ୟ ନାରାୟଣ ବେହେରା, ବିମଳ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ସଭାପତି ସମସ୍ତ ଅତିଥି ଙ୍କୁ ସ୍ୱାଗତ କରିବା ସହଫୁଲବାଣୀ ବିଧାନସଭା ମଣ୍ଡଳୀ ର ବିଭିନ୍ନ ସମସ୍ୟା ଓ ପ୍ରେସ କ୍ଲବ ର ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକ ମଲିକ ତାଙ୍କ ଅଭିଭାଷଣ ରେ ଜିଲାର ବିଭିନ୍ନ ସମସ୍ୟା ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ ପାନୀୟ ଜଳ ସମସ୍ୟା ସମାଧାନ କରିବେ ବୋଲି ପ୍ରତିଶୃତି ଦେଇଥିଲେ। ସେହିପରି ଜିଲା ପ୍ରେସ କ୍ଲବର ଫାଷ୍ଟ ଫ୍ଲୋର ଅର୍ଦ୍ଧନିର୍ମିତ କୋଠା ପୂର୍ଣ୍ଣାଙ୍ଗ କରିବା ପାଇଁ ଆବଶ୍ୟକ ଅର୍ଥ ଅନୁଦାନ ବିଧାୟକ ହାତ ପାଣ୍ଠି ରୁ ମଂଜୁର କରିବେ ବୋଲି ପ୍ରତିଶୃତି ଦେଇଥିଲେ।

ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ରାଧାମୋହନ ମହାପାତ୍ର, ବଦ୍ୟ ନାଥ ନାୟକ, ପ୍ରଶାନ୍ତ କୁମାର ବେହେରା, କାହ୍ନୁଚରଣ ଶତପଥୀ, ବରିଷ୍ଠ ନାଗରିକ ସଙ୍ଘ ଉପସଭାପତି, ଶିକ୍ଷାବିତ ନବ କୃଷ୍ଣ ରଥ ପ୍ରମୁଖ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ପାଦକ ବୀରେନ୍ଦ୍ର ସୁବୁଦ୍ଧି ସ୍ୱାଗତ ଭାଷଣଦେଇଥିବା ବେଳେ ଓ ଉପସଭାପତି ବିମଳ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ନାରାୟଣ ସାହୁ, ଶିବ ବିଶ୍ୱାଳ, ପ୍ରଶାନ୍ତ ଜେନା, ସନ୍ତୋଷ ଡିଗାଲ, ଶିବ ରାମ ନାୟକ, ଆଦିତ୍ୟ ତ୍ରିପାଠୀ, ଅଶୋକ ମହାନ୍ତି, ଗୋପାଳ କୃଷ୍ଣ ପଟ୍ଟନାୟକ,ଙ୍କ ସମେତ ମିଡ଼ିଆ ଫୋରମ, ଡିଜିଟାଲ ମିଡ଼ିଆ ଏସୋସିଏସନର ସାମ୍ବାଦିକ, ଓ ବିଜେପି ନେତା ତଥା ଆଇନଜୀବୀରମେଶ ମହାନ୍ତି, ସ୍ୱରୂପାନନ୍ଦ ପଟନାୟକ, ଦିଲୀପ ମହାପାତ୍ର ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ ।

# ଭବାନୀପାଟଣାଠାରେ ରଥଯାତ୍ରା ଓ ବାହୁଡ଼ା ଯାତ୍ରା୨୦୨୪ନିମନ୍ତେ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ବୈଠକ

ଭବାନୀପାଟଣା , ୨୮/୬ (ନି.ପ୍ର): ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ କଳାହାଣ୍ଡି ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀଙ୍କ ଙ୍କ ଅଧ୍ୟକ୍ଷତାରେ ୨୦୨୪ ବର୍ଷ ନିମନ୍ତେ ରଥଯାତ୍ରା ଓ ବାହୁଡ଼ା ଯାତ୍ରା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।ଶ୍ରୀଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ପବିତ୍ର ରଥଯାତ୍ରା ଆସନ୍ତା ଜୁଲାଇ ମାସ ୭ ତାରିଖ ଓ ବାହୁଡ଼ା ଯାତ୍ରା ୧୫ ତାରିଖ ଦିନ ଶାନ୍ତି ଶୃଙ୍ଖଳାର ସହ ସୂଚାରୁରୂପେ ପାଳନ ପାଇଁ ଜିଲ୍ଲାପାଳ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରି ଆଲୋଚନା କରିଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତନ୍ମୟ କୁମାର ଦରୱାନ୍ ଏଜେଣ୍ଡା ଅନୁଯାୟୀ ବିବରଣୀ ପାଠ କରିଥିଲେ। ବୈଠକ ରେ ଅତିରିକ୍ତ ଜିଲ୍ଲାପାଳ ତ୍ରିଲୋଚନ ପାତ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଡିଗା, ପୌରପାଳିକା ଅଧ୍ୟକ୍ଷା ଶ୍ରୀମତୀ ସଂଯୁକ୍ତା ବେହେରା ଉପସ୍ଥିତ ଥିଲେ। ଚଳିତ ବର୍ଷ ମହାପ୍ରଭୁଙ୍କ ପହଣ୍ଡିବିଜେ ଓ ଛେରାପହଁରା ଆସନ୍ତା ଜୁଲାଇ ମାସ ୭ ତାରିଖ ଦିନ ଅପରାହ୍ନ ୪.୦୦ ଘ ସମୟରେ ମହାରାଜା ଅନନ୍ତ ପ୍ରତାପ ଦେଓ ଙ୍କ ଦ୍ୱାରା ସମାପନ ହେବ। ପୋଲିସ ବିଭାଗ ତରଫରୁ ଶାନ୍ତି ଶୃଙ୍ଖଳା ରକ୍ଷା ,ପ୍ରଶାସନ ଦ୍ୱାରା ମାଜିଷ୍ଟ୍ରେଟ ମୃତୟନ, ପୋଲିସ ନିୟନ୍ତ୍ରଣ କକ୍ଷ ସ୍ଥାପନ ,ମାଉସୀମା ମନ୍ଦିର ନିକଟରେ ଆବଶ୍ୟକ ସୁରକ୍ଷା କର୍ମୀ ମୃତୟନ, ସୁରକ୍ଷା ଦୃଷ୍ଟିରୁ ମହାପ୍ରଭୁଙ୍କୁ ଭକ୍ତ ବୃନ୍ଦଙ୍କ ତଲୁ ଦର୍ଶନ,ଯାନବାହାନ ଚଳାଚଳ ଓ ଟ୍ରାଫିକ ନିୟନ୍ତ୍ରଣ , ଜଗନ୍ନାଥ ମନ୍ଦିର ରାସ୍ତା ବେରିକେଡ଼ିଂ, ରଥଟଣା ସମୟରେ ରାସ୍ତାକଡ ଦୋକାନୀଙ୍କୁ ସ୍ଥାନାନ୍ତର, ରଥ ତିଆରି ଓ ରଥ ଚଳାଚଳର ଉପଯୁକ୍ତତା ପ୍ରମାଣପତ୍ର , ସେବାୟତ ଓ ପୂଜକଙ୍କୁ ପ୍ରଶାସନ ଦ୍ୱାରା ପରିଚୟ ପତ୍ର ପ୍ରଦାନ, ଖାଦ୍ୟ ନିରୀକ୍ଷକଙ୍କ ଦ୍ୱାରା ରାସ୍ତା କଡ ଓ ହୋଟେଲର ଖାଦ୍ୟ ଯାଂଚ, ଭ୍ରାମ୍ୟ ମାଣ ସ୍ୱାସ୍ଥ୍ୟ ଯାନ ଓ ଆମ୍ବୁଲାନ୍ସ ସେବା, ଭକ୍ତ ବୃନ୍ଦଙ୍କ ପାଇଁ ପାନୀୟ ଜଳର ବ୍ୟବସ୍ଥା , ଆମିଷ ଓ ମଦ ବିକ୍ରି ଉପରେ କଟକଣା,ସାମୟିକ ବିଦ୍ୟୁତ୍ ସରବରାହ ବନ୍ଦ ବ୍ୟବସ୍ଥା,ରାସ୍ତା ଓ ନାଳ ନର୍ଦ୍ଦମା ସଫା ଓ ବ୍ଲିଚିଂ, ରଥଯାତ୍ରା ଓ ବାହୁଡ଼ା ଯାତ୍ରାର ଧାରା ବିବରଣୀ କେନ୍ଦ୍ର, ମାଉସୀ ମା ମନ୍ଦିର ଓ ବାଲାଜୀ ମନ୍ଦିର ନିକଟରେ ଭଜନ ସମାରୋହ, ଅସ୍ଥାୟୀ ପାର୍କିଂ ବ୍ୟବସ୍ଥା ଇତ୍ୟାଦି ଉପରେ ସବିଶେଷ ଆଲୋଚନା ହୋଇ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଦାୟିତ୍ୱ ଦିଆଗଲା। ସଭାରେ ଗଠନମୂଳକ ଆଲୋଚନା ହୋଇ ସର୍ବସମ୍ମତି କ୍ରମେ ବିଭିନ୍ନ ପ୍ରସ୍ତାବ ଗ୍ରହଣ କରାଗଲା। ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସମେତ ଜଗନ୍ନାଥ ମନ୍ଦିର ପୂଜକ ଓ ସେବାୟତ, ସାଂସଦ ପ୍ରତିନିଧି, ରାଜନୈତିକ ଦଳ ର କମିଟି କର୍ମକର୍ତ୍ତା, କଳାହାଣ୍ଡି ଓକିଲ ସଂଘ ସଭାପତି, ମସଜିଦ କମିଟିର ସଭାପତି/କର୍ମକର୍ତ୍ତା, ସହରର ବୁଦ୍ଧିଜୀବୀ, ଓକିଲ, ବାଲାଜୀ ମନ୍ଦିର କମିଟି କର୍ମକର୍ତ୍ତା ଏବଂ ଗଣ ମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

# ଶୌଚାଳୟ ଖୋଲିବାକୁ ନେଇ ତହସିଲଦାରଙ୍କୁ ଭେଟିଲେ ବିଜେପି ପ୍ରତିନିଧି ଦଳ

ଘଟଗାଁ, ୨୮/୬ (ନି.ପ୍ର): କେନ୍ଦୁଝର ଜିଲ୍ଲାର ପ୍ରମୁଖ ଶକ୍ତି ଦେବୀ ପୀଠ ସ୍ଥଳୀ ଘଟଗାଁ ବଜାରରେ ଥିବା ଶୌଚାଳୟ ଟିକୁ ସର୍ବସାଧାରଣଙ୍କ ନିମନ୍ତେ ଖୋଲିବା ନେଇ ଆଜି ବିଜେପିର ଏକ ପ୍ରତିନିଧି ଦଳ ଘଟଗାଁ ତହସିଲଦାର ଭବାନୀ ପ୍ରଧାନଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ ଯେ , ରାଜନୈତିକ ଆକ୍ରୋଶର ଶିକାର ହୋଇ ଘଟଗାଁ ପୁରୁଣା ବସଷ୍ଟାଣ୍ଡ ନିକଟରେ ରହିଥିବା ଏହି ଶୌଚାଳୟଟି ଦୀର୍ଘ ୩ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ବନ୍ଦ ହୋଇ ରହିଛି। ଯାହା ଫଳରେ ଘଟଗାଁକୁ ଆସୁଥିବା ଯାତ୍ରୀ ଓ ପର୍ଯ୍ୟଟକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇ ଆସୁଛନ୍ତି। ଏ ସମସ୍ୟା ନେଇ ପୂର୍ବରୁ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ସ୍ଥାନୀୟ ବିଧାୟକଙ୍କ ଚାପରେ ପଡି ପ୍ରସାଶନ ପକ୍ଷରୁ ଶୌଚାଳୟ ଖୋଲିବା ନେଇକୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିଲା। ଯାହାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ସାଧାରଣ ଲୋକଙ୍କ ସମସ୍ୟାକୁ ଦୃଷ୍ଟି ଦେଇ ଆଜି ବରିଷ୍ଠ ବିଜେପି ନେତା ରାଜେନ୍ଦ୍ର ପଟ୍ଟନାୟକ , ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଅମର ସିଂ , ଜିଲ୍ଲା ମିଡ଼ିଆ ସେଲ ସଂଯୋଜକ ଜୟଦେବ ଗିରି , ପୂର୍ବତନ ଢେଙ୍କିକୋଟ ମଣ୍ଡଳ ସଭାପତି ଜିତେନ୍ଦ୍ର ପଲେଇ , ଜିଲ୍ଲା ଯୁବମୋର୍ଚ୍ଚା ସମ୍ପାଦକ ରୁଦ୍ର ପ୍ରସାଦ ବେହେରା , ପଇଦାପାଟଣା ସରପଞ୍ଚ ମୁକୁନ୍ଦ ମୁଣ୍ଡା , ପୂର୍ବତନ ଘଟଗାଁ ମଣ୍ଡଳ ସଭାପତି ଗୋଲକ ବଳ, ଆନନ୍ଦ ମହାନ୍ତ ପ୍ରମୁଖ ଘଟଗାଁ ତହସିଲଦାର ଭବାନୀ ପ୍ରଧାନଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ସହ ତୁରନ୍ତ ଶୌଚାଳୟଟିକୁ ସର୍ବସାଧାରଣ ନିମନ୍ତେ ଖୋଲିବା ପାଇଁ ଦାବି ଜଣାଇଛନ୍ତି। ଯଦି ଏଥିପ୍ରତି ପ୍ରଶାସନ ପକ୍ଷରୁ ଦୃଷ୍ଟି ଦିଆନଯାଏ ତେବେ ବିଜେପି ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଅନ୍ୟପକ୍ଷରେ ଖୁବଶୀଘ୍ର କିପରି ଶୌଚାଳୟ ଟି ଖୋଲାଯିବ ସେନେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ତହସିଲଦାର ସୂଚନା ଦେଇଛନ୍ତି।

# ନାବାଳିକାକୁ ଅସଦାଚରଣ: ୨୦ ବର୍ଷ ଜେଲ

କେନ୍ଦ୍ରାପଡ଼ା, ୨୮/୬ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମରେ ଜଣେ ନାବାଳିକାକୁ ଯୌନ ନିର୍ଯ୍ୟାତନା ଓ ଉଲଗ୍ନ କରିଥିବାରୁ ଆସାମୀକୁ ୨୦ ବର୍ଷ ଜେଲ୍ ଓ ୫୦ ହଜାର ଟଙ୍କା ଜରିମାନାରେ କେନ୍ଦ୍ରାପଡ଼ାର ଫାଷ୍ଟଟ୍ରାକ୍ କୋର୍ଟରେ ବିଚାରପତି ତ୍ରିବିକ୍ରମ କେଶରୀ ଚିନାରା ଆସାମୀକୁ ଦଣ୍ଡିତ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଜିଲ୍ଲାର ଆଳି ଥାନା କେଶ ନଂ.-୧୮୨/୨୦ ଓ ଜିଆର କେଶ ନଂ.-୭୬/୨୦ରେ ନାବାଳିକା ଜଣକ ୧୫.୦୯.୨୦୨୦ ମସିହା ସଂନ୍ଧ୍ୟା ୫ଟା ୩୦ ସମୟରେ ଘରପାଖ ନଳକୂପକୁ ହାତଗୋଡ଼ ଧୋଇବା ପାଇଁ ଯାଇଥିଲେ। ସେଠାରେ ଆସାମୀ ସିକ ଓରଫ ଚନ୍ଦନ ମଲିକ(୨୫) ନାବାଳିକାକୁ ଘର ଭିତରକୁ ନେଇ ଅସଦାଚରଣ କରିଥିଲେ। ଏବଂ ଘଟଣା ବିଷୟରେ କାହାକୁ ପ୍ରକାଶ କଲେ ଜୀବନରୁ ମାରିଦେବା ପାଇଁ ଧମକ ଦେଇଥିଲେ। ନାବାଳିକାଟି ଘରକୁ ଆସିବାର କିଛି ସମୟ ପରେ ତାଙ୍କୁ ବାନ୍ତି ହେବା ଫଳରେ ତାଙ୍କ ମା' ଘଟଣା ସଂପର୍କରେ ପଚାରି ବୁଝିବା ପରେ ଆଳି ଥାନାରେ ଏତଲା ଦେଇଥିଲେ। ଥାନା ଅଧିକାରୀ ଆସାମୀକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ବିଚାରପତି ଶ୍ରୀ ଚିନାରା ୧୬ ଜଣ ସାକ୍ଷ୍ୟ ପ୍ରମାଣ ଗ୍ରହଣ କଲାପରେ ଆସାମୀ ଚନ୍ଦନ ମଲିକକୁ ୨୦ ବର୍ଷ ଜେଲ୍ ଓ ୫୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟ ଆଉ ୧ ବର୍ଷ କାରାଦଣ୍ଡର ନିର୍ଦ୍ଦେଶ ରହିଛି। ଏଥିସହିତ ବିଚାରପତି ଶ୍ରୀ ଚିନାରା ନାବାଳିକାକୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ତରଫରୁ ବରିଷ୍ଠ ଆଇନଜୀବି ମନୋଜ କୁମାର ସାହୁ ମକଦ୍ଦମା ପରିଚାଳନା କରିଥିଲେ।

# ଅର୍ଥ ଆତ୍ମସାତ ଅଭିଯୋଗରେ ଠକ ମହିଳା ଅଦାଲତ ଚାଲାଣ

କୋରେଇ, ୨୮/୬ (ନି.ପ୍ର): ପାଣିକୋଇଲି ପୁଲିସ ଅର୍ଥ ଆତ୍ମସାତ କରିଥିବା ଅଭିଯୋଗରେ ଜଣେ ମହିଳାଙ୍କୁ କୋର୍ଟ ଚାଲାଣ କରିଛି। ପ୍ରକାଶଯେ ପାଣିକୋଇଲି ଥାନା ଅନ୍ତର୍ଗତ କରଦା ପଂଚାୟତର ରାଣିଗୋଡ଼ା ଗ୍ରାମର କୁଳମଣୀ ଦାସଙ୍କ ପତ୍ନୀ ସଂଯୁକ୍ତା (୫୦) ବିଭିନ୍ନ ଉପାୟରେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନଙ୍କୁ ପ୍ରଲୋଭିତ ଓ ଚଂଚକତା କରି ସେମାନଙ୍କ ଠାରୁ ଟଙ୍କାକୁ ଦ୍ୱିଗୁଣିତ କରିଦେବ ବୋଲି କହି ୪ ଲକ୍ଷ ଟଙ୍କା ଆଦାୟ କରିଥିଲା। ସଂଯୁକ୍ତାଙ୍କ ପ୍ରଲୋଭନରେ ବିଶ୍ୱାସ କରି ଗ୍ରାମର ସଂଜୁ ନାମ୍ନୀ ମହିଳାଙ୍କ ଠାରୁ ୧ଲକ୍ଷ ଟଙ୍କା, ଗେଲିଙ୍କ ଠାରୁ ୪୦ ହଜାର, ସସ୍ମିତାଙ୍କ ଠାରୁ ୩୨,୫୦୦ଟଙ୍କା, ମୀନତିଙ୍କ ଠାରୁ ୧ଲକ୍ଷ ୨୦ ହଜାର ଟଙ୍କା, ମନୋରମାଙ୍କ ଠାରୁ ୯୦ ହଜାର ଟଙ୍କା, ଗୋଲାପଙ୍କ ଠାରୁ ୮୦ ହଜାର ଟଙ୍କା, କୁସୁମଙ୍କ ଠାରୁ ୪୦ ହଜାର ଟଙ୍କା,ମାନସୀଙ୍କ ଠାରୁ ୬୦ ହଜାର ଟଙ୍କା, ଜାନକୀଙ୍କ ଠାରୁ ୨୩,୫୦୦ଟଙ୍କା, ଗେଡ଼ିଙ୍କ ଠାରୁ ୧୫ ହଜାର ଟଙ୍କା ଓ କୁନିଙ୍କ ଠାରୁ ୧୦ ହଜାର ଟଙ୍କା ଠକି ନେଇଯାଇଥିଲା। ଏଥି ସହିତ ଅନ୍ୟ ଗୋଟିଏ ସ୍ୱୟଂ ସହାୟିକା ଗୋଷ୍ଠୀର ଦୁଇ ଜଣ ମହିଳାଙ୍କ ଠାରୁ ୫ ଲକ୍ଷ ଟଙ୍କା ଦ୍ୱିଗୁଣିତ କରି ଦେବ କହି ଠକି ନେଇଥିଲା। ସଂଯୁକ୍ତା ୭ ବର୍ଷ ହେଲା ମହିଳା ମାନଙ୍କ ଠାରୁ ଟଙ୍କା ନେଇଥିଲେ ମଧ୍ୟ ଫେରାଇବାର ନା ନେଉନଥିଲା ଓ ସମସ୍ତ ଟଙ୍କାକୁ ସେ ନିଜେ ଆତ୍ମସାତ କରିଥିଲା। ତେବେ ମହିଳା ମାନେ ସଂଯୁକ୍ତାଙ୍କୁ ଟଙ୍କା ଫେରାଇବାକୁ ମାଗିବାକୁ ଯିବା ବେଳକୁ ସଂଯୁକ୍ତା ଓ ତାଙ୍କର ଦୁଇ ପୁଅ ଉକ୍ତ ମହିଳା ମାନଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରିବା ସହିତ ଜୀବନରୁ ମାରି ଦେବା ଲାଗି ଧମକ ଦେଉଥିଲେ। ଫଳରେ ଅନ୍ୟୋପାୟ ନପାଇ ଗୋଷ୍ଠୀର ଲକ୍ଷ୍ମୀ ମଲିକଙ୍କ ଅଭିଯୋଗ କ୍ରମେ ପୁଲିସ ଏକ ମାମଲା ରୁଜୁ କରି ସଂଯୁକ୍ତାଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛି।

# ଅଲଟ୍ରାସାଉଣ୍ଡ କ୍ଲିନିକକୁ ସଠିକ୍ ନିରୀକ୍ଷଣ ନିର୍ଦ୍ଦେଶ

ଜୟପୁର, ୨୮/୬ (ନି.ପ୍ର): ଜିଲ୍ଲାପାଳ ଅଫିସ ପରିସରରେ ପିସିପିଏନଡିଟି ପରାମର୍ଶ ଦାତା କମିଟି ବୈଠକ ଜିଲ୍ଲାପାଳ ଭି କୀର୍ତି ଭାସନଙ୍କ ଆଧକ୍ଷତାରେ ଅଫିସଗୃହରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ କମିଟିର ସମସ୍ତ ସଦସ୍ୟ ଯୋଗଦାନ କରିଥିଲେ । ଜିଲ୍ଲାପାଳ ଜିଲ୍ଲାରେ କାର୍ଯ୍ୟକ୍ଷମ ଥିବା ଅଲଟ୍ରାସାଉଣ୍ଡ ଗୁଡ଼ିକର ସମୀକ୍ଷା କରିଥିଲେ । ସ୍ୱାସ୍ଥ୍ୟ ବିଭାଗ ତରଫରୁ ଉକ୍ତ ଅଲଟ୍ରାସାଉଣ୍ଡ କ୍ଲିନିକ୍ ଗୁଡ଼ିକର ସଠିକ୍ ଭାବରେ ନିରୀକ୍ଷଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସନ୍ଧ୍ୟା ୩ ରୁ ୫ ଟା ସମୟର ବି ହେବ ଅଲ୍ଟ୍ରାସାଉଣ୍ଡ ସୁବିଧା..ଏଥିସହ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆସନ୍ତା ମାସ ସୁଦ୍ଧା ଅଲ୍ଟ୍ରାସାଉଣ୍ଡ ସୁବିଧା ଉପଲବ୍ଧ କରାଇବା କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା ସୁଧାଂଶୁ କୁମାର ଗିରି, ଏଡିପିଏଚଓ (ପରିବାର କଲ୍ୟାଣ) ଡ଼ଃ ନୀଳମାଧବ ଶତପଥୀ, ଉପଜିଲ୍ଲାପାଳ ଶ୍ରୀପ୍ରଭାତ ପରିଡା ଏବଂ ଶ୍ରୀ ବେଣୁଧର ଶବର, ସ୍ୱରାଜ ସୀସା, ଡ଼ଃ ମିଲନ ମହାନ୍ତି ଓକିଲ ପି କେ ପାଢ଼ୀ , ଡିପିଏମ ଶୁଭକାନ୍ତ ଗନ୍ତୟତ, ହସ୍ପିଟାଲ ମେନେଜର ଶୁଭେନ୍ଦୁ ପଣ୍ଡା,ଝଓ ବାଳକୃଷ୍ଣ ମଣ୍ଡଳ ଏବଂ ସହକାରୀ ପରିଚାଳକ ସୂର୍ଯ୍ୟ ମହାପାତ୍ର ଏବଂ ଅନ୍ୟ ପ୍ରମୁଖ ସଦସ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ଗଞ୍ଜେଇ ଚାଲାଣ ବେଳେ ଚଢାଉ: ମାଫିଆ ଚମ୍ପଟ

ଜୟପୁର, ୨୮/୬ (ନି.ପ୍ର): ଗଞ୍ଜେଇ ଚାଲାଣ ବେଳେ ଜୟପୁର ଅବକାରି ଥାନା ପକ୍ଷରୁ ଆଜି ଚଢାଉ କରାଯାଇଛି। ଅବକାରି ବିଭାଗକୁ ଦେଖି ମାଫିଆ ଚମ୍ପଟ ମାରିଛି । ଅବକାରି ଥାନା ସୂଚନା ଅନୁଯାଇ ଜୟପୁର ଅବକାରି ଥାନା ପକ୍ଷରୁ ପେଟ୍ରୋଲିଂ କରୁଥିବା ବେଳେ ଏକ ବାଇକ ରେ ଜୟପୁର ସହରକୁ ଗଞ୍ଜେଇ ଚାଲାଣ ହେଉଥିଲା । ବାଲିଆ ଛକରେ ଅବକାରି ବିଭାଗକୁ ଦେଖି ଚାଲାଣକାରି ବାଇକ ଓ ଗଞ୍ଜେଇକୁ ଛାଡି ଚମ୍ପଟ ମାରିଥିଲା । ପରେ ବିଭାଗ ବାଇକ ଓ ୮ କେଜି ଗଞ୍ଜେଇ ଜବତ କରି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ନଳାଦ୍ରି ବିହାରି ମିଶ୍ର ସୂଚନା ଦେଇଛନ୍ତି ।

## ଚମ୍ପାପୁରରେ ନଳକୂପ ଅଚଳ : ପିଇବାକୁ ମିଳୁନି ସ୍ୱଚ୍ଛ ପାଣି

ଧର୍ମଶାଳା, ୨୮/୬ (ନି.ପ୍ର): ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ଏହି ସମୟରେ ବହୁ ଅଂଚଳରେ ପିଇବା ପାଣି ସମସ୍ୟା ଦେଖା ଦେଇଛି । ଯାହାକୁ ନେଇ ପାଣି ମୁନ୍ଦେ ପାଇଁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଭଳି ଘଟଣା ଦେଖିବାକୁ ମିଳୁଛି ଯାଜପୁର ଜିଲା ବଡଚଣା ବ୍ଲକ ସମିଆଁ ପଂଚାୟତସ୍ଥ ଚମ୍ପାପୁର ଓ ଏହାର ସଂଲଗ୍ନ ପଡା ଗ୍ରାମ ଭାଲୁମରା ଗ୍ରାମରେ । ଦୀର୍ଘ ଦିନ ହେବ ଏହି ଅଂଚଳରେ ପାନୀୟ ଜଳ ପାଇଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କେହି ଏହି ଘଟଣା ଉପରେ ଗୁରୁତ୍ୱ ଦେଉନାହାନ୍ତି । ବିଶେଷ କରି ଖରାଦିନ ସମୟରେ ଜଳସ୍ତର ଖସି ଯିବା ଫଳରେ ଏହି ସମସ୍ୟା ଲାଗି ରହୁଛି । ଅନ୍ୟ ପକ୍ଷେ ଏହି ଦୁଇ ଗ୍ରାମକୁ ମେଗା ପାନୀୟ ଜଳ ପ୍ରକଳ୍ପ ଯୋଜନାରେ ପାଇପ ବିଛା ଯାଇଛି । ଘରଘରକୁ ପାଇପ ସଂଯୋଗ କରାଯାଇ ଷ୍ଟାଣ୍ଡପୋଷ୍ଟ ନିର୍ମାଣ କରାଯାଇଛି । ହେଲେ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ନ ହେବାରୁ ଲୋକେ ଜଳ କଷ୍ଟ ଭୋଗ କରୁଛନ୍ତି । ଏନେଇ ଗ୍ରାମବାସୀ ପଂଚାୟତ ସରପଂଚ ବିଶ୍ୱବିଜୟୀ ବ୍ରହ୍ମଙ୍କ ସହ ଯୋଗାଯୋଗ କରିଥିଲେ। ଶ୍ରୀ ବ୍ରହ୍ମ ଏହି ଘଟଣାକୁ ଗୁରୁତର ସହ ନେଇ ଟ୍ରାକ୍ଟର ଦ୍ୱାରା ପାଣି ଟ୍ରାଙ୍କର ଯୋଗେ ଏହି ଦୁଇ ଗ୍ରାମକୁ ପାଣି ଯୋଗାଇ ଆସୁଛନ୍ତି। ଫଳରେ ପାଣି ଆସିବା ସମୟରେ ଟାକ୍ଟର ପଛରେ ଶହଶହ ମହିଳା ପୁରୁଷ ଲମ୍ବା ଧାଡିରେ ରହି ଗରା,ମାଣ୍ଡିଆ,ଡେକ୍‌ଚି ଓ ବାଲ୍ଟି ଦ୍ୱାରା ପାଣି ଘରକୁ ନେଉଛନ୍ତି । ବଡଚଣା ବ୍ଲକ ଓ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପାନୀୟ ଜଳ ସମସ୍ୟାକୁ ଦୂର କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ମହିଳା ସାମ୍ବାଦିକଙ୍କୁ ପୂର୍ବତନ ମନ୍ତ୍ରୀଙ୍କ ଦୁର୍ବ୍ୟବହାର, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କେନ୍ଦ୍ରାପଡ଼ା, ୨୮/୬ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଏସ.ୟୁ.ଜେ ସାମ୍ବାଦିକ ଶାଖା ତରଫରୁ ମହିଳା ସାମ୍ବାଦିକଙ୍କୁ ପୂର୍ବତନ ମନ୍ତ୍ରୀଙ୍କ କୁକୁର ଲଗାଇବା ଘଟଣାରେ ଦୃଢ କାର୍ଯ୍ୟାନୁଷ୍ଠାନ ଓ ସାମ୍ବାଦିକଙ୍କ ସୁରକ୍ଷା ଆଇନ ପ୍ରଣୟନ ଦାବି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଉପ ଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନଙ୍କୁ ପ୍ରଦାନ କରାଯାଇଛି । ଗତ ମଙ୍ଗଳବାର ବୈଦ୍ୟୁତିକ ଗଣ ମାଧ୍ୟମର ମହିଳା ସାମ୍ବାଦିକ ଭୁବନେଶ୍ୱରରେ ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ସରକାରୀ ବାସ ଭବନରେ ଚାଲିଥିବା ଭଙ୍ଗାରୁଜା କାମର ଫଟୋ ଉତୋଳନ ପାଇଁ ସନ୍ନିକଟ ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କ ସରକାରୀ ବାସଭବନ ପରିସରକୁ ଯାଇଥିଲେ । ସେଠାରେ ମହିଳା ସାମ୍ବାଦିକ ଓ ତାଙ୍କ କ୍ୟାମେରା ମ୍ୟାନ ଭିଡିଓ ଉତୋଳନ କରୁଥିବା ବେଳେ ପୂର୍ବତନ ମନ୍ତ୍ରୀ ଶ୍ରୀ ଦାସ ହଠାତ୍ ଦୌଡି ଆସି ମୋ ବାସଭବନ ପରିସରକୁ କାହିଁକି ପସିଲ ବୋଲି କହି ଦୁର୍ବ୍ୟବହାର କରିବା ସହ ମହିଳା ସାମ୍ବାଦିକଙ୍କ ପଛରେ କୁକୁର ଲଗାଇବାକୁ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କର୍ମଚାରୀ ତାଙ୍କ କଥାରେ କୁକୁର କୁ ଆଣି ମହିଳା ସାମ୍ବାଦିକଙ୍କ ଉପରେ ଛାଡିଥିଲେ। କୁକୁର ଗୋଡାଇବା ରୁ ମହିଳା ସାମ୍ବାଦିକ ଜଣକ ଦୌଡି ପଳାଇ ନିଜ ଜୀବନକୁ ବଂଚାଇ ଥିଲେ। ଏନେଇ ରାଜ୍ୟସାରା ସାମ୍ବାଦିକ ପ୍ରତିବାଦ କରୁଥିବାରୁ କେନ୍ଦ୍ରାପଡା ସଂଘ ତରଫରୁ ଘଟଣାର ତୀବ୍ର ନିନ୍ଦା କରିବା ସହ ଅଭିଯୁକ୍ତ ମାନଙ୍କୁ ଗିରଫ କରିବା ସହିତ ସାମ୍ବାଦିକଙ୍କର ସୁରକ୍ଷା ଆଇନ ଲାଗୁ କରିବା ପାଇଁ ସାମ୍ବାଦିକ ସଂଘ ତରଫରୁ ଶତାଧିକ ସାମ୍ବାଦିକ ଉପ ଜିଲ୍ଲାପାଳ ଶ୍ରୀ ପ୍ରଧାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି ।

# ସ୍ୱାତୀ ପକ୍ଷରୁ ସାମୁହିକ ସ୍ୱାସ୍ଥ୍ୟ ଓ ରକ୍ତ ପରୀକ୍ଷା ଶିବିର

କନ୍ଧମାଳ, ୨୮/୬ (ନି.ପ୍ର): କନ୍ଧମାଳ ଜିଲ୍ଲାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ, ଜିଲ୍ଲା ସ୍ୱାସ୍ଥ୍ୟସମିତି, କନ୍ଧମାଳ ଓ ରାଜ୍ୟ ଏଡସ୍ ନିୟନ୍ତ୍ରଣ ସମିତ ର ମିଳିତ ସହଯୋଗରେ ଏକ ସାମୁହିକ ସ୍ୱାସ୍ଥ୍ୟ ଓ ରକ୍ତ ପରୀକ୍ଷା ଶିବିର ସ୍ଥାନୀୟ ବିଶିପଡା ସଦର ଥାନା କାର୍ଯ୍ୟାଳୟ ଠାରେ ଆୟୋଜିତ ହୋଇଯାଇଛି। ଅନୁଷ୍ଠାନ ମାଧ୍ୟମରେ ଜିଲ୍ଲା ରେ ଚାଲି ଥିବା ଲକ୍ଷ୍ୟଭେଦି ପ୍ରକଳ୍ପ ଦ୍ୱାରା କନ୍ଧମାଳ ଜିଲ୍ଲା ର କୋଣ ଅନୁକୋଣ ରେ ଥିବା ଏଚ୍.ଆ.ଇ.ଭି. ସଂକ୍ରମିତମାନଙ୍କୁ ଚିହ୍ନଟ କରିବା ପାଇଁ ଗୋଷ୍ଠି ସ୍ତରରେ ସାମୁହିକ ରକ୍ତ ପରିକ୍ଷା କରାଯାଉଛି। ବିସିପଡା ସଦର ଥାନା ର ଆରକ୍ଷି ନିରିକ୍ଷକ ଶିତାଂଶୁ ଶେଖର ମାନ୍ଧାତା ଓ ସହକାରି ପୋଲିସ୍ ଅଧିକାରୀ ନମ୍ରା କୁମାର ଶ୍ରେଷ୍ଠ ଏବଂ ମନୋଜ କୁମାର ସାହୁଙ୍କ ସହଯୋଗରେ ଅନୁଷ୍ଠିତ ଏହି ଶିବିର ରେ ତିନି ପ୍ରକାର ଯଥା- ହେପାଟାଇଟିସ୍-ବି, ହେପାଟାଇଟିସ୍-ସି ଓ ଏଚ୍.ଆ.ଇ.ଭି. ପାଇଁ ନମୁନା ସଂଗ୍ରହ କରି ପରିକ୍ଷା କରାଯାଇଥିବା ବେଳେ ଯକ୍ଷ୍ମା ରୋଗ ଚିହ୍ନଟିକରଣ କରିବା ପାଇଁ ମଧ୍ୟ ଜିଲ୍ଲା ଏନ୍.ଟି.ଇ.ପି. କାର୍ଯ୍ୟକ୍ରମ ଦ୍ୱାରା ଚେଷ୍ଟା କରାଯାଇଥିଲା। ମୋଟ ଭାବରେ ୪୦ ଜଣଙ୍କ ରକ୍ତ ନାମୁନା ସଂଗ୍ରହ ହୋଇଥିବା ବେଳେ ଜିଲ୍ଲା ଏଚ୍.ଆଇ,ଭି/ଏ.ଡ୍.ସ୍. ସୁପରଭାଇଜର୍ ଦେବାଶିଶ ମିଶ୍ର ଯୋଗଦେଇ ରକ୍ତ ନମୁନା ସଂଗୃହିତ ହେଉଥିବା ବ୍ୟକ୍ତିମାନଙ୍କୁ ପରାମର୍ଶ ଦେବା ସହ ଚିହ୍ନିତ ହେଉଥିବା ସଂକ୍ରମିତ ବ୍ୟକ୍ତିଙ୍କୁ ବୁଝାଇଥିଲେ। ଲକ୍ଷ୍ୟଭେଦୀ ପ୍ରକଳ୍ପ ପରିଚାଳକ ବିଶ୍ୱରଞ୍ଜନ କର ଏହି ଶିବିରରେ ରେ ଉପସ୍ଥିତ ରହି ଜାତୀୟ ଏ.ଡ୍.ସ୍. ନିୟନ୍ତ୍ରଣ ସଂସ୍ଥାଙ୍କ ଦ୍ୱାରା ଜାରି କରାଯାଇଥିବା ଟୋଲ୍ ଫ୍ରି ନଂ-୧୦୯୭ ର ଗୁରୁତ୍ୱ ଓ ସାମାଜିକ ଗଣମାଧ୍ୟମ ମାଧ୍ୟମରେ ଅଧିକରୁ ଅଧିକ ଉପଭୋକ୍ତାମାନଙ୍କୁ ଯୋଡି ବିଭିନ୍ନ ସ୍ୱାସ୍ଥ୍ୟ ସଚେତନତାକୁ ଅଧିକରୁ ଅଧିକ ଲୋକଙ୍କ ନିକଟରେ ପହଁଚାଇବା ପାଇଁ ଚେଷ୍ଟା କରିଥିଲେ। ଶିବିର ଟିକୁ ଲେବ୍ରୋଟୋରି ଟେକ୍ନିସିଆନ୍ ଚନ୍ଦନ ଚର୍ଚିତ ମିଶ୍ର ପରିଚାଳନା କରିଥିବା ବେଳେ ଅନୁଷ୍ଠାନ ତରଫରୁ ପରାମର୍ଶ ଦାତ୍ରୀ ସ୍ନେହଲତା ନାୟକ ଏହିସବୁ ପରୀକ୍ଷାକରାଇବାରେ ସହଯୋଗ କରିଥିଲେ। ସୀତା ରଣା ଓ କିନ୍ନର ବିଷ୍ଣୁପ୍ରିୟା କହଁର ଶିବିର ଆୟୋଜନରେ ସହଯୋଗ କରିଥିଲେ। ଯଦି ସରାକାରଙ୍କ ଦ୍ୱାରା ଆୟୋଜିତ ଏହି ଚିହ୍ନଟିକରଣ ପ୍ରକ୍ରିୟାରେ ଅଧିକରୁ ଅଧିକ ବ୍ୟକ୍ତି ବିଶେଷ ଯୋଡି ନହେବେ ତେବେ ଦିର୍ଘସ୍ଥାୟି ବିକାଶ ଲକ୍ଷ ହାସଲରେ ୦୪ ନମ୍ବର ରେ ଥିବା ପ୍ରତ୍ୟେକ ବୟସର ବ୍ୟକ୍ତି ମାନଙ୍କ ପାଇଁ ସୁସ୍ଥ ଓ ନିରାମୟ ଜୀବନ ସୁନିଶ୍ଚିତ କରିବା ସମ୍ଭବ ହେବନାହିଁ ବୋଲି ଅନୁଷ୍ଠାନର ସମ୍ପାଦକ ହରି ଶଙ୍କର ରାଉତ ମତ ଦେଇଥିଲେ ।

# ହଜିବାକୁ ବସିଲାଣି ଅଂଶୁପା ହ୍ରଦ

କଟକ, ୨୮/୬ (ନି.ପ୍ର): ଓଡ଼ିଶାର ପ୍ରସିଦ୍ଧ ମଧୁରଜଳ ହ୍ରଦ ଅଂଶୁପା। ସରଣ୍ଡା ପାହାଡ଼ ଉପରୁ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ସମୟରେ ଏହି ହ୍ରଦର ନୈସର୍ଗିକ ଶୋଭା ପର୍ଯ୍ୟଟକଙ୍କ ମନରେ ଶିହରଣ ସୃଷ୍ଟି କରିଥାଏ। ହେଲେ, ପ୍ରତିବର୍ଷ ଏହି ଅଶ୍ୱଖୁରାକୃତି ହ୍ରଦର ଜଳରାଶି ଶୁଖି ଚାଲିଛି। କଟକ ଜିଲ୍ଲାର ବାଙ୍କୀରେ ଥିବା ଏହି ହ୍ରଦ ଏବେ ହଜିବାକୁ ବସିଥିଲା ବେଳେ ଅଂଶୁପାର ପର୍ଯ୍ୟଟନ କେବଳ ବଣଭୋଜିରେ ସୀମିତ ରହିଛି। ଫଳରେ ଅଂଶୁପା ବୁଲି ଆସୁଥିବା ପର୍ଯ୍ୟଟକ ନିରାଶ ହେଉଛନ୍ତି। ଏହାକୁ ନେଇ ପରିବେଶବିତ୍ ବି' ଉଦ୍‌ବେଗ ପ୍ରକାଶ କରିଛନ୍ତି। କଶ୍ମୀରର ମଧୁରଜଳ ଡାଲ୍? ହ୍ରଦ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସହ ରୋଜଗାର ଦେଉଛି। ମାତ୍ର ଅଂଶୁପା ତା'ର ଚମକ ହରାଇ ଚାଲିଛି। ଅଶ୍ୱଖୁରାକୃତି ଆକୃତିର ଅଂଶୁପା ହ୍ରଦର ବିକାଶ ପାଇଁ ବିଭିନ୍ନ ସମୟରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଛି। ମାତ୍ର ଜଳଧାରଣ କ୍ଷମତା ବୃଦ୍ଧି ଦିଗରେ ଠୋସ୍ ପଦକ୍ଷେପ ନିଆଯାଉ ନାହିଁ। କେନ୍ଦ୍ର ସରକାର ଅଂଶୁପା ହ୍ରଦକୁ ରାମ୍‌ସା ପ୍ରକଳ୍ପରେ ସାମିଲ କରିଛନ୍ତି। ଏହାର ପରିଚାଳନା ଦାୟିତ୍ୱ ଚିଲିକା ଉନ୍ନୟନ ସଂସ୍ଥା(ସିଡିଏ) ହାତକୁ ନେଇଛି। ହେଲେ ପାର୍କ, ଦଳ ସଫେଇ, ୱାଚ୍ ଟାୱାର, କୋଠାବାଡ଼ିରେ ଅଂଶୁପାର ବିକାଶ ସୀମିତ ରହିଛି। ଜଳଧାରା କିପରି ବୃଦ୍ଧି କରାଯିବ ଏବଂ ଶୁଷ୍କ ଅଂଶୁପା କିଭଳି ସବୁବେଳେ ଜଳପୂର୍ଣ୍ଣ ରହିବ ତା'ର ଯୋଜନା କରାଯାଉନାହିଁ। ମହାନଦୀ ଶୁଖି ଯାଇଥିବାରୁ ଅଂଶୁପାକୁ ପାଣି ପଶିପାରୁନି ବୋଲି କୁହାଯାଇ ଏହି ସମସ୍ୟାକୁ ଏକପ୍ରକାର ଅଣଦେଖା କରାଯାଉଛି। ପାଣି ନ ଥିବାରୁ ଦୁଇମାସରୁ ଅଧିକ ସମୟ ହେଲା ଏଠାରେ ବୋଟିଂ ବି ବନ୍ଦ ରହିଛି। ଫଳରେ ଏକ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଦିନକୁ ଦିନ ଅସ୍ତିତ୍ୱକୁ ନେଇ ସଂଗ୍ରାମ କରୁଛି। ବାଙ୍କୀ ବ୍ଲକ୍ ଅନ୍ତର୍ଗତ ସରଣ୍ଡା ପାହାଡ଼ ପାଦଦେଶରେ ରହିଥିବା ଅଂଶୁପା ହ୍ରଦର ଅବବାହିକା ପରିଧି ପ୍ରାୟ ୫ ହଜାର ୨୩୧ହେକ୍ଟର ଥିଲା ବେଳେ ଜଳଧାରଣ କ୍ଷମତା ପାଖାପାଖି ୧୫୦ ହେକ୍ଟର। ବର୍ତ୍ତମାନ ଅବବାହିକା ଏରିଆ ମଧ୍ୟରେ ୨୮ଟି ଗ୍ରାମ ଅନ୍ତର୍ଭୁକ୍ତ। ରାଜ୍ୟର ବୃହତ୍ତମ ପ୍ରାକୃତିକ ମଧୁରଜଳ ହ୍ରଦ ଅଂଶୁପାର ପଶ୍ଚିମ ଦିଗରେ ସରଣ୍ଡା ପାହାଡ଼ ଓ ଉତ୍ତରପୂର୍ବ ଦିଗରେ ବିଷ୍ଣୁପୁର ପାହାଡ଼ ରହିଛି। ଏହି ହ୍ରଦ ସହ ମହାନଦୀକୁ ଦୁଇଟି ନାଳ ଯଥା ଦକ୍ଷିଣ ଦିଗରେ କାବୁଲା ନାଳ ଓ ଦକ୍ଷିଣପଶ୍ଚିମରେ ହୁଲୁହୁଲା ନାଳ ସଂଯୁକ୍ତ ଥିଲା। ଧୀରେ ଧୀରେ ତାହା ଅବକ୍ଷୟମୁଖୀ ହେବା ସହ ମହାନଦୀରୁ ବିଚ୍ଛିନ୍ନ ହୋଇଯାଇଛି। କେବଳ ମହନଦୀର ବନ୍ୟା ସମୟରେ ଏହି ନାଳ ଦ୍ୱାରା ଅଂଶୁପାକୁ ଜଳ ଆସୁଛି। ଜଳଧାରଣ କ୍ଷମତା ମଧ୍ୟ ପ୍ରତିବର୍ଷ ଆଶାତୀତ ଭାବେ ହ୍ରାସ ପାଉଛି। ଫଳରେ ଏହା ଉପରେ ନିର୍ଭରଶୀଳ ସୁବର୍ଣ୍ଣପୁର, କଦଳୀବାଡ଼ି, ଓସ୍ତିଆ, କନ୍ତପହଁରା ଆଦି ପଞ୍ଚାୟତର ମତ୍ସ୍ୟଜୀବୀ ମାନଙ୍କର ଜୀବନଜୀବିକା ଏବଂ ଅଂଶୁପା ହ୍ରଦର ପ୍ରାକୃତିକ ସୌନ୍ଦର୍ଯ୍ୟ ପ୍ରଭାବିତ ହେଉଛି। ୨୦୨୧-୨୨ ମସିହାରେ ଏହି ହ୍ରଦକୁ ରାମ୍‌ସା ଅନ୍ତର୍ଭୁକ୍ତ କରାଯାଇଥିଲା। କିନ୍ତୁ ଅନୁଦାନ ଆସି ନ ଥିବାରୁ ଏହାର ସଫେଇ ଓ ଉନ୍ନୟନ କାର୍ଯ୍ୟ ହୋଇପାରିନି। ଆଗକୁ ଏ ନେଇ ଯୋଜନା କରାଯାଇଛି। ଅନୁଦାନ ଆସିଲେ ଏହାର ବିକାଶ କରାଯିବ ବୋଲି ସିଡିଏର ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। କିମ୍ବଦନ୍ତୀ ଅନୁସାରେ, ଗଙ୍ଗବଂଶର ରାଜୁତି ସମୟରେ ରାଜା ସୁବର୍ଣ୍ଣକେଶରୀ ଅଂଶୁପାର ଶୋଭାରେ ବିମୋହିତ ହୋଇ ସରଣ୍ଡା ପାହାଡ଼ ଓ ଅଂଶୁପା କୂଳରେ ସୁବର୍ଣ୍ଣପୁର ଗ୍ରାମ ପ୍ରତିଷ୍ଠା କରିଥିଲେ। ତେବେ ବାଙ୍କୀରେ ଧଳବଂଶ ରାଜୁତି ସମୟରେ ଅଂଶୁପାକୁ ଲାଗିଥିବା ସରଣ୍ଡା ପାହାଡ଼ ଉପରେ ସରଣ୍ଡାଗଡ଼ ପ୍ରତିଷ୍ଠା କରାଯାଇଥିବା କିଛି ଲୋକକଥା ଓ ଐତିହାସିକ ମତ ଦେଇଛନ୍ତି। ଏହି ଗଡ଼ ପ୍ରତିଷ୍ଠା ପଛରେ ଶତ୍ରୁପକ୍ଷରୁ ନିଜକୁ ସୁରକ୍ଷିତ ରଖିବା ଉଦ୍ଦେଶ୍ୟ ରହିଥିଲା। ଏବେ ମଧ୍ୟ ଉକ୍ତ ଗଡ଼ର ଧ୍ୱଂସାବଶେଷରେ ଅସ୍ତ୍ରଶସ୍ତ୍ର ରଖିବା ପାଇଁ ବାରୁଦ ଗୃହ, ଭାଇ-ବୋହୂ କୂପ, ପ୍ରସ୍ତର ନିର୍ମିତ ପ୍ରବେଶଦ୍ୱାର ରହିଛି। ଏହି ପ୍ରବେଶ ଦ୍ୱାରରେ ଏକ ବିଶାଳ ବ୍ରୋଞ୍ଜ ନିର୍ମିତ କବାଟ ଲଗାଯାଇଥିବା ଜଣାଯାଏ। ଯାହାର ଖୋଲିବା ଓ ବନ୍ଦ ହେବା ଶବ୍ଦରୁ ଅଞ୍ଚଳବାସୀ ରାଜାଙ୍କର ପ୍ରବେଶ ଓ ପ୍ରସ୍ଥାନ ସମ୍ପର୍କରେ ଜାଣିପାରୁଥିଲେ। ଅଂଶୁପା ହ୍ରଦ ସହ ଏହାର ଐତିହ୍ୟର ସୁରକ୍ଷା ପାଇଁ ଐତିହାସିକ ଓ ଗବେଷକଙ୍କୁ ନେଇ ସ୍ୱତନ୍ତ୍ର ଯୋଜନା କରାଯିବାକୁ ପରିବେଶବିଦ୍, ଗବେଷକ ଓ ପ୍ରକୃତିପ୍ରେମୀ ଦାବି କରିଛନ୍ତି।

# ବିଧବାଙ୍କୁ ଆଡ଼ ଆଖି: ସାମାଜିକ ସୁରକ୍ଷାରୁ ବଂଚିତ ନୂଆଗାଁର ୩ଜଣ ମହିଳା



ଉଦଳା , ୨୮/୬ (ନି.ପ୍ର): ଉଦଳା ବ୍ଲକର ନୂଆଗାଁ ପଂଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ବାସିନ୍ଦା ମହେଶ୍ୱର ସିଂ ଓ କ୍ଷେତ୍ରମୋହନ ବେହେରାଙ୍କର ଦେହାନ୍ତ ହୋଇ ଯାଇଛି । ମହେଶ୍ୱରଙ୍କର ଆଜକୁ ୧୦ ବର୍ଷ ପୁର୍ବେ ଦେହାନ୍ତ ହୋଇଥିବା ବେଳେ କ୍ଷେତ୍ରମୋହନଙ୍କର ଆଜକୁ ୫ ବର୍ଷ ପୁର୍ବେ ଦେହାନ୍ତ ହୋଇଥିବାର ଖବର ମିଳିଛି । ଫଳରେ ମହେଶ୍ୱରଙ୍କର ସହଧର୍ମିଣୀ ସୁମିତ୍ରା ସିଂ ଓ କ୍ଷେତ୍ରମୋହନଙ୍କର ସହଧର୍ମିଣୀ ଶାନ୍ତି ବେହେରା ଦିର୍ଘ ବର୍ଷ ଧରି ବିଧବା ଜୀବନ ବିତାଉଛନ୍ତି । ସାମାଜିକ ସୁରକ୍ଷା ଯୋଜନାରେ ସରକାର ବିଧବା ମାନଙ୍କୁ ଯୋଗାଇ ଦେଉଥିବା ଟଙ୍କା ଏ ପର୍ଯ୍ୟନ୍ତ ସୁମିତ୍ରା ଓ ଶାନ୍ତି ପାଇପାରି ନଥିବାର ଜଣାଇଛନ୍ତି । ସେହିପରି ସାରବସା ଗ୍ରାମର ବାସିନ୍ଦା ଗୋପବନ୍ଧୁ ମୁର୍ମୁଙ୍କର ଆଜକୁ ୮ ବର୍ଷ ପୁର୍ବେ ଦେହାନ୍ତ ହୋଇ ଯାଇଛି । ଫଳରେ ତାଙ୍କର ସହଧର୍ମିଣୀ ସଲମା ମଧ ସାମାଜିକ ସୁରକ୍ଷା ଯୋଜନାରେ ମିଳୁଥିବା ଟଙ୍କା ପାଇବାରୁ ବଂଚିତ ଅଛନ୍ତି । ଉକ୍ତ ୩ ଜଣ ଯାକ ମହିଳା ବର୍ତମାନ ଦିନମଜୁରିଆ ଭାବରେ କାମ କରି ନିଜର ଗୁଜୁରାଣ ମେଂଟାଉଥିବାର ଜଣାଯାଇଛି । ଚଳିତ ଜୁନ ୨୬ ତାରିଖ ବୁଧବାର ଦିନ ସ୍ୱେଚ୍ଛାସେବି ସଂଗଠନ 'ଜନଜାଗୃତି ମଂଚ' ତରଫରୁ ଗୋବିନ୍ଦପୁର ଠାରେ ହୋଇଥିବା ସ୍ୱତନ୍ତ୍ର ମହିଳା ଗ୍ରାମସଭାରେ ଉକ୍ତ ମହିଳା ମାନେ ତାଙ୍କର ଗୁହାରି ଜଣାଇଥିଲେ । ଏହି ସଭାରେ ସ୍ଥାନୀୟ ଓ୍ୱାର୍ଡ଼ମେମ୍ବର ଲମ୍ବୋଦର ନାୟକ, ପୁର୍ବତନ ସରପଂଚ ଶକୁନ୍ତଳା ପରିଆଳ, ଜନଜାଗୃତି ମଂଚର ଉଦଳା ବ୍ଲକ ସଭାପତି ରାଇମଣି ବାସ୍କେ ପ୍ରମୁଖ ଉପସ୍ଥିତ ଥିଲେ । ଏହି ମହିଳା ମାନେ ଭତା ପାଇବା ପାଇଁ ବାରମ୍ବାର ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ମଧ କୌଣସି ସୁଫଳ ପାଇପାରିନଥିବାର କଥା ଜଣାଇଛନ୍ତି ।

## ଗଛ ଡାଳପଡି ୨ଛାତ୍ରୀ ଆହତ

ଖଇରା, ୨୮/୬ (ନି.ପ୍ର): ଖଇରା ପଞ୍ଚାୟତ ଅଧୀନ ଆଳଦା ବାଲିସାହି ଗ୍ରାମରେ ଗଛଡାଳ ପଡି ୨ଜଣ ଛାତ୍ରୀ ଆହତ ହୋଇଛନ୍ତି । ଆହତ ମାନେ ହେଲେ ସେହି ବାଲିସାହି ଗ୍ରାମର ଶାସ୍ୱତୀ ପରିଡା(୧୨) ଓ ପ୍ରଜ୍ଞାପ୍ରିୟଦର୍ଶିନୀ ପରିଡା । ଚିକିତ୍ସାପାଇଁ ପ୍ରଥମେ ଖଇରା ଓ ପରେ ଭଦ୍ରକ ସ୍ଥାନାନ୍ତର କରାଯାଇଛି । ଶୁକ୍ରବାର ଉପରୋକ୍ତ ଛାତ୍ରୀଦ୍ୱୟ ପୁର୍ବାହ୍ନ ୧୦ଟାରେ ଖଇରା ସରକାରୀ ହାଇସ୍କୁଲକୁ ଯାଉଥିବା ବେଳେ ଠିକ ସେହି ସମୟରେ ଜନୈକ ବ୍ୟକ୍ତି ବାଡିରେ କଟାଯାଉଥିବା ଗଛର ଡାଳଆସି ଏହି ଛାତ୍ରୀଙ୍କ ଉପରେ ପଡିଥିଲା । ଗଛା ପଡି ଏକ ଲୌହ ବିଦ୍ୟୁତ ଖୁଣ୍ଟ ନଷ୍ଟ ହୋଇଥିବା ଜଣାଯାଇଛି ।

## ଜୁଲାଇ ୧ ରୁ ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଜନ ଶୁଣାଣି ଶିବିର ପୁନଃ ଆରମ୍ଭ

ଭଦ୍ରକ, ୨୮/୬ (ନି.ପ୍ର): ମାସର ପ୍ରତି ସୋମବାରରେ ଆୟୋଜିତ ହୋଇ ଆସୁଥିବା ଜିଲ୍ଲାପାଳ ଓ ଏସ୍.ପି.ଙ୍କ ଯୁଗ୍ମ ଜନ ଶୁଣାଣି କାର୍ଯ୍ୟକ୍ରମ ଗତ ସାଧାରଣ ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଜାରି ଯୋଗୁଁ ବନ୍ଦ ଥିଲା । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମତେ ଆସନ୍ତା ଜୁଲାଇ ମାସ ୧ ତାରିଖ ସୋମବାର ଠାରୁ ଏହି ଶିବିର ଅନୁଷ୍ଠିତ ହେବ । ଭଦ୍ରକ ଜିଲ୍ଲା କାର୍ଯ୍ୟାଳୟ ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଭଦ୍ରକ ଜିଲ୍ଲାପାଳ ଓ ଭଦ୍ରକ ଏସ୍.ପି.ଙ୍କ ମିଳିତ ଜନ ଶୁଣାଣି ଶିବିର ଜୁଲାଇ ୧ରେ ଜିଲ୍ଲା କାର୍ଯ୍ୟାଳୟରେ, ଜୁଲାଇ ୮ରେ ବାସୁଦେବପୁର ବ୍ଲକ୍‌ରେ, ଜୁଲାଇ ୧୫ରେ ବନ୍ତ ବ୍ଲକରେ, ଜୁଲାଇ ୨୨ରେ ଭଦ୍ରକ ବ୍ଲକ୍‌ରେ ଜୁଲାଇ ୨୯ରେ, ଚାନ୍ଦବାଲି ବ୍ଲକ୍‌ରେ ଅନୁଷ୍ଠିତ ହେବ । ସୂଚନାଯୋଗ୍ୟକି ପ୍ରତି ମାସର ପ୍ରଥମ ସୋମବାର ଦିନ ଜିଲ୍ଲା କାର୍ଯ୍ୟାଳୟରେ ଓ ଅନ୍ୟ ସୋମବାର ଗୁଡ଼ିକରେ ଜିଲ୍ଲା କାର୍ଯ୍ୟାଳୟ ଦ୍ୱାରା ନିର୍ଦ୍ଧାରିତ ଜିଲ୍ଲାର ଅନ୍ୟ ବ୍ଲକ୍‌ମାନଙ୍କରେ ଏହି ମିଳିତ ଜନାଭିଯୋଗ ଶୁଣାଣି ଶିବିର ଆୟୋଜିତ ହୋଇଥାଏ । ସୋମବାର ସରକାରୀ ଛୁଟି ଦିବସ ଥିଲେ ପରବର୍ତ୍ତୀ ଦିନ ମଙ୍ଗଳବାରରେ ଏହି ଶିବିର ଆୟୋଜିତ ହୋଇଥାଏ । ମିଳିତ ଜନଶୁଣାଣି ଶିବିରରେ ଆପତ୍ତି ଅଭିଯୋଗ ନେଇ ଜିଲ୍ଲାପାଳ ଓ ଏସ୍.ପିଙ୍କୁ ଜଣାଇବାକୁ ଚାହୁଁଥିବା ଜିଲ୍ଲାର ସର୍ବସାଧାରଣ ଏହି କାର୍ଯ୍ୟସୂଚୀ ଅନୁଯାୟୀ ସୁଯୋଗ ନେଇ ପାରିବେ ।

## ଲୋକସେବା ଭବନରୁ କାର୍ଯ୍ୟାରମ୍ଭ କଲେ ଶିକ୍ଷମନ୍ତ୍ରୀ

ଭୁବନେଶ୍ୱର, ୨୮/୬ (ନି.ପ୍ର): ଲୋକସେବା ଭବନର ପ୍ରଥମ ମହଲାର ୪ ଓ ୫ ନମ୍ବର ରୁମ୍ ରେ ଆନୁଷ୍ଠାନିକ ଭାବେ ଆସୀନ ହୋଇ ଶିକ୍ଷ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ତାଙ୍କର କାର୍ଯ୍ୟାରମ୍ଭ କରିଛନ୍ତି । ଶୁକ୍ରବାର ପୂର୍ବାହ୍ନରେ ମା'ଶାରଳାଙ୍କ ପୀଠରୁ ଆସିଥିବା ବ୍ରାହ୍ମଣମାନଙ୍କ ଦ୍ୱାରା ମନ୍ତ୍ର, ପୂଜାପାଠ ଓ ହୋମଯଜ୍ଞ କରାଯାଇଥିଲା । ମା'ଲକ୍ଷ୍ମୀ ଓ ପ୍ରଭୁ ବିଶ୍ୱକର୍ମାଙ୍କ ଆଶୀର୍ବାଦ ତଥା ବ୍ରାହ୍ମଣମାନଙ୍କ ଠାରୁ ଆଶିଷ ନେଇ ମନ୍ତ୍ରୀ ତାଙ୍କ କାର୍ଯ୍ୟାରମ୍ଭ କରିବା ସହ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

# ଗେଟଆଲାଇଭ ହେଲଥ କେୟାର- ଟାଇମ୍ସ ଅଫ ଇଣ୍ଡିଆର ହେଲଥ ଆଇକନ ସମ୍ମାନରେ ସମ୍ମାନିତ

ଭୁବନେଶ୍ୱର , ୨୮/୬ (ନି.ପ୍ର): ଗତ ବୁଧବାର ଦିନ ଭୁବନେଶ୍ୱରର ଏକ ତାରକା ହୋଟେଲରେ ଟାଇମ୍ସ ଅଫ ଇଣ୍ଡିଆ ପକ୍ଷରୁ ଗେଟଆଲାଇଭ ହେଲଥ କେୟାର, ଭୁବନେଶ୍ୱରକୁ ସମ୍ମାନ ଜନକ ପୁରସ୍କାର 'ହେଲଥ ଆଇକନ' ସମ୍ମାନରେ ସମ୍ମାନିତ କରାଯାଇଛି । ନିଉରୋ, ଟ୍ରୋମା ଓ ଫିଜିଓ କ୍ଷେତ୍ରରେ କ୍ଷ୍ୟତି ଅର୍ଜନ କରିଥିବାରୁ ଓଡିଶା ସରକାରଙ୍କ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା, ଓଡ଼ିଶାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ବଲିଉଡ ଷ୍ଟାର ଅନିଲ କପୁରଙ୍କ ଠାରୁ 'ବେଷ୍ଟ ଫିଜିଓ ଥୋରାପି ରିହାବିଲିଷ୍ଟେସନ ଏକ୍ସିଲେନ୍ସ ' ପୁରସ୍କାର ଗେଟ ଆଲାଇଭ ହେଲଥ କେୟାର ଡ଼ଃ ଦେବାଶିଷ ମିଶ୍ର, ଡ଼ଃ ପ୍ରଭରଞ୍ଜନ ରାୟ ସାମନ୍ତ ଓ ମିହିର ଗୋସ୍ୱାମି ପ୍ରମୁଖ ଗ୍ରହଣ କରିଥିଲେ । ସହ-ପ୍ରତିଷ୍ଠାତା ଡକ୍ଟର ଦେବଶିଷ ମିଶ୍ର କହିଥିଲେ ଯେ 'ଦୁଇ ବର୍ଷ ମଧ୍ୟରେ ଆମର ସଫଳତା ଏକ ଉଲ୍ଲେଖନୀୟ ଅଟେ । ଏହି ପୁରସ୍କାର କେବଳ ଆମର ଅଭିନବ ଆଭିମୁଖ୍ୟର ପ୍ରତିଫଳନ ନୁହେଁ ବରଂ ଆମର କର୍ମଚାରୀଙ୍କ ସାମଥ୍ୟ ଏବଂ ବୃତ୍ତିଗତ କାର୍ଯ୍ୟକୁ ଦିଗ ଦର୍ଶନ କରୁଛି । ଏହି ନୂତନ ମାନଦଣ୍ଡ ସ୍ଥିର କରେ ଯେ ସଠିକ୍ ଯତ୍ନ ଏବଂ ସମର୍ଥନ ସହିତ ରୋଗୀମାନେ ଉଲ୍ଲେଖନୀୟ ପୁନରୁଦ୍ଧାର ହାସଲ କରିପାରିବେ । ବିଗତ ଦୁଇ ବର୍ଷ ମଧ୍ୟରେ ୫୦୦ ରୁ ଅଧିକ ଡିସଚାର୍ଜ ଏବଂ ୬୦୦୦ ଓପିଡି ମାମଲାକୁ ଆମେ ୮୫% ରେସିଓରେ ସଫଳତା ସହିତ ହାସଲ କରିଛୁ । ସହ-ପ୍ରତିଷ୍ଠାତା ଶ୍ରୀ ମିହିର କୁମାର ନନ୍ଦା ଗୋସ୍ୱାମୀ ସେମାନଙ୍କ କାର୍ଯ୍ୟର ବ୍ୟାପକ ପ୍ରଭାବ ଉପରେ ଆଲୋକପାତ କରି କହିଛନ୍ତି ଏହି ପୁରସ୍କାର ସହିତ ସ୍ୱାସ୍ଥ୍ୟସେବାରେ ଫିଜିଓଥେରାପିର ଗୁରୁତ୍ୱକୁ ଗୁରୁତ୍ୱ ଦେବା ପାଇଁ ଆମର ଏକ ପ୍ଲାଟଫର୍ମ ଅଛି । ଆମର ବିଶେଷ ଯତ୍ନ କିପରି ଗଭୀର ପରିବର୍ତ୍ତନ ଆଣିପାରେ ତାହା ପ୍ରତିଫଳନ କରୁଛି । ରୋଗୀମାନଙ୍କ ଜୀବନରେ ଆମେ ଉନ୍ନତି ଏବଂ ଉଚ୍ଚ ମାନଦଣ୍ଡ ପାଇଁ ଆମର ପ୍ରତିବଦ୍ଧତା ଦ୍ୱାରା ମାର୍ଗଦର୍ଶନ, ଅଭିନବ ଉପାୟ ଏବଂ ଉତ୍କର୍ଷ ପ୍ରତି ପ୍ରତିବଦ୍ଧତା । ସ୍ୱାସ୍ଥ୍ୟସେବାରେ ଫିଜିଓଥେରାପିର ମହତ୍ତ୍ୱକୁ ଅଧିକ ଆଲୋକିତ କରିବା ଏବଂ ଏହାର ଗଭୀର ପାର୍ଥକ୍ୟକୁ ପ୍ରଦର୍ଶିତ ହେଉଛି । ପ୍ରତିଷ୍ଠାତା ନିର୍ଦ୍ଦେଶକ ଡ଼ଃ ପ୍ରଭଜନ ରାୟସାମନ୍ତ କହିଥିଲେ ଆମର ଯାତ୍ରା ଆରମ୍ଭରେ ଏହି ମାନ୍ୟତା ପାଇବା ଈଶ୍ୱରଙ୍କ ବରଦାନ , ଆମେ ଆମ ଦଳର ଦକ୍ଷତା ଉପରେ ଆତ୍ମବିଶ୍ୱାସ ସହିତ ନୂତନ ଆହ୍ୱାନର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ଅଛୁ । ରୋଗୀମାନଙ୍କୁ ସର୍ବୋତ୍ତମ ସମ୍ଭାବ୍ୟ ଚିକିତ୍ସା ଯୋଗାଇଦେବା ଓଡିଶାରେ ସ୍ୱାସ୍ଥ୍ୟସେବା ମାନର ଅଗ୍ରଗତି ପାଇଁ ଗେଟଆଲାଇଭ ଉତ୍ସର୍ଗୀକୃତ ସେବା ଯୋଗଇ ଦେବା ପାଇଁ ସଦା ପ୍ରସ୍ତୁତ ରହିବ ।



# ଆସନ୍ତା ମାସ ପହିଲାରୁ ଆରମ୍ଭ ହେବ ଜନ ଶୁଣାଣି ଶିବିର

ବାରିପଦା, ୨୮/୬ (ନି.ପ୍ର): ଚଳିତ ବର୍ଷ ସମାପ୍ତ ହୋଇଥିବା ସାଧାରଣ ନିର୍ବାଚନ ପରେ ସମସ୍ତ ଜିଲ୍ଲାରେ ପୁଣିଥରେ ଆରମ୍ଭ ହେବାକୁ ଯାଉଛି ଜନ ଶୁଣାଣି ଶିବିର । ସାଧାରଣ ପ୍ରଶାସନ ଏବଂ ଜନସାଧାରଣ ଅଭିଯୋଗ ବିଭାଗ ଦ୍ୱାରା ପତ୍ର ମାଧମରେ ସମସ୍ତ ଜିଲ୍ଲାପାଳଙ୍କୁ ସୂଚନା ଦିଆଯାଇଛି ଯେ ଆସନ୍ତା ଜୁଲାଇ ୧ ତାରିଖରୁ ସମସ୍ତ ଜିଲ୍ଲା ପ୍ରଶାସନିକ ସ୍ତରରେ ଜନ ଶୁଣାଣି ଶିବିର ଆୟୋଜନ କରାଯିବ । ଏହି ପରିପ୍ରେକ୍ଷୀରେ, ମୟୂରଭଞ୍ଜ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ତତ୍ତ୍ୱାବଧାନରେ ଜୁଲାଇ ମାସରେ ଅନୁଷ୍ଠିତ ହେବାକୁ ଥିବା ମିଳିତ ଜନ ଶୁଣାଣି ଶିବିର ପାଇଁ ଜିଲ୍ଲା ପ୍ରଶାସନ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା କାର୍ଯ୍ୟସୂଚୀ ପ୍ରକାଶ ପାଇଛି । ଜୁଲାଇ ମାସର ପ୍ରଥମ ସୋମବାର ୧ ତାରିଖ ସଦର ମହକୁମା ଉପଖଣ୍ଡ ବାରିପଦାର ୧୦ଟି ବ୍ଲକର ଜନସାଧାରଣଙ୍କ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଉପରୋକ୍ତ ଶିବିର ଅନୁଷ୍ଠିତ ହେବ । ସେହିପରି ଜୁଲାଇ ମାସ ଦ୍ୱିତୀୟ ସୋମବାର ୦୮ ତାରିଖ ବାମନଘାଟି ଉପଖଣ୍ଡର ୭ଟି ବ୍ଲକର ଜନସାଧାରଣଙ୍କ ପାଇଁ ବାମନଘାଟି ଉପଜିଲ୍ଲାପାଳଙ୍କ ରାଇରଙ୍ଗପୁର କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ତୃତୀୟ ସୋମବାର ୧୫ ତାରିଖ ପଞ୍ଚପିଢ଼ ଉପଖଣ୍ଡର ୫ଟି ବ୍ଲକର ଜନସାଧାରଣଙ୍କ ପାଇଁ କରଞ୍ଜିଆ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ମାସର ଚତୁର୍ଥ ସୋମବାର ୨୨ ତାରିଖ କପ୍ତିପଦା ଉପଖଣ୍ଡର ୪ଟି ବ୍ଲକର ଜନସାଧାରଣଙ୍କ ପାଇଁ ଉଦଳା ସ୍ଥିତ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏବଂ ପଞ୍ଚମ ତଥା ମାସର ଶେଷ ସୋମବାର ଅର୍ଥାତ ୨୯ ତାରିଖ ଦିନ ବାରିପଦାର ୧୦ଟି ବ୍ଲକର ଜନସାଧାରଣଙ୍କ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଜନ ଶୁଣାଣି ଶିବିର ଅନୁଷ୍ଠିତ ହେବ। ବାରିପଦା ଠାରେ ଅନୁଷ୍ଠିତ ହେବାକୁ ଥିବା ଜନ ଅଭିଯୋଗ ଶୁଣାଣି ଶିବିରରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଲାଇନ ବିଭାଗ ଅଧିକାରୀ ଏବଂ ବାରିପଦା ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାର ମାନଙ୍କ ଉପସ୍ଥିତିରେ ଏବଂ ଜିଲ୍ଲାର ଅନ୍ୟ ଉପଖଣ୍ଡ ମାନଙ୍କରେ ଅନୁଷ୍ଠିତ ହେବାକୁ ଥିବା ଉପଖଣ୍ଡ ସ୍ତରୀୟ ଜନ ଶୁଣାଣି ଶିବିର ରେ ସମ୍ପୃକ୍ତ ଉପଖଣ୍ଡର ଉପଖଣ୍ଡ ସ୍ତରୀୟ ଅଧିକାରୀଙ୍କ ସମେତ ସମ୍ପୃକ୍ତ ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଓ ଲାଇନ ବିଭାଗ ଅଧିକାରୀ ମାନଙ୍କ ଉପସ୍ଥିତିରେ ସାଧାରଣ ଜନତାଙ୍କ ଆପତ୍ତି ଅଭିଯୋଗ ପତ୍ର ଗୁଡିକର ଶୁଣାଣି କରି ସମାଧାନ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନିଆଯିବ । ଉକ୍ତ ଧାର୍ଯ୍ୟ ତାରିଖ ଓ ସ୍ଥାନରେ ଅନୁଷ୍ଠିତ ହେବାକୁ ଥିବା ଜନ ଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟକ୍ରମରେ ସମ୍ପୃକ୍ତ ଉପଖଣ୍ଡ ଅଂଚଳର ଜନସାଧାରଣ ନିଜର ବ୍ୟକ୍ତିଗତ ଓ ସାମୁହିକ ସମସ୍ୟା ସମ୍ପର୍କିତ ଅଭିଯୋଗ ଉପସ୍ଥିତ ରହି ଜଣାଇ ପାରିବେ ବୋଲି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଅବିନାଶ ପାଣି ଜଣାଇଛନ୍ତି।

# ରଥଯାତ୍ରା ପରିପ୍ରେକ୍ଷୀରେ ଆଇନମନ୍ତ୍ରୀଙ୍କ କ୍ଷେତ୍ର ପରିଦର୍ଶନ



ପୁରୀ, ୨୮/୬ (ନି.ପ୍ର): ଶ୍ରୀକ୍ଷେତ୍ରକୁ ଭାରତ ବର୍ଷର ସର୍ବଶ୍ରେଷ୍ଠ ତୀର୍ଥ କ୍ଷେତ୍ର ଭାବେ ପରିଗଣିତ କରାଯିବ ବୋଲି କହିଛନ୍ତି ଆଇନ,ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଆଜି ଅପରାହ୍ନରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପୁରୀ ଗସ୍ତରେ ଆସି ରଥଯାତ୍ରା ଆୟୋଜନ ସମ୍ପର୍କରେ କ୍ଷେତ୍ର ପରିଦର୍ଶନ ଓ ଅନୁଧ୍ୟାନ କରିଛନ୍ତି । ସର୍କିଟ ହାଉସ ଠାରେ ପହଞ୍ଚି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଜିଲ୍ଲାପାଳ ଓ ଏସପି ଙ୍କ ସହ ଆଲୋଚନା କରିବା ପରେ ସମଗ୍ର ପାର୍କିଂ ସ୍ଥାନ ପରିଦର୍ଶନ କରିଥିଲେ। ଶ୍ରଦ୍ଧାଳୁ ମାନଙ୍କ ଗାଡି ସେଠାରେ ପାର୍କିଂ ବ୍ୟବସ୍ଥା କରାଯାଇଥିବାରୁ ବିଭିନ୍ନ ଆବଶ୍ୟକୀୟ ସୁବିଧା ପ୍ରସ୍ତୁତ ପାଇଁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହା ପରେ ଗଦାଧର ହାଇସ୍କୁଲ ଓ ପରେ ଶ୍ରୀମନ୍ଦିର ନିକଟରେ ଅତିଥି ମାନଙ୍କ ପ୍ରସ୍ତାବିତ ବସିବା ସ୍ଥାନକୁ ଅନୁଧ୍ୟାନ କରିଥିଲେ। ସିଂହଦ୍ୱାର ଠାରୁ ବଡ଼ଦାଣ୍ଡରେ ଯେପରି ଶ୍ରଦ୍ଧାଳୁ ମାନେ ସୁବିଧାରେ ରହି ମହାପ୍ରଭୁ ଙ୍କୁ ଦର୍ଶନ କରିବେ ଓ ରଥ ଟାଣିବେ ତାହାର ଅନୁଧ୍ୟାନ ମଧ ମନ୍ତ୍ରୀ କରିଥିଲେ। ଗଣମାଧମ କୁ ପ୍ରତିକ୍ରିୟା ଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ 'ସରକାର ଓ ପ୍ରଶାସନର ଯୋଜନା ମୁତାବକ ସମସ୍ତ କାର୍ଯ୍ୟ ସୁରୁଖୁରୁରେ ଚାଲିଛି। ସେହିପରି ପୂର୍ବ ବର୍ଷ ତୁଳନାରେ ଚଳିତ ରଥଯାତ୍ରାରେ ଅଧିକ ଭକ୍ତଙ୍କ ସମାବେଶକୁ ଦୃଷ୍ଟିରେ ରଖି ସମସ୍ତ ବ୍ୟବସ୍ଥାକୁ ସୁନିୟନ୍ତିତ ଭାବେ କରାଯାଉଛି। ମହାପ୍ରଭୁଙ୍କ ଦର୍ଶନକୁ ଅଧିକ ଶୃଙ୍ଖଳିତ ଭାବେ କରିବା ପାଇଁ ରଥଯାତ୍ରା ପରେ ସମସ୍ତଙ୍କ ପରାମର୍ଶ ନିଆଯାଇ ଉପଯୁକ୍ତ ପଦକ୍ଷେପ ନିଆଯିବ' । ଏହି ପରିଦର୍ଶନରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସପି ପିନାକ ମିଶ୍ର, ପୂର୍ତ୍ତ ବିଭାଗ ଅତିରିକ୍ତ ସଚିବ ପ୍ରଦୀପ କୁମାର ସାହୁ, ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ବିନୟ କୁମାର ଦାଶ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌରନିର୍ବାହୀ ଅଧିକାରୀ ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦା, ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ରଶ୍ମି ରଞ୍ଜନ ସାହୁ ଓ ଅନ୍ୟାନ୍ୟ ଅଧିକାରୀ ମାନେ ଯୋଗ ଦେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ବୁଡ଼ାଇଲା, ଭସାଇଲା...

ଆହତ ହୋଇଛନ୍ତି। ଏଥିସହ ଛାତ ଭଗ୍ନାଂବଶେଷ ତଳେ କିଛି କାର୍ ଚାପି ହୋଇରହିଛି। ଆହତମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଆଜି ଭୋର ପ୍ରାୟ ସାଢ଼େ ୫ଟା ସମୟରେ ଦିଲ୍ଲୀ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରର ଟର୍ମିନାଲ-୧ର ଛାତଟି ଭୁଶୁଡ଼ି ପଡ଼ିଥିଲା। ଛାତ ଭଗ୍ନାଂବଶେଷ ଗୁଡ଼ିକ ଟର୍ମିନାଲ-୧ରେ ଥିବା କିଛି କାର ଉପରେ ପଡ଼ିଥିଲା। ଛାତ ଭଗ୍ନାଂବଶେଷ ତଳେ କିଛି କାର୍ ଭିତରେ ଚାପି ହୋଇଯାଇଥିଲା। ସେହି ସମୟରେ କାରରେ ଲୋକ ମଧ ଥିଲେ। ଅଗ୍ନିଶମ ବିହାନୀ ଓ ଉଦ୍ଧାରକାରୀ ଦଳ ପହଞ୍ଚି ଲୋକମାନଙ୍କୁ କାର ଭିତରୁ ଉଦ୍ଧାର କରିଥିଲେ। ଉଦ୍ଧାର କାର୍ଯ୍ୟରେ ୩ଟି ଦମ କଳବାହିନୀ ନିୟୋଜିତ ହୋଇଛନ୍ତି। ଅଘଟଣ ପରେ ଅନ୍ୟପକ୍ଷରେ ଟର୍ମିନାଲ-୧କୁ ସାମୟିକ ପାଇଁବନ୍ଦ ରଖିଛନ୍ତି ବିମାନ ବନ୍ଦର କର୍ତ୍ତୃପକ୍ଷ। ଏଥିସହ ଯାତ୍ରୀଙ୍କ ସୁରକ୍ଷା ଲାଗି ଚେକ୍ ଇନ୍ କାଉଣ୍ଟରକୁ ମଧ ବନ୍ଦ ରଖାଯାଇଛି । ଅଘଟଣ ପରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ ଟ୍ୱିଟ୍ କରି କହିଛନ୍ତି, ମୁଁ ନିଜେ ଏହି ଘଟଣାର ମନିଟରିଂ କରୁଛି। ଭଶୁଡିବା ସାଇଟରେ କାମ ଚାଲିଛି। ଏଥିସହ ଯେଉଁ ବିମାନଯାତ୍ରୀମାନେ ଟର୍ମିନାଲ ଓ୍ୱାନରେ ବିଭିନ୍ନ ସମସ୍ୟାରେ ସମ୍ମୁଖୀନ ହୋଇଛନ୍ତି, ସେମାନଙ୍କୁ ସହଯୋଗ କରାଯାଇଛି। ଏଥିସହ ଆହତଙ୍କୁ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନାଯୋଗ୍ୟ, ଗତକାଲି ରାତିରେ ଦିଲ୍ଲୀରେ ପ୍ରବଳ ବର୍ଷା ସହ ପବନ ହୋଇଥିଲା। ଲଗାଣ ବର୍ଷା ଯୋଗୁ ଦିଲ୍ଲୀରେ ବିଭିନ୍ନ ଅଞ୍ଚଳ ଜଳବନ୍ଦୀ ହୋଇଯାଇଥିଲା। ଫଳରେ ଯାତାୟତ କରିବାରେ ଅସୁବିଧା ହୋଇଥିଲା। ଦିଲ୍ଲୀ ବିମାନବନ୍ଦର ଛାତ ଭୁଶୁଡିବା ଘଟଣାରେ ମୃତକଙ୍କୁ ଅନୁକମ୍ପା ରାଶି ଘୋଷଣା କରିଛନ୍ତି କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ କିଞ୍ଜାରାପୁ। ମୃତକଙ୍କୁ ୨୦ ଲକ୍ଷ ଓ ଆହତଙ୍କୁ ୩ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପା ରାଶି ଘୋଷଣା କରାଯାଇଥିବା ରାମ ମୋହନ କହିଛ୍ତି। ବିମାନବନ୍ଦର ରେ ଏହି ଦୁର୍ଘଟଣାର ପ୍ରତିକ୍ରିୟା ରଖି ମନ୍ତ୍ରୀ ରାମ ମୋହନ କହିଛନ୍ତି, 'ମୁଁ ନିଜେ ଦିଲ୍ଲୀ ବିମାନବନ୍ଦର ଯାଇ ଛାତ ଭୁଶୁଡିବା ଘଟଣାର ଅନୁଧ୍ୟାନ କରିଛି। ଯାତ୍ରୀମାନଙ୍କୁ ସୁରକ୍ଷା ଯୋଗାଇବା ଆମ ପ୍ରଥମ ପ୍ରାଥମିକତା। ଅନ୍ୟ ଟର୍ମିନାଲରେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରାଯାଇଛି। ରାଜ୍ୟ ଓ କେନ୍ଦ୍ର ସୁରକ୍ଷାବାହିନୀ ନିୟୋଜିତ ଅଛନ୍ତି।' ବାତିଲ୍ ହୋଇଯାଥିବା ବିମାନର ସମ୍ପୂର୍ଣ୍ଣ ଟିକେଟ୍ ଫି' ଫେରସ୍ତ କରି ଦିଆଯିବ ବୋଲି ମନ୍ତ୍ରୀ ରାମ ମୋହନ କହିଛନ୍ତି। ପ୍ରକାଶ ଥାଉକି, ଦିଲ୍ଲୀରେ ପ୍ରବଳ ବର୍ଷା କାରଣରୁ ସବୁଠି ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଛି। ଗତକାଲି ରାତିରୁ ବର୍ଷା ଲାଗି କରହିବାରୁ ଇନ୍ଦିରା ଗାନ୍ଧି ଇଣ୍ଟରନ୍ୟାସନାଲ୍ ଏୟାରପୋର୍ଟର ଏକ ନଂ ଟର୍ମିନାଲ୍ ଛାତ ଭୁଶୁଡ଼ି ପଡ଼ିଥିଲା। ଫଳରେ ତଳେ ଥିବା ଏକାଧିକ କାର୍ ଉପରେ ପଡ଼ିଥିଲା ସିଲିଂର ଭଗ୍ନାବେଶ। ଏହି ଦୁର୍ଘଟଣାରେ ୬ ଜଣ ଯାତ୍ରୀ ଗୁରୁତର ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିଛି। ଏହାକୁ ଦୃଷ୍ଟିରେ ରଖି ଟର୍ମିନାଲରେ ସମସ୍ତ ପ୍ରସ୍ଥାନ ଗେଟକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି। ଏଥିସହ ଚେକ୍ ଇନ୍ କାଉଣ୍ଟରକୁ ମଧ ବନ୍ଦ ରଖାଯାଇ ଥିବାବେଳେ ମଧ୍ୟରାତ୍ରିରୁ ୧୬ଟି ଅବତରଣ କରିବାକୁ ଥିବା ବିମାନ ଏବଂ ୧୨ଟି ଉଡ଼ାଣ କରିବାକୁ ଥିବା ବିମାନ ବାତିଲ କରାଯାଇଛି।

### ବିଜେଡି ନେତ୍ରୀଙ୍କ ଦ୍ୱାରା...

ବୈଠକରେ ଧର୍ମଶାଳା ବ୍ଲକ ଅଧୀନରେ ହୋଇଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ପଚାରି ବୁଝିଥିଲେ ବିଧାୟକ। ଯେମିତି ଧର୍ମଶାଳା ଭବନ, ଜାରକା ଷ୍ଟାଡିୟମ ଓ ଷ୍ଟାଡିୟମ ପରିସରରେ ବେଆଇନ ଭାବେ ହୋଇଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ବିଡ଼ିଓଙ୍କୁ ବିଧାୟକ ପଚାରିଥିଲେ। ହେଲେ ବିଡିଓ କୌଣସି ସନ୍ତୋଷ ଜନକ ଉତ୍ତର ଦେଇ ପାରିନଥିଲେ। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ ବିଧାୟକ। ଏହାକୁ ଶୀଘ୍ର ବନ୍ଦ କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ବିଧାୟକଙ୍କ ଅଭିଯୋଗ ଆଧାରରେ ତଦନ୍ତ କରାଯିବ ବୋଲି ଧର୍ମଶାଳା ବିଡ଼ିଓ କହିଛନ୍ତି। ଅନ୍ୟପଟେ ଏ ସମ୍ପର୍କରେ ବିଜେଡିର ପ୍ରତିକ୍ରିୟା ମିଳିପାରି ନାହିଁ।

### ଆଜି ୩ ଜିଲ୍ଲାରେ ପ୍ରବଳ....

ପର୍ଯ୍ୟନ୍ତ ବର୍ଷା ହେବ। ଏଥିସହ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ବୋହିବ। ସେଥିପାଇଁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ଆସନ୍ତାକାଲିଠାରୁ ବର୍ଷା ପ୍ରଭାବ ସାମାନ୍ୟ କମିପାରେ। ଶନିବାର ଝାରସୁଗୁଡ଼ା, ବରଗଡ଼ ଓ ସୁନ୍ଦରଗଡ଼ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୧୨ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେହିପରି ଦେବଗଡ଼, ସମ୍ବଲପୁର, ସୋନପୁର ଓ ବୌଦ୍ଧ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହେବ। ଏଥିସହ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ବୋହିବ। ସେଥିପାଇଁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ରବିବାର ୧ ତାରିଖରେ ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼ ଓ କେନ୍ଦୁଝର ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହେବ। ଏଥିସହ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ବୋହିବ। ସେଥିପାଇଁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୨ ଓ ୩ ତାରିଖରେ ରାଜ୍ୟରେ କେତେକ ଜିଲ୍ଲାରେ ହାଲ୍‌କାରୁ ମଧ୍ୟମ ଧରଣ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

### ଲୋକସଭାରେ ନିଟ୍ ପ୍ରସଙ୍ଗ...

ଯେ ସାଂସଦମାନଙ୍କ ମାଇକର ସୁଇଚ ଅଫ ସେ କରନ୍ତି ନାହିଁ କିମ୍ବା ତାଙ୍କ ଚେୟାର ପାଖରେ କୌଣସି ନିୟନ୍ତ୍ରଣ କରିବାର ସୁଇଚ ନାହିଁ। ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଆଜି ଆଲୋଚନା ହେବା ଦରକାର। ଏହାବାଦ ଆଉ କିଛି ରେକର୍ଡକୁ ଯିବ ନାହିଁ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ଉକ୍ତ ଭିଡିଓକୁ ଶେୟାର କରି କହିଛି ଯେ "ଗୋଟିଏ ପକ୍ଷରେ ନରେନ୍ଦ୍ର ମୋଦି ନିଟ୍ ପ୍ରସଙ୍ଗରେ କିଛି ବି କହୁ ନଥିବା ବେଳେ ଅନ୍ୟପଟେ ରାହୁଲ ଗାନ୍ଧି ଗୃହରେ ଯୁବଗୋଷ୍ଠୀର ସ୍ୱର ଉଠାଉଛନ୍ତି। କିନ୍ତୁ ଏପରି ଏକ ମହତ୍ତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଯୁବଗୋଷ୍ଠୀର ସ୍ୱରକୁ ଚାପି ଦେବାକୁ ସାଂଘାତିକ ଷଡ଼ଯନ୍ତ୍ର କରାଯାଉଛି। ମାଇକ ବନ୍ଦ କରାଯିବା ଭଳି ଶସ୍ତା ପଦକ୍ଷେପ ନିଆଯାଉଛି।" ନିଟ୍ ୟୁଜି ୨୦୨୪ରେ ବ୍ୟାପକ ଅନିୟମିତତା ହୋଇଥିବାର ଅଭିଯୋଗ ହୋଇଛି। ଏଥିପାଇଁ ସାରା ଦେଶରେ ବିକ୍ଷୋଭ ଦେଖିବାକୁ ମିଳିଛି। ଏବେ ଏହାର ତାତି ଗୃହରେ ମଧ ଅନୁଭୂତ ହୋଇଛି। ଆଜି ଗୃହ କାର୍ଯ୍ୟ ଆରମ୍ଭ ହେବାର କ୍ଷଣି କଂଗ୍ରେସ ସାଂସଦ କେସି ଭେନୁଗୋପାଲ ଗୋଟିଏ ମୁଲତବୀ ନୋଟିସ୍ ଦେଇ ପେପର ଲିକ୍ ଉପରେ ଆଲୋଚନା କରିବାକୁ ପ୍ରସ୍ତାବ ଦେଇଥିଲେ। ତେବେ ବାଚସ୍ପତି ଓମ ବିଲା ଏହାକୁ ଗ୍ରହଣ କରି ନଥିଲେ। ସେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ହିଁ ଆଲୋଚନା ହେବ ବୋଲି କହିଥିଲେ। ଏହାକୁ ନେଇ ହଙ୍ଗାମା ହେବାରୁ ଗୃହକୁ ଜୁଲାଇ ୧ ଯାଏ ମୁଲତବୀ କରି ଦିଆଯାଇଛି। ଅନ୍ୟପକ୍ଷରେ ରାଜ୍ୟସଭାରେ କଂଗ୍ରେସ ବସ୍ ମଲ୍ଲିକାର୍ଜୁନ ଖଡଗେଙ୍କ ସହ ମଧ ସମାନ ଘଟଣା ଘଟିଛି। ସେ ନିଟ୍ ପ୍ରସଙ୍ଗ ଉଠାଇବାରୁ ତାଙ୍କ ମାଇକ ବନ୍ଦ କରି ଦିଆଯାଇଥିବା କଂଗ୍ରେସ ଅଭିଯୋଗ କରିଛି।

### ଟ୍ରକକୁ ପିଟିଲା ...

ଖବର ମୁତାବକ, ମୃତକମାନେ ଶିବମୋଗାର ବାସିନ୍ଦା। ଏକ ମିନି ବସରେ ୧୭ ଜଣ ତୀର୍ଥଯାତ୍ରା ପାଇଁ ବେଲାଗାଭି ଜିଲ୍ଲାକୁ ଯାଇଥିଲେ। ତୀର୍ଥଯାତ୍ରା ସାରି ଫେରିବା ସମୟରେ ଏହି ଦୁର୍ଘଟଣା ଘଟିଛି। ହାଭେରୀ ଜିଲ୍ଲାର ଗୁଣ୍ଡେନାହାଲି କ୍ରସିଂ ନିକଟରେ ଭୋଅର ପ୍ରାୟ ୩.୪୫ ସମୟରେ ରାସ୍ତାକଡରେ ଛିଡ଼ା ହୋଇଥିବା ଟ୍ରକକୁ ଧକ୍କା ଦେଇଥିଲା ବସ୍। ଦୁର୍ଘଟଣାର କାରଣ ଜଣାପଡି ନ ଥିବାବେଳେ ବସ୍ ଡ୍ରାଇଭର୍ ଢୋଳେଇ ପଡ଼ିବାରୁ ଦୁର୍ଘଟଣା ଘଟିଥିବା ପୁଲିସ ସନ୍ଦେହ କରୁଛି। ତୀର୍ଥଯାତ୍ରା ସାରି ଫେରିବା ସମୟରେ ଏହି ଦୁର୍ଘଟଣା ଘଟିଛି। ଆଜି ସକାଳେ କର୍ଣ୍ଣାଟକରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ୧୩ ଜଣ ଯାତ୍ରୀଙ୍କର ମୃତ୍ୟୁ ଘଟିଥିବା ବେଳେ ଏକାଧିକ ଆହତ ହୋଇଛନ୍ତି। ଆହତମାନଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଥିବାବେଳେ ସେମାନଙ୍କ ଅବସ୍ଥା ଗୁରୁତର ରହିଛି। ସୂଚନା ଅନୁସାରେ, ପୁଣେ-ବାଙ୍ଗାଲୁରୁ ରାଜପଥ ନିକଟ ରାସ୍ତା ପାଖରେ ଏକାଧିକ ଟ୍ରକ୍ ପାର୍କିଂ କରି ଛିଡ଼ା ହୋଇଥିଲେ। ଏହି ସମୟରେ ଏକ ଯାତ୍ରୀବାହୀ ମିନି ବସ୍ ଟ୍ରକକୁ ଧକ୍କା ଦେଇଥିଲେ। ଏଥିରେ ଘଟଣାସ୍ଥଳରେ ୧୧ ଜଣଙ୍କର ଜୀବନ ଚାଲିଯାଇଛି। ଆହତମାନଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଥିବାବେଳେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ଖବର ମୁତାବକ, ମୃତକମାନେ ଶିବମୋଗାର ବାସିନ୍ଦା। ଏକ ମିନି ବସରେ ୧୭ ଜଣ ତୀର୍ଥଯାତ୍ରା ପାଇଁ ବେଲାଗାଭି ଜିଲ୍ଲାକୁ ଯାଇଥିଲେ। ତୀର୍ଥଯାତ୍ରା ସାରି ଫେରିବା ସମୟରେ ଏହି ଦୁର୍ଘଟଣା ଘଟିଛି। ହାଭେରୀ ଜିଲ୍ଲାର ଗୁଣ୍ଡେନାହାଲି କ୍ରସିଂ ନିକଟରେ ଭୋଅର ପ୍ରାୟ ୩.୪୫ ସମୟରେ ରାସ୍ତାକଡରେ ଛିଡ଼ା ହୋଇଥିବା ଟ୍ରକକୁ ଧକ୍କା ଦେଇଥିଲା ବସ୍। ଦୁର୍ଘଟଣାର କାରଣ ଜଣାପଡି ନ ଥିବାବେଳେ ବସ୍ ଡ୍ରାଇଭର୍ ଢୋଳେଇ ପଡ଼ିବାରୁ ଦୁର୍ଘଟଣା ଘଟିଥିବା ପୁଲିସ ସନ୍ଦେହ କରୁଛି।

## କଲ୍ ବିଫୋର ୟୁ ଡିଗ ଆପ୍‌ର ସଚେତନତା କର୍ମଶାଳା ଅନୁଷ୍ଠିତ

ଭୁବନେଶ୍ୱର, ୨୮/୬ (ନି.ପ୍ର): ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ସ୍ୱତନ୍ତ୍ର ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସିବିୟୁଡି ମୋବାଇଲ ଆପ୍ ର ଉପଯୋଗ ଏବଂ ବ୍ୟବହାର ସମ୍ପର୍କରେ ଏକ କର୍ମଶାଳା ବିଭାଗର ସ୍ୱତନ୍ତ୍ର ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସିବିୟୁଡି ହେଉଛି ଏକ ଅନଲାଇନ୍ ପ୍ଲାଟଫର୍ମ ଯାହା ଦ୍ୱାରା ରାସ୍ତାପାର୍ଶ୍ୱ ଖନନ କାର୍ଯ୍ୟ ସମୟରେ ଖନନ ଏଜେନ୍ସି ଏବଂ ଭୂତଳ ୟୁଟିଲିଟି ସେବା ଯୋଗାଇଥିବା ସଂସ୍ଥାମାନଙ୍କ ମଧ୍ୟର ସମନ୍ୱୟ ସ୍ଥାପନ କରିବାରେ ସହାୟକ ହେବ । ଏହି ମୋବାଇଲ ଆପ୍ ର ବ୍ୟବହାର ଦ୍ୱାରା ଭୂତଳରେ ଦେଇ ଯାଇଥିବା ବିଭିନ୍ନ ଜରୁରୀ ଉପକରଣ ଯଥା ପାଣି ଲାଇନ, ଟେଲିଫୋନ କେବଲ ଇତ୍ୟାଦି କ୍ଷୟକ୍ଷତିରୁ ବଞ୍ଚିପାରିବ । ୧୮ ଜଣ କର୍ମଶାଳାରେ ପ୍ରତ୍ୟକ୍ଷ ରୂପେ ଯୋଗଦେଇଥିଲେ ଏବଂ ୧୦ ଟି ଜିଲ୍ଲାର ବିଭିନ୍ନ ବ୍ଲକ ଓ ତହସିଲରୁ ୪୦୦ରୁ ଉର୍ଦ୍ଧ୍ୱ ଅଂଶଗ୍ରହଣକାରୀ ଭିଡ଼ିଓ କନଫରେନ୍ସିଂ ଜରିଆରେ ଯୋଗଦେଇଥିଲେ ଏହି କର୍ମଶାଳାରେ ୪୦୦ରୁ ଉର୍ଦ୍ଧ୍ୱ ଭାଗନେଇଥିଲେ। ଶେଷରେ ଡେପୁଟି ଡାଇରେକଫର ଜେନେରାଲ (ଡି.ଡି.ଜି), ଓଡ଼ିଶା ଏକ ବୈଷୟିକ ଉପସ୍ଥାପନା ମାଧ୍ୟମରେ ଏହି ସଫ୍ଟୱେର ଏବଂ ମୋବାଇଲ ଆପ୍ ର ବ୍ୟବହାର ସମ୍ପର୍କରେ ଉପସ୍ଥିତ ଅଂଶଗ୍ରହଣକାରୀଙ୍କୁ ବିସ୍ତୃତ ଭାବେ ବୁଝାଇଥିଲେ ଏବଂ ଏହି କର୍ମଶାଳା ପ୍ରଶ୍ନୋତର ପର୍ଯ୍ୟାୟରେ ପରିସମାପ୍ତି ହୋଇଥିଲା ।

# ବିଧାୟକ ଭାସ୍କର ମଢ଼େଇଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଉଦଳା , ୨୮/୬ (ନି.ପ୍ର): ଉଦଳା ବିଜ୍ଞାପିତ ଅଂଚଳ ପରିଷଦ ତରଫରୁ ବିଧାୟକ ଭାସ୍କର ମଢ଼େଇଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ସେଥିପାଇଁ ଆଜି ଜୁନ ୨୮ ତାରିଖ ଶୁକ୍ରବାର ସ୍ଥାନୀୟ ସନ୍ଧାନ ଗୃହ ପରିସରରେ ସ୍ୱତନ୍ତ ଉତ୍ସବର ଆୟୋଜନ କରାଯାଇଥିଲା । ନିର୍ବାଚନ ପରେ ଆଜି କାଉନସିଲ ବଢ଼ିର ପ୍ରଥମ ବୈଠକ ବସୁଥିବାରୁ ନବନିର୍ବାଚିତ ବିଧାୟକଙ୍କୁ ଏହି ଅବସରରେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯିବ ବୋଲି ପୂର୍ବରୁ ନିଷ୍ପତି ହୋଇଥିଲା । ତେବେ ଆଜି ବିଧାୟକ ଭାସ୍କର ମଢ଼େଇ ସନ୍ଧାନଗୃହରେ ପହଂଚିବା ପରେ ନଗରପାଳ, ଉପନଗରପାଳ, ନିର୍ବାହି ଅଧିକାରୀ, ସମସ୍ତ କାଉନସିଲର ଓ କର୍ମଚାରୀ ବୃନ୍ଦ ତାଙ୍କୁ ଉତ୍ସବ ମଂଚ ନିକଟକୁ ପାଛୋଟି ଆଣିଥିଲେ । ଏହାପରେ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ବିଧାୟକ ଭାସ୍କର ମଢ଼େଇ ଏହାକୁ ଗ୍ରହଣ କରି ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ଉଜ୍ଜଳ ଭବିଷ୍ୟତ ଈଶ୍ୱରଙ୍କ ନିକଟରେ କାମନା କରିଥିଲେ । ଏହାପରେ ଅନୁଷ୍ଠିତ ସାଧାରଣ ସଭାରେ ନଗରପାଳ ପ୍ରମିଳା ପଣ୍ଡା ଅଧକ୍ଷତା କରି ବିଗତ ସୁବର୍ଣ୍ଣ ଜୟନ୍ତି ଉତ୍ସବକୁ ସଫଳ କରିବା ପାଇଁ ସମସ୍ତ କାଉନସିଲର ଓ କର୍ମଚାରୀ ମାନେ ମିଳିମିଶି ଯେଉଁଭଳି ସହଯୋଗର ହାତ ବଢ଼ାଇଥିଲେ ତାହାକୁ କେବେ ଭୁଲିହେବ ନାହିଁ ବୋଲି ବ୍ୟକ୍ତ କରିଥିଲେ । ଏହାପରେ ନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରାଙ୍କ ନେତୃତ୍ୱରେ କାଉନସିଲର ମାନଙ୍କ ଠାରୁ ପ୍ରସ୍ତାବ ମାନ ଗ୍ରହଣ କରାଯାଇ ଏହାକୁ କାର୍ଯ୍ୟକାରୀ କରିବା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ପରେ ଆଜିର ଦିନରେ ୩ ଜଣ କର୍ମଚାରି ଅବସର ଗ୍ରହଣ କରୁଥିବାରୁ ସେମାନଙ୍କୁ ଅବସରକାଳିନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଉପନଗରପାଳ ଲିଲି ଭୋଳ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଡିଲ ବେଳେ ମାଡ଼ିବସିଲା ବନବିଭାଗ: ଗୋଟିଏ ହାତୀଦାନ୍ତ ସହ ସମ୍ବର ଶିଙ୍ଗ ଓ ବଜ୍ରକାପ୍ତା କାତି ଜବତ





ନୀଳଗିରି , ୨୮/୬ (ନି.ପ୍ର): କୁଳଡିହାକୁ ଅଭୟାରଣ୍ୟର ମାନ୍ୟତା ମିଳିଥିବା ବେଳେ ଏଥିପାଇଁ ସ୍ୱତନ୍ତ୍ର ବିଭାଗ ସୃଷ୍ଟି କରାଯାଇ ଏଥିପାଇଁ ରେଞ୍ଜ ଅଧିକାରୀ ଠୁଁ ଆରମ୍ଭ କରି ବିଭିନ୍ନ ପଦପଦବୀରେ କର୍ମଚାରୀ ନିଯୁକ୍ତି କରାଯାଇ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏତଦ୍ ଭିନ୍ନ ବନ୍ୟଜନ୍ତୁ ସୁରକ୍ଷା, ସଂରକ୍ଷଣ ପାଇଁ ମଧ୍ୟ ରାଜସ୍ୱ ଖର୍ଚ୍ଚ କରାଯାଉଛି। ମାତ୍ର ସମସ୍ତ ବନ୍ଦୋବସ୍ତ ଥାଇ ଶିକାରୀଙ୍କ କବଳରୁ ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିବା ଅଧିକାଂଶ ସମୟରେ ଖବର ପ୍ରକାଶ ପାଇଛି। ଶିକାରୀଙ୍କ ଲୋଲୁପ ଦୃଷ୍ଟି ସଦାସର୍ବଦା ରହିଆସୁଥିବା ବେଳେ ଆଜି ବନବିଭାଗ ବିଶେଷ ସୂତ୍ରରୁ ଖବର ପାଇ ୧୬ନଂ ଜାତୀୟ ରାଜପଥ ଦହିସଡା ନିକଟରେ ଗୋଟିଏ ଭଙ୍ଗା ହାତୀଦାନ୍ତ, କିଛି ବଜ୍ରକାପ୍ତା କାତି ଏବଂ ତିନୋଟି ସମ୍ବର ଶିଙ୍ଗ କୁ ବେପାରୀଙ୍କ ସହିତ ଡିଲ୍ ହେଉଥିବା ବେଳେ ଦିନ ପ୍ରାୟ ୨ଟା ସମୟରେ କୁଳଡିହା ବନବିଭାଗ ଓ ଜଳେଶ୍ୱର ବନବିଭାଗ ମାଡ଼ିବସି ତିନିଜଣଙ୍କୁ ଗିରଫ କରିବା ସହିତ ଗୋଟିଏ ମଟର ସାଇକେଲ ଜବତ କରାଯାଇଛି। ତେବେ ଅଧିକ ତଦନ୍ତ ଚାଲିଥିବା କାରଣରୁ ଗିରଫ ହୋଇଥିବା ଅଭିଯୁକ୍ତଙ୍କ ସବିଶେଷ ତଥ୍ୟ ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରକାଶ କରାଯିବ ବୋଲି ବିଭାଗ ସୂଚନା ଦେଇଛି।

# ଜୁଲାଇ ୨୨ ତାରିଖରେ ଉଦଳାରେ ହେବ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି

ଉଦଳା , ୨୮/୬ (ନି.ପ୍ର): ଗତ ନିର୍ବାଚନ ସମୟରୁ ବନ୍ଦ ରହିଥିବା ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର ପୁଣିଥରେ ଆସନ୍ତା ଜୁଲାଇ ମାସରୁ ଆରମ୍ଭ ହେବାକୁ ଯାଉଛି। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ଏଥିପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି । ଉଦଳାରେ ଏହି ଶିବିର ପୂର୍ବପରି ସ୍ଥାନୀୟ ଉପଜିଲ୍ଲାପାଳଙ୍କ ସମ୍ମିଳନି କକ୍ଷରେ ଅନୁଷ୍ଠିତ ହେବାକୁ ଥିବା ବେଳେ ଏଥିପାଇଁ ଜୁଲାଇ ମାସ ୨୨ ତାରିଖ ସୋମବାରକୁ ଦିନ ଧାର୍ଯ୍ୟ କରାଯାଇଛି । ଏହି ଶିବିରରେ କପ୍ତିପଦା ଉପଖଣ୍ଡ ସ୍ତରିୟ ସମସ୍ତ ଅଧିକାରୀଙ୍କ ସମେତ କପ୍ତିପଦା, ଉଦଳା, ଖୁଂଟା ଓ ଗୋପବନ୍ଧୁନଗର ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଓ ଲାଇନ ବିଭାଗ ଅଧିକାରୀ ମାନେ ଉପସ୍ଥିତ ରହିବେ ବୋଲି ଜଣାଯାଇଛି ।

# ଇଣ୍ଡିଆନ ଅଏଲ ପାରାଦୀପ ରିଫାଇନାରୀ ପକ୍ଷରୁ ୭ ଦିବସୀୟ ଯୋଗ ଶିବିର ଉଦ୍‌ଯାପିତ



ପାରାଦୀପ, ୨୮/୬ (ନି.ପ୍ର): ଇଣ୍ଡିଆନ ଅଏଲ ପାରାଦୀପ ରିଫାଇନାରୀ ପକ୍ଷରୁ ଆୟୋଜିତ ୭ ଦିବସୀୟ ଯୋଗ ଶିବିର ସଫଳତାର ସହ ଆଜି ଶେଷ ହୋଇଛି।ଗତ ଜୁନ ୨୧ ତାରିଖ ରେ ଆନ୍ତର୍ଜାତୀୟ ଯୋଗ ଦିବସ-୨୦୨୪ ସାରା ଦେଶରେ ପାଳିତ ହୋଇଥିଲା।ଏହି ଅବସରରେ ପାରାଦୀପ ରିଫାଇନାରୀ କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନାରୀ ପ୍ରମୁଖ୍ୟ ଶ୍ରୀ କୌଶିକ ବସୁ ଏହି ଶିବିରକୁ ଉଦଘାଟନ କରିଥିଲେ। ପାରାଦୀପ ରିଫାଇନାରୀ ଟାଉନସିପ ର ଉତ୍ସବ କମ୍ୟୁନିଟି ସେଣ୍ଟର ରେ ଆୟୋଜିତ ଶିବିରରେ କର୍ମଚାରୀ ଏବଂ ସେମାନଙ୍କ ପରିବାରର ସଦସ୍ୟ ମାନେ ଉତ୍ସାହ ର ସହିତ ଅଂଶ ଗ୍ରହଣ କରିଥିଲେ ବିହାର ସ୍କୁଲ ଅଫ ଯୋଗ, ମୁଙ୍ଗେରରୁ ଆମନ୍ତ୍ରିତ ପ୍ରସିଦ୍ଧ ଯୋଗଗୁରୁ ଶ୍ରୀ ତପୋନିଧି ମହାରାଜ ଏହି ଯୋଗ ଶିବିରକୁ ପରିଚାଳନା କରିଥିଲେ।ଯୋଗ ଶିବିରର କାର୍ଯ୍ୟକ୍ରମ ତିନୋଟି ସ୍ୱତନ୍ତ୍ର ଅଧିବେଶନ ରେ ଆୟୋଜିତ ହୋଇଥିଲା।ଇଣ୍ଡିଆନ ଅଏଲର ଫୋର ଆର ଫୋର ୟୁ ପଦକ୍ଷେପ ଅଧୀନରେ କର୍ମଚାରୀଙ୍କ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସନ୍ଧ୍ୟାରେ ସ୍ୱତନ୍ତ୍ର ଯୋଗ ନିଦ୍ରା ଏବଂ ଧ୍ୟାନ ଅଧିବେଶନର ଆୟୋଜନ କରାଯାଇଥିଲା।ଏହି ଯୋଗ ଶିବିର ପାରାଦୀପ ରିଫାଇନାରୀ ର କର୍ମଚାରୀ ଏବଂ ପରିବାର ସଦସ୍ୟଙ୍କ ମଧ୍ୟରେ ଏକ ସୁସ୍ଥ ଜୀବନ ଶୈଳୀ କୁ ପ୍ରୋତ୍ସାହିତ କରିଛି।

# ବାଲ୍ୟ ବିବାହକୁ ବନ୍ଦ କରିବା ପାଇଁ ସହେଲି ତରଫରୁ ବେତନଟୀ ବ୍ଲକ ସଭାଗୃହରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ




ବେତନଟୀ, ୨୮/୬ (ନି.ପ୍ର): ବେତନଟୀ ବ୍ଲକ ସଭାଗୃହରେ ସହେଲି ନାମକ ସଂସ୍ଥା ତରଫରୁ ବାଲ୍ୟ ବିବାହ ଓ ଘରୋଇ ହିଂସାକୁ ବନ୍ଦ କରିବା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବେତନଟୀ ବ୍ଲକର ମେରଦା, ମୁକ୍ତାପୁର, ପୁରିନ୍ଦା,ଅଁଳା ଓ ଯୁଗଳ ପ୍ରଭୃତି ପାଞ୍ଚଟି ପଞ୍ଚାୟତର ଅଙ୍ଗନୱାଡି କର୍ମୀ ମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବେତନଟୀ ସିଡିପିଓ ପାନବତୀ ମୁର୍ମୁ,ସମ୍ମାନିତ ଅତିଥି ଭାବରେ ସୁପରଭାଇଜର କବିତା ପଟ୍ଟନାୟକ, ମଞ୍ଜୁଲତା ମହାନ୍ତ ଓ ଶୁଭଶ୍ରୀ ଦଳାଇ ପ୍ରମୁଖ ଯୋଗଦାନ କରି ବାଲ୍ୟ ବିବାହ କିଭଳି ଭାବରେ ସମ୍ପୂର୍ଣ୍ଣ ଭାବରେ ରୋକାଯାଇପାରିବ ସେ ଦିଗରେ ବିସ୍ତୃତ ଭାବରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ବାଲ୍ୟ ବିବାହ ଯୋଗୁଁ ସୃଷ୍ଟି ହେଉଥିବା ସମସ୍ୟା ବିଷୟରେ ଓ ବାଲ୍ୟ ବିବାହ କିପରି ଭାବରେ ରୋକାଯାଇପାରିବ ସେ ବିଷୟରେ ସହେଲି ସଂସ୍ଥାର ନିର୍ଦ୍ଦେଶିକା ଡାଲିଆ ଆନଟନି, ସହେଲି ସଂସ୍ଥାର ଆସିଷ୍ଟାଣ୍ଟ ପ୍ରଜେକ୍ଟ କୋଅର୍ଡିନେଟର ପ୍ରଜ୍ଞା ପାରମିତା ପ୍ରଧାନ, ପ୍ରିୟବ୍ରତ ସାହୁ, କମ୍ୟୁନିଟି ମୋବିଲାଇଜର କାପୁରା ସରେନ, ଲକ୍ଷ୍ମୀପ୍ରିୟା ସରେନ, ଶ୍ରଦ୍ଧାଞ୍ଜଳୀ ଟୁଡୁ , ରିତାରାଣୀ ଦେହୁରୀ ଓ ରଞ୍ଜନ କୁମାର ସାହୁ ଏବଂ ସହେଲି ସଂସ୍ଥାରେ କାର୍ଯ୍ୟ କରୁଥିବା ଶତାବ୍ଦୀ ଇତିଶ୍ରୀ ସାହୁ, ଡାଏନା ବେହେରା ପ୍ରମୁଖ ଅଙ୍ଗନୱାଡି କର୍ମୀ ମାନଙ୍କୁ ସଚେତନ କରିଥିଲେ । ଏହା ସହିତ ଘରୋଇ ହିଂସାକୁ କିଭଳି ଭାବରେ ରୋକାଯାଇପାରିବ ସେ ଦିଗରେ ମଧ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ ।

## ଓଷ୍ଟାର ସମ୍ବର୍ଦ୍ଧନା ଉତ୍ସବ

ବେତନଟୀ, ୨୮/୬ (ନି.ପ୍ର): ବେତନଟୀ ବ୍ଲକ ଓଷ୍ଟା ଦ୍ୱାରା ସଠିଲୋ ଉଚ୍ଚ ବିଦ୍ୟାଳୟ ଠାରେ ବ୍ଲକ ସଭାପତି ଅଚୁତ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଷ୍ଟା ଜିଲ୍ଲା ସଙ୍ଘ ରେ ନୂଆ କରି ହୋଇଥିବା ସଭାପତି ଚିତ୍ତରଞ୍ଜନ ପଲତା ଓ ସମ୍ପାଦକ କିଶୋର କୁମାର ଆଚାର୍ଯ୍ୟଙ୍କୁ ବ୍ଲକ ତରଫରୁ ଉପଢୌକନ ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ଲକ ସମ୍ପାଦକ ସୂର୍ଯ୍ୟାନନ୍ଦ ନାୟକ ଙ୍କ ସ୍ୱାଗତ ଭାଷଣ ସହ ଉପସଭାପତି ଶିଶିର କୁମାର ନାୟକ ସଂଘ ର ମହତ୍ୱ ବର୍ଣ୍ଣନା କରିଥିଲେ । ବ୍ଲକର ସହ ସମ୍ପାଦକ ନରହରି ମହାନ୍ତ କବିତା ମାଧ୍ୟମ ରେ ଜିଲ୍ଲା ସଭାପତି ଓ ସମ୍ପାଦକଙ୍କୁ ଶୁଭେଚ୍ଛା ଗ୍ୟାମ୍ପନ କରିଥିଲେ । ଅନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଜୟନ୍ତ କୁମାର ମହାନ୍ତ, ବିଜୟ କୁମାର ପଣ୍ଡିତ, ଟିକାୟତ ମହାନ୍ତ, ପ୍ରଦ୍ୟୁମ୍ନ କୁମାର ଭୂଇଁଆ,କରୁଣାକର ବେହେରା, ଭବାନୀ ବାଗ,ସରୋଜ କୁମାର ମହାପାତ୍ର ସୁରମା ଓତା, ପ୍ରଦୀପ କୁମାର ମହାନ୍ତ, କ୍ଷଣପ୍ରଭା ମହାନ୍ତ, ସରୋଜ କୁମାର ମହାପାତ୍ର ପ୍ରଭୃତି ଉପସ୍ଥିତ ଥିଲେ । ସର୍ବଶେଷରେ ରଘୁନାଥ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଅଜିତ କୁମାର ଜେନା ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଏ ବର୍ଷ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ଦୁଇ ଗୁଣା

ଭୁବନେଶ୍ୱର, ୨୮/୬ (ନି.ପ୍ର): ରାଜ୍ୟରେ ବୃଦ୍ଧି ପାଇବାରେ ଲାଗିଛି ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା। ଗତବର୍ଷ ତୁଳନାରେ ଚଳିତ ବର୍ଷ ଦୁଇ ଗୁଣା କେସ୍ ବୃଦ୍ଧି ପାଇଛି। ଗତ ବର୍ଷ ତୁଳନାରେ ଅଧିକ ନମୁନା ପରୀକ୍ଷା ହୋଇଛି। ଏହାସହ ଏବର୍ଷ ବର୍ଷା ଆଗରୁ ହୋଇଯାଇଛି। ସେଥିପାଇଁ ଦୁଇ ଗଣ ଅଧିକ ରୋଗୀ ଚିହ୍ନଟ ହୋଇଛନ୍ତି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି।
ସେ କହିଛନ୍ତି ଗତକାଲି ସୁଦ୍ଧା ରାଜ୍ୟରେ ୨୮୮ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ୨୮୮ ଜଣଙ୍କ ମଧ୍ୟରୁ ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ୮୦ଜଣ ଚିହ୍ନଟ ହୋଇଛନ୍ତି। କେବଳ ଗତକାଲି ୨୦ଟି ଡେଙ୍ଗୁ ପଜିଟିଭ୍ ଆସିଛି।

# ନିମ୍ନମାନର କଲଭର୍ଟ ଓ ରାସ୍ତା କାମ ନେଇ ଜନ ଅସନ୍ତୋଷ: ରାସ୍ତା କାମ ବନ୍ଦ କଲେ ଗ୍ରାମବାସୀ



ଖଇରା, ୨୮/୬ (ନି.ପ୍ର): ଖଇରା ଓ ଔପଦା ୨ବ୍ଲକକୁ ସଂଯୋଗ କରୁଥିବା ନଟାପଡା-ଔପଦା ଭାୟା କାକୁଡିଆ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ହେଉଥିବା ନେଇ ରାସ୍ତା ସଂଲଗ୍ନ ଗ୍ରାମାବସୀ ମାନେ ଅଭିଯୋଗ କରିଛନ୍ତି ।ଶୁକ୍ରବାର ବେଆଇନ ରାସ୍ତା କାମକୁ ଜିଆଣିପଦା ଗ୍ରାମବାସୀ ବନ୍ଦ କରିବା ସହ ଭିଜିଲାନ୍ସ ତଦନ୍ତ କରିବାକୁ ନଡାପଡା, ଜିଆଣିପଦା, କଣ୍ଟିଗଡିଆ, କାକୁଡିଆ, ଗନ୍ଧାଳି, କବିରପୁର, ତିଳଦା ଇତ୍ୟାଦି ଗ୍ରାମର ଅଧିବାସୀ ମାନେ ଦାବି କରିଛନ୍ତି । ପାଖାପାଖି ୭କିମି ରାସ୍ତା ପାଇଁ ୯କୋଟି ଟଙ୍କା ବ୍ୟୟ କରାଯାଇଥିବା ବେଳେ ୨୦୨୩ମସିହା ଡିସେମ୍ବର ମାସ ୧୮ତାରିଖରେ ଉକ୍ତ ରାସ୍ତାର ଶିଳାନ୍ୟାସ କରାଯାଇଥିଲା । ରାସ୍ତାର ନିର୍ମାଣ ଦାୟିତ୍ୱ ବାସୁଦେବପୁର ଜନୈକ ଠିକାଦାରଙ୍କୁ ପ୍ରଦାନ କରାଯାଇଥିଲା । ତେବେ ରାସ୍ତା ନିର୍ମାଣ ଏଷ୍ଟିମେଟ ଅନୁଯାୟୀ ହେଉନଥିବା ନେଇ ଆରମ୍ଭରୁ ଅଭିଯୋଗ ହୋଇ ଆସୁଛି। ବ୍ୟବହୃତ କଞ୍ଚାମାଲ ମଧ୍ୟ ଅନୁରୂପ ଦିଆଯାଉନଥିବା ନେଇ ଯାତ୍ରୀ ମାନେ ଅଭିଯୋଗ କରି ଆସୁଥିଲେ ହେଁ ଯନ୍ତ୍ରୀ ମାନେ ଏଥିପ୍ରତି ଦୃଷ୍ଟି ଦେଉନାହାଁନ୍ତି । ଗ୍ରାମ୍ୟଉନ୍ନୟନ ବିଭାଗ ଅଧୀନରେ ଏହି କାମ ଆସୁଥିବା ବେଳେ ୬ମାସ ହେଲା ସହକାରୀ ଯନ୍ତ୍ରୀ ପଦବୀ ଖାଲି ପଡିବା ଠିକାଦାରଙ୍କୁ ବେପରୁଆ କାର୍ଯ୍ୟ ପାଇଁ ପ୍ରୋତ୍ସାହନ ଦେଉଛି । ସେପଟେ ନଟାପଡା ଗ୍ରାମରୁ ଖଇରା ପର୍ଯ୍ୟନ୍ତ ରାସ୍ତାରେ ପ୍ରତିବର୍ଷ ବର୍ଷାରତୁ ଆସିଲେ ରାସ୍ତା ଉପରେ ପାଣି ପ୍ରବାହିତ ହେବା ସହ ଅଧିକାଂଶ ସ୍ଥାନରେ ଘାଇ ସୃଷ୍ଟି ହୋଇଥାଏ । ଏଥିପାଇଁ ଗ୍ରାମବାସୀଙ୍କ ତରଫରୁ କଲଭର୍ଟ ଗୁଡିକୁ ଓସାରିଆ କରିବାକୁ ଆରମ୍ଭରୁ ଦାବୀ କରାଯାଇଥିଲେ ହେଁ ଠିକାଦାର ଏଥିପ୍ରତି କର୍ଣ୍ଣପାତ କରୁନଥିବାରୁ ପୁଣି ଥରେ ଏହି ବର୍ଷାରତୁରେ ଜିଆଣିପଦା ଓ କଣ୍ଟିଗଡିଆ ଗ୍ରାମ ଗୁଡିକରେ ଜଳବନ୍ଦି ଆଶଙ୍କା ବୃଦ୍ଧି ପାଇଛି । କଲଭର୍ଟ ଗୁଡିକୁ ଓସାରିଆ ନକରାଯିବା ପର୍ଯ୍ୟନ୍ତ ରାସ୍ତାକମ ବନ୍ଦ ରଖାଯିବ ବୋଲି ପିତାମ୍ବର ପାତ୍ର,ଭାଗିରଥି ପାତ୍ର,ମନୋଜ ପାତ୍ର,ଲକ୍ଷ୍ମୀଧର ପାତ୍ର,ରାଜେଶ ପାତ୍ର,କୈଳାସ ପାତ୍ର,ପ୍ରହଲ୍ଲାଦ ଗାହାଣ,ଭରତ ପରିଡା,ଶ୍ରୀକାନ୍ତ ଦାସ,ଭଗବାନ ଜେନା,ଶତ୍ରୁଘ୍ନ ଦାସ,ଭୀମସେନ ଜେନା ପ୍ରମୁଖ ଦାବୀ କରିଛନ୍ତି । ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ସେଣ୍ଟଙ୍କୁ ଯୋଗାଯୋଗ କରିବାର ରାସ୍ତା ନିର୍ମାଣରେ ହେଉଥିବା ଅନିୟମିତତାକୁ ଅସ୍ୱିକାର କରିଛନ୍ତି ।

# ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣ ପକ୍ଷରୁ ସଚେତନତା ଶିବିର




ଭଦ୍ରକ, ୨୮/୬ (ନି.ପ୍ର): ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ଭଦ୍ରକଙ୍କ ତରଫରୁ କେ.ସି.କୋ ଏଜୁକେଶନ ଉଚ୍ଚ ବିଦ୍ୟାଳୟ ଉତ୍ତରବାହିନୀ, ଭଦ୍ରକ ପରିସରରେ ପୋସ୍କୋ ଆକ୍ଟ ଏବଂ କିଶୋର ନ୍ୟାୟ ସମ୍ବନ୍ଧିତ ସଚେତନତା କାର୍ଯ୍ୟକ୍ରମ, ମହିଳା ପିଡ଼ିତା, ଯୌନ ନିର୍ଯ୍ୟାତନା ଏବଂ ଅନ୍ୟାନ୍ୟ ଅପରାଧ-୨୦୧୮ ତଥା ଜାତୀୟ ଆଇନ୍ ସେବା ପ୍ରାଧିକରଣ (ନାଲ୍‌ସା)ର ପୋସ୍କୋ କ୍ଷତିପୂରଣ ସଂପର୍କିତ ଯୋଜନା ତଥା ମୌଳିକ କର୍ତ୍ତବ୍ୟ ସଂପର୍କିତ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆଇନସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶରେ ଏହି କାର୍ଯ୍ୟକ୍ରମରେ ଶ୍ରୀମତୀ ନେହା ଅଗ୍ରୱାଲ, ସଚିବ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକ, ଡ଼ଃ ତାପସ କୁମାର ମହାନ୍ତି, ବହ୍ନିଶିଖା ବିଶାଳ, ସହାୟକ ଏଲ୍‌ଏଡ୍‌ସ୍‌ର ସଦସ୍ୟ, ମନୋରଞ୍ଜନ ଦାସ, ଓକିଲ ଭଦ୍ରକ ଶ୍ରୀ ବୈକୁଣ୍ଠ ଚରଣ କାଣ୍ଡି, ପ୍ରଧାନ ଶିକ୍ଷକ, ମୋନାଲିସା କର, ଇନିସ୍‌ପେକ୍ଟର, ଭଦ୍ରକ, ଶ୍ରୀ ଡ଼ମ୍ବରୁଧର ବାରିକ୍, ବିଦ୍ୟାୟର ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ମାନଙ୍କ ଉପରୋକ୍ତ ସମସ୍ତ ବିଷୟରେ ଅତି ସୁନ୍ଦର ଭାବରେ ବୁଝାଇ ଜୀବନରେ ସର୍ବଦା ସଚେତନ ହୋଇ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ । କୋମଳମତି ଛାତ୍ରଛାତ୍ରୀମାନେ ଯେପରି ଆଗକୁ କୌଣସି ଅସୁବିଧାରେ ଶିକାର ନହୁଅନ୍ତୁ ସେଥିପାଇଁ ଏହି ସଚେତନତା ଶିବିର ମାଧ୍ୟମରେ ପୋସ୍କୋର ଆକ୍ଟ ତଥା କିଶୋର ନ୍ୟାୟ ସମ୍ବନ୍ଧିତ କିଛି ଜରୁରୀ ବାର୍ତ୍ତା ତଥା ବିଭିନ୍ନ ଅପରାଧ-୨୦୧୮ ସଂପର୍କିତ ବିଷୟବସ୍ତୁମାନ ପିଲାମାନଙ୍କୁ ବୁଝାଇଥିଲେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଡ଼ାଲସା ହେଲ୍‌ପ ଲାଇନ୍ ନମ୍ବର ୧୫୧୦୦ ମାଧ୍ୟମରେ ଦିଆଯାଉଥିବା ସହାୟତା ସମ୍ବନ୍ଧରେ ମଧ ଆଲୋକପାତ କରାଯାଇଥିଲା ।

# ବସ୍ତା ବିଧାୟିକାଙ୍କ ବାଲିଆପାଳ ବ୍ଲକରେ ସମୀକ୍ଷା ବୈଠକ



ଲଙ୍ଗଳେଶ୍ୱର , ୨୮/୬ (ନି.ପ୍ର): ନବ ନିର୍ବାଚିତ ବସ୍ତା ବିଧାୟିକା ସୁବାସିନୀ ଜେନା ଶୁକ୍ରବାର ବାଲିଆପାଳ ବ୍ଲକ କୁ ଯାଇ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପୂର୍ବରୁ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିବା ସହିତ ଅସମ୍ପୂର୍ଣ୍ଣ କାର୍ଯ୍ୟ କୁ ସମ୍ପୂର୍ଣ୍ଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ନୂଆ ପ୍ରକଳ୍ପଗୁଡିକ ନିମନ୍ତେ ଏକ ରୋର୍ଡ ମ୍ୟାପ୍ କରିବାକୁ ବିଧାୟିକା ଜେନା ମଧ୍ୟ ପରାମର୍ଶ ଦେଇ ଥିଲେ। ଅଧିକାରୀମାନେ ପ୍ରତିବଦ୍ଧତା ରଖି କାର୍ଯ୍ୟ କଲେ ଧାର୍ଯ୍ୟ ସମୟରେ ସମସ୍ତ କାର୍ଯ୍ୟ ହୋଇ ପାରିବ ବୋଲି ବିଧାୟିକା ଜେନା କହିଥିଲେ। ବୈଠକ ପ୍ରାରମ୍ଭରେ ବ୍ଲକ୍ କର୍ତୃପକ୍ଷ ଓ କର୍ମଚାରୀଙ୍କ ପକ୍ଷରୁ ବିଧାୟିକା ଜେନାଙ୍କୁ ଫୁଲ ତୋଡା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଠକରେ ବିଡିଓ ବିନୋଦ ଚନ୍ଦ୍ର ପଣ୍ଡା, ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ, ଜିଲ୍ଲା ପରିଷଦ ସଭ୍ୟ ନିଶାକର ସେଠୀ, ବେଣୁଧର ଜେନା, କାଞ୍ଚନ ଜେନା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ପଞ୍ଚାୟତ ସମିତି ଅଧକ୍ଷା ରଞ୍ଜିତା ନାୟକ, ଉପାଧକ୍ଷ ରାଜେଶ ଚୌଧୁରୀ ପ୍ରମୁଖଙ୍କୁ ବୈଠକରେ ଦେଖିବାକୁ ମିଳି ନ ଥିଲା।

# ଜୁନ୍ ୩ ତାରିଖଠାରୁ କାର୍ଯ୍ୟରେ ଯୋଗଦେଲେଣି ଆଶିଷ ସିଂହ : ଡିଜିପି

ଭୁବନେଶ୍ୱର, ୨୮/୬ (ନି.ପ୍ର): ଆଇପିଏସ୍ ଆଶିଷ ସିଂହଙ୍କୁ ନେଇ ଗୃହ ବିଭାଗର ପ୍ରଶ୍ନ ଉପରେ ସ୍ପଷ୍ଟୀକରଣ ରଖିଛନ୍ତି ଡିଜିପି ଅରୁଣ ଷଡ଼ଙ୍ଗୀ। ସେ କହିଛନ୍ତି ଯେ ଆଶିଷ ଜୁନ୍ ୩ ତାରିଖଠାରୁ କାର୍ଯ୍ୟରେ ଯୋଗଦେଇଛନ୍ତି। ଗତ ୧୭ ତାରିଖରେ ଡିଜିପି କ୍ୟାମ୍ପ ଅଫିସ ମିଟିଂରେ ବି ସେ ସାମିଲ ଥିଲେ। ଆଶିଷ ତାଙ୍କ ଜଏନିଂ ରିପୋର୍ଟ ଏସ୍‌ଆଇଡବ୍ଲୁରେ ଦେଇଛନ୍ତି। ଏହା ରୁଟିନ୍ କରେସ୍‌ପଣ୍ଡେଂଟ, ହୁଏତ ଚିଠିଟି ରହିଯାଇଥିବ। ଏବେ ଗୃହ ବିଭାଗକୁ ଏନେଇ ଅବଗତ କରାଇ ଦିଆଯାଇଛି ବୋଲି କହିଛନ୍ତି ଡିଜିପି ଅରୁଣ ଷଡଙ୍ଗୀ। ସୂଚନାଯୋଗ୍ୟ ଯେ ଆଇପିଏସ୍ ଆଶିଷ ସିଂହ ଏବେ କେଉଁଠି ବୋଲି ପ୍ରଶ୍ନ କରି ଗୃହ ବିଭାଗ ଗତକାଲି ପାଲିସ ଡିଜିଙ୍କୁ ଚିଠି ଲେଖିଥିଲା। ଆଶିଷ ଚାକିରିରେ ଯୋଗ ଦେଲେଣି କି ? ସ୍ୱାସ୍ଥ୍ୟଗତ କାରଣ ନେଇ ମେ' ୪ରୁ ମାସେ ଛୁଟି ନେଇଥିଲେ ଆଶିଷ। ମାସେରୁ ଅଧିକ ବିତିଥିଲେ ବି ତାଙ୍କ ବିଷୟରେ କିଛି ସୂଚନା ନାହିଁ। ସେ କାର୍ଯ୍ୟରେ ଯୋଗଦେଲେଣି ନା ଛୁଟି ବଢ଼ାଇଛନ୍ତି, ବିଭାଗକୁ ଖବର ମିଳିନି। ତେଣୁ ତାଙ୍କ ବିଷୟରେ ତୁରନ୍ତ ଜଣାଇବାକୁ ଡିଜିପିଙ୍କୁ ଚିଠିରେ ଉଲ୍ଲେଖ କରାଯାଇଥିଲା।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo